
READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews


EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524


ଆରମ୍ଭ ହେଲା କଟକଣା ...

ବର୍ଷ-୬ ସଂଖ୍ୟା-୨୫ ୦୪ - ୧୦ ଜୁଲାଇ, ୨୦୨୨ ଭୁବନେଶ୍ୱର Monday Weekly VOL-6 ISSUE-25 04th - 10th JULY, 2022 BHUBANESWAR ₹ 5/- (8 Pages)

## ମୁମ୍ବାଇ ହେଲା ମହଙ୍ଗା ସହର
### ରହିବା, ଖାଇବା ସବୁ ମହଙ୍ଗା



**ମୁମ୍ବାଇ:** ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇ ହେଉଛି ଅନ୍ୟ ସହରର ଲୋକମାନଙ୍କ ପାଇଁ ସବୁଠାରୁ ମହଙ୍ଗା ସହର ଯେଉଁଠାରେ 'ଦିଲ ୱାଲୋ କି ଦିଲ୍ଲୀ' ରହିବା ଏବଂ ଗୃହ ଖର୍ଚ୍ଚ ଦୃଷ୍ଟିରୁ ଦ୍ୱିତୀୟ ସ୍ଥାନରେ ରହିଛି। 'କଷ୍ଟ ଅଫ ଲିଭିଂ ସର୍ଭେ-୨୦୨୨' ଅନୁଯାୟୀ, ମୁମ୍ବାଇ ହେଉଛି ୧୨୭ ତମ ମାନ୍ୟତା ସହ ଦେଶରେ ରହିବା ଏବଂ ଖାଇବା ପାଇଁ ସବୁଠାରୁ ମହଙ୍ଗା ସହର । ଏହି ସମୟରେ ଦିଲ୍ଲୀ ଏହି ତାଲିକାରେ ୧୫୫ ତମ, ଚେନ୍ନାଇ ୧୭୭ ତମ ଏବଂ ବାଙ୍ଗାଲୋର ୧୭୮ ତମ ସ୍ଥାନରେ ରହିଛି । ସର୍ବେକ୍ଷଣରୁ ଜଣାପଡିଛି ଯେ ପୁଣେ ଦେଶର ସବୁଠାରୁ ସୁଲଭ କିମ୍ବା ସର୍ବନିମ୍ନ ଦାମୀ ସହର ଭାବରେ ୨୦୧ ତମ ଏବଂ କୋଲକାତା ୨୦୩ ତମ ସ୍ଥାନ ଅଧିକାର କରିଛି। ବିଶ୍ୱର ସହର ତାଲିକାରେ ଥିବା ବିଦେଶୀମାନଙ୍କ ପାଇଁ ଏହି ସମସ୍ତ ଭାରତୀୟ ସହର ସର୍ବନିମ୍ନ ମୂଲ୍ୟ ଅଟେ । ଏଥି ସହିତ, ବିଶ୍ୱସ୍ତରରେ ହଂକଂରେ ରହିବା ବିଶ୍ୱର ଅନ୍ୟ ସହର ତୁଳନାରେ ପକେଟରେ ସର୍ବାଧିକ ବୋଝ ହେବ । ଜେନେଭାର ଜୁରିଚ, ସ୍ୱିଜରଲ୍ୟାଣ୍ଡର ବେସେଲ ଏବଂ ଇସ୍ରାଏଲର ତେଲ ଆଭିଭ, ଆମେରିକାର ନ୍ୟୁୟର୍କ, ସିଙ୍ଗାପୁର, ଜାପାନର ଟୋକିଓ ଏବଂ ଋଇନାରେ ବେଜିଂ ମଧ୍ୟ ବହୁମୂଲ୍ୟ ସହରରେ ଅନ୍ତର୍ଭୁକ୍ତ। ଏହି ସର୍ଭେ ଚଳିତ ବର୍ଷ ମାର୍ଚ୍ଚରେ ମସର୍ ଦ୍ୱାରା କରାଯାଇଥିଲା । ଏହି ବର୍ଷର ର୍‌ୟାଙ୍କିଙ୍ଗରେ ପାଞ୍ଚଟି ମାଳଦ୍ୱୀପର ୨୨୭ ଟି ସହରରେ ଗୃହ, ପରିବହନ, ଖାଦ୍ୟ, ପୋଷାକ, ଘରୋଇ ସାମଗ୍ରୀ ଏବଂ ମନୋରଞ୍ଜନ ସମେତ ୨୦୦ ରୁ ଅଧିକ ଜିନିଷର ମୂଲ୍ୟ ତୁଳନା କରାଯାଇଛି। ➤ ପୃ-୬

### ଦର୍ଶନ କଲେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ
# ଶରଧାବାଲିରେ ଚତୁର୍ଦ୍ଧାମୂର୍ତ୍ତି

**ପୁରୀ :** ମହାମାରୀ କରୋନା ଯୋଗୁ ବିଗତ ୨ ବର୍ଷ ହେବ ସାଧାରଣ ଭକ୍ତଙ୍କ ରଥଯାତ୍ରା ଦେଖିବା ଉପରେ କଟକଣା ଥିଲା। ଦୁଇ ବର୍ଷ ପରେ ଭକ୍ତଙ୍କ ଗହଣରେ ହେଲା ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା। ବଡ଼ ଦାଣ୍ଡରେ ଭକ୍ତ ଓ ଭଗବାନଙ୍କ ହେଲା ଅପୂର୍ବ ମିଳନ। ନିର୍ଦ୍ଧାରିତ ସମୟର ଯଥେଷ୍ଟ ପୂର୍ବରୁ ହେଲା ନୀତିକାନ୍ତି । ଘଣ୍ଟ ଘଣ୍ଟା ଜୟ ଜଗନ୍ନାଥ ଧ୍ୱନୀରେ ପ୍ରକମ୍ପିତ ହେଲା ବଡ଼ଦାଣ୍ଡ। ଘର ଘର ନାଦ କରି ବଡ଼ଦାଣ୍ଡରେ ଗଡ଼ିଲା ବଡ଼ ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ, ଦେବୀ ସୁଭଦ୍ରାଙ୍କ ଦର୍ପ ଦଳନ ଓ ମହାପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ। ତିନି ରଥ ଶରଧାବାଲିରେ ପହଞ୍ଚି ସାରିଛି। ପତିତ ଉଦ୍ଧାର ପାଇଁ ରତ୍ନ ସିଂହାସନରୁ ଓହ୍ଲାଇ ଆସିଲେ



ପତିତପାବନ। ବଡ଼ଦାଣ୍ଡରେ ହେଲା ଭକ୍ତ-ଭଗବାନଙ୍କ ଅପୂର୍ବ ମିଳନ। ନିର୍ଦ୍ଧାରିତ ସମୟର ଢ଼େର ପୂର୍ବରୁ ହେଲା ନୀତିକାନ୍ତି। ଭୋର୍ ୩ଟାରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହୋଇଥିଲା ମଙ୍ଗଳ ଆଳତୀ, ସାଢ଼େ ୩ଟାରେ ଶେଷ ହୋଇଥିଲା ମଇଲମ ନୀତି। ସକାଳ ପ୍ରାୟ ୬ଟା ବେଳକୁ ହୋଇଥିଲା ରଥ ପ୍ରତିଷ୍ଠା କାର୍ଯ୍ୟ। ନୀତିକାନ୍ତି ୩ଘଣ୍ଟା ଆଗୁଆ ଚାଲିଥିବାରୁ ସକାଳ ୬ଟାରୁ ଆରମ୍ଭ ହୋଇଯାଇଥିଲା ଶ୍ରୀବିଗ୍ରହମାନଙ୍କ ପହଣ୍ଡି ବିଜେ। ପ୍ରଥମେ ଚକ୍ରରାଜ ସୁଦର୍ଶନ ମହାପ୍ରଭୁଙ୍କ ପହଣ୍ଡି କରିଥିଲେ ସେବାୟତମାନେ। ଦେବୀ ସୁଭଦ୍ରଙ୍କ ଦର୍ପଦଳନ ରଥରେ ପ୍ରଭୁ ସୁଦର୍ଶନ ବିରାଜିବା ପରେ ବଡ଼ ଠାକୁର ମହାପ୍ରଭୁ ➤ ପୃ-୬

### ପେଟାନାଳ ପୁନରୁଦ୍ଧାର ପାଇଁ ଅଭିନବ ପ୍ରତିବାଦ
## ନାଳ ପାଣିରେ ପଶିଲେ ବିଧାୟକ




**ଭୁବନେଶ୍ୱର :** ପେଟାନାଳର ପୁନରୁଦ୍ଧାର ପାଇଁ ସରକାରଙ୍କ ପାଖରେ ବାରମ୍ବାର ନିବେଦନ କରିବା ସତ୍ତ୍ୱେ କୌଣସି ସମାଧାନ ନହେବାରୁ ନାଳ ଭିତରେ ପଶି ଅଭିନବ ପ୍ରତିବାଦ କରିଛନ୍ତି ବିଧାୟକ ମହମ୍ମଦ ମୋକିମ। ନର୍ଦ୍ଦମା ପାଣିରେ ପଶିଲେ ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ ପ୍ଲାକାର୍ଡ ଧରି ପ୍ରତିବାଦ କରିଥିବା ଦୃଶ୍ୟ ଅଲୋଡନ ସୃଷ୍ଟି କରିଛି। ➤ ପୃ-୬

## ଦେଶବାସୀଙ୍କୁ କ୍ଷମା ମାଗନ୍ତୁ ନୂପୁର : ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ :** ପ୍ରଫେଟ ମହମ୍ମଦଙ୍କ ବିରୋଧରେ ବିବାଦୀୟ ମନ୍ତବ୍ୟ ଦେଇ ଚର୍ଚ୍ଚାକୁ ଆସିଥିବା ବିଜେପିର ପୂର୍ବତନ ରାଷ୍ଟ୍ରୀୟ ମୁଖପାତ୍ର ନୂପୁର ଶର୍ମାଙ୍କୁ ସୁପ୍ରିମକୋର୍ଟ କଡା ନିନ୍ଦା କରିଛନ୍ତି। ନୂପୁର ଶର୍ମା ଟିଭି ସାମ୍ନାକୁ ଆସି ସମଗ୍ର ଦେଶବାସୀଙ୍କୁ କ୍ଷମା ମାଗିବାକୁ କହିଛନ୍ତି ସର୍ବୋଚ୍ଚ ଅଦାଲତ। ଏଥିସହ ଉଦୟପୁର ଘଟଣାରେ ତାଙ୍କୁ କୋର୍ଟ ଦାୟୀ କରିଛନ୍ତି। ତାଙ୍କ ଯୋଗୁ ହିଁ ଏଭଳି ବିଭତ୍ସ ହତ୍ୟାକାଣ୍ଡ ଘଟିଥିବା ସୁପ୍ରିମକୋର୍ଟ କହିଛନ୍ତି। ଆଜି ନୂପୁର ଶର୍ମା ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଭିନ୍ନ ଭିନ୍ନ ରାଜ୍ୟରେ ତାଙ୍କ ବିରୋଧରେ ଯେତିକି



ବି ମାମଲା ରୁଜୁ ହୋଇଛି ସେ ସବୁକୁ ଦିଲ୍ଲୀ ଟ୍ରାନ୍ସଫର କରିବା ପାଇଁ ସେ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ତାଙ୍କର ଏହି ଆବେଦନ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ତାଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି, 'ତାଙ୍କ ମନ୍ତବ୍ୟ ସାରା ଦେଶରେ ଲୋକଙ୍କ ମନରେ ଉତ୍ତେଜନା ସୃଷ୍ଟି କରିଛି। ଆଜି ଦେଶରେ ଯାହା ଘଟୁଛି ସେଥିପାଇଁ ସେ ଦାୟୀ। କୋର୍ଟ କହିଛନ୍ତି ଯେ ଆମେ ବିତର୍କ ଦେଖିଛୁ, ଏଥିରେ ଲୋକଙ୍କୁ ଭଡକାଇବା ପାଇଁ ସେ ଚେଷ୍ଟା କରିଥିଲେ। କିନ୍ତୁ ଏହା ପରେ ସେ ଯାହା କହିଥିଲେ ତାହା ଅଧିକ ଲଜ୍ଜାଜନକ ଅଟେ।' ସୁପ୍ରିମକୋର୍ଟ ଆହୁରି କହିଛନ୍ତି, 'ନୂପୁର ଶର୍ମା ଓ ତାଙ୍କ ➤ ପୃ-୬

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଦେଖିଲେ ମୁଖ୍ୟମନ୍ତ୍ରୀ



**ପୁରୀ :** ରଥଯାତ୍ରାରେ ପୁରୀ ଯାଇ ପରିକ୍ରମା ପ୍ରକଳ୍ପ କାମ ବୁଲି ଦେଖିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ପଞ୍ଜାବୀ ମଠ ନିକଟରେ ନିର୍ମାଣ କାମ ପରିଦର୍ଶନ କରିଛନ୍ତି। କେତେ ପ୍ରତିଶତ କାର୍ଯ୍ୟ ଶେଷ ହୋଇଛି ? ପରିକ୍ରମା ପ୍ରକଳ୍ପ ମ୍ୟାପ୍ ଦେଖି ନିର୍ମାଣ କାର୍ଯ୍ୟର ଅଗ୍ରଗତି ପଚାରି ବୁଝିଛନ୍ତି ମୁଖ୍ୟମନ୍ତ୍ରୀ। ଉତ୍କଳୀୟ ଢାଞ୍ଚାରେ ଖଣ୍ଡୋଲାଇଟ୍ ପଥରରେ କାମ ହୋଇଛି। ଯାହା ଅତ୍ୟନ୍ତ ସୁନ୍ଦର ଓ ଆକର୍ଷଣୀୟ ଦେଖାଯାଉଛି। ➤ ପୃ-୬

### ବକ୍ରବାଣୀ



ଅନ୍ୟର ଧର୍ମକୁ ତାଚ୍ଛଲ୍ୟ କରି
ମନ ମହତକୁ ଦେଲା ସେ ସାରି
ଦେଶର ରାଜସ୍ୱ ବର୍ବାଦ୍ ହୁଏ
ସର୍କାରୀ ଖର୍ଚ୍ଚରେ ସୁରକ୍ଷା ପାଏ
ଅପନିନ୍ଦା ସବୁ ଚାପିବା ପାଇଁ
ଅଗ୍ନିବୀର ସ୍କିମ୍ ଆଣିଲେ ସାଇଁ
କୋର୍ଟ୍ କହିଲାଣି ଭୁଲ୍ ମାଗନ୍ତୁ
ଏମିତି କହିବା ବନ୍ଦ କରନ୍ତୁ
ଭାଇଚାରା କଥା କହିବ ଯିଏ
ଭକତଙ୍କ ପାଇଁ ଶତ୍ରୁଟେ ସିଏ।

——— ଟୁଟୁ

## ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଭାବେ ସିନ୍ଦେ ନେଲେ ଶପଥ
### ଦେବେନ୍ଦ୍ର ଫଡନାଭିସ ରାଜ୍ୟର ନୂତନ ଉପମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀ :** ଶିବସେନାର ଏକନାଥ ସିନ୍ଦେ ଗୁରୁବାର ସନ୍ଧ୍ୟାରେ ମହାରାଷ୍ଟ୍ରର ନୂତନ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଛନ୍ତି। ଦେବେନ୍ଦ୍ର ଫଡନାଭିସ ରାଜ୍ୟର ନୂତନ ଉପମୁଖ୍ୟମନ୍ତ୍ରୀ ହୋଇଥିଲେ। ରାଜ ଭବନରେ ଏକନାଥ ସିନ୍ଦେ ଏବଂ ଦେବେନ୍ଦ୍ର ଫଡନାଭିସଙ୍କ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ଶିବସେନା ଏବଂ ବିଜେପିର ଅନ୍ୟ ଅନେକ ନେତା ମଧ୍ୟ ଉପସ୍ଥିତ ଥିଲେ। ଆସନ୍ତୁ ସୂଚନା ଦେବା ଯେ ଏକନାଥ ସିନ୍ଦେଙ୍କ ସିଏମ ଭାବରେ ଶପଥ ଗ୍ରହଣ କରିବା ପରେ ଆସନ୍ତା କିଛି ଦିନ ମଧ୍ୟରେ ମହାରାଷ୍ଟ୍ରର ନୂତନ କ୍ୟାବିନେଟ ନିଷ୍ପତ୍ତି ନିଆଯିବ। ଗୁରୁବାର ସନ୍ଧ୍ୟାରେ ଏକ ସାମ୍ବାଦିକ ସମ୍ମିଳନୀରେ ଦେବେନ୍ଦ୍ର ଫଡନାଭିସ କହିଛନ୍ତି ଯେ ଏକନାଥ ସିନ୍ଦେ ମହାରାଷ୍ଟ୍ରର ନୂତନ ସିଏମ ଭାବରେ ଶପଥ ଗ୍ରହଣ କରିବେ ଏବଂ ଆସନ୍ତା



କିଛି ଦିନ ମଧ୍ୟରେ ତାଙ୍କ କ୍ୟାବିନେଟ ଶପଥ ଗ୍ରହଣ କରିବ। ଏହି ସମୟରେ ଦେବେନ୍ଦ୍ର ଫଡନାଭିସ ଘୋଷଣା କରିଥିଲେ ଯେ ସେ ରାଜ୍ୟର ସିନ୍ଦେ ସରକାରର ଅଂଶ ହେବେ ନାହିଁ ଏବଂ ତାଙ୍କୁ ବାହାରୁ ସମର୍ଥନ କରିବେ। ଏହାପୂର୍ବରୁ ଦେବେନ୍ଦ୍ର ଫଡନାଭିସ ଏକନାଥ ସିନ୍ଦେଙ୍କ ସହ ରାଜ୍ୟପାଳଙ୍କୁ ➤ ପୃ-୬

### ଏଏସ୍ଆଇଙ୍କୁ ସୁରକ୍ଷା ଦେବାକୁ ଅଣ୍ଟା ଭିଡିଲେ ଆଇଆଇସି
## କହିଲେ କଥା ଆଉ ଆଗକୁ ବଢ଼ାଅନି

**ଭୁବନେଶ୍ୱର :** କେତେ ଖାଇଲେ ଧଉଳି ଥାନା ଏଏସ୍ଆଇ ମନ୍ମଥ ବେହେରା ତାହାର ତଥ୍ୟ ହୋଇନାହିଁ। କିନ୍ତୁ ସେ ଯେଭଳି ଭାବେ ଗୋଟିଏ ପକ୍ଷକୁ ସହଯୋଗ କଲେ ଏବଂ ଅନ୍ୟ ପକ୍ଷକୁ ଅସୁବିଧାରେ ପକାଇଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। କାରଣ କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଏହାକୁ ବେଖାତିର କରି ଏଏସ୍ଆଇ ଶ୍ରୀ ବେହେରା ଯେଭଳି ଅଭିଯୋଗକାରୀଙ୍କୁ ସହଯୋଗ କରିବା ବଦଳରେ ଯାହା ବିରୁଦ୍ଧରେ ଅଭିଯୋଗ ହୋଇଛି ତାଙ୍କୁ ନାଟକୀୟ ଢଙ୍ଗରେ ସହଯୋଗ କଲେ। ବିଶେଷ ସୂତ୍ରରୁ ଯାହା ଜଣାପଡିଛି, ଗଣମାଧ୍ୟମରେ ଖବର ପ୍ରକାଶ ପରେ ଥାନା ଆଇଆଇସି ଅଭିଯୋଗକାରୀଙ୍କୁ ଥାନାକୁ ଡାକି ପରାମର୍ଶ ଦେଇଛନ୍ତି ମାମଲାର ଆପୋଷ ସମାଧାନ କରିଦିଅ। କଥା ଆଉ ଆଗକୁ



ବଢ଼ାଅନାହିଁ। କିନ୍ତୁ ପ୍ରଶ୍ନ ଉଠୁଛି ଉକ୍ତ ଘଟଣାରେ ଏଏସ୍ଆଇ ମନ୍ମଥ ବେହେରାଙ୍କର କେଉଁ ସ୍ୱାର୍ଥ ନିହିତ ଥିଲା। ଯେଉଁଥିପାଇଁ ସେ ଆଇନର ଖୋଲା ଉଲ୍ଲଙ୍ଘନ କରିବାକୁ ମଧ୍ୟ ପଛାଇଲେ ନାହିଁ। ଭିତିରି ଖବର ଅନୁସାରେ ଏଏସ୍ଆଇ ଶ୍ରୀ ବେହେରା ଯାହାଙ୍କ ବିରୋଧରେ ଅଭିଯୋଗ ହୋଇଥିଲା ତାଙ୍କ ଠାରୁ ମୋଟା ଅଙ୍କର ମାଲ ପାଇଛନ୍ତି। ଯେଉଁଥିପାଇଁ ସେ ନିୟମକୁ ➤ ପୃ-୬




# ଯନ୍ତ୍ରୀଙ୍କ କୋଟି କୋଟି ଟଙ୍କା ଆୟ ବର୍ହିଭୂତ ସମ୍ପତ୍ତି ଠୁଳ

**ଜଗତସିଂହପୁର,(ଜ୍ୟୋତିରଞ୍ଜନ ପଟ୍ଟନାୟକ) :** ରାଜ୍ୟ ସରକାରଙ୍କର ସ୍ୱଚ୍ଛ ଶାସନରେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ଉଚ୍ଚ ପଦସ୍ଥ ଅଧିକାରୀମାନଙ୍କ ଉପରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଜୋରଦାର ଚଢାଉ କରାଯାଇ କୋଟି କୋଟି ଟଙ୍କାର ଆୟ ବର୍ହିଭୁତ ସମ୍ପତି ଠାବ କରାଯାଇ ସେମାନଙ୍କୁ ଚାକିରିରୁ ବହିଷ୍କୃତ କରାଯାଉଥିବା ବେଳେ ଜଳ ଯୋଗାଣ ବିଭାଗର ଜଣେ ମହିଳା କନିଷ୍ଠ ଯନ୍ତ୍ରୀଙ୍କ ନାମରେ ଭିଜିଲାନ୍ସ ବିଭାଗକୁ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ କଣ ପାଇଁ କାର୍ଯ୍ୟାନୁଷ୍ଠାନ କରାଯାଉନାହିଁ ସେ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି। ଏଠାରେ ପ୍ରକାଶଥାଉକି ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ ବିଦ୍ୟାଧରପୁର ପଞ୍ଚାୟତରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଲକ୍ଷ ଲକ୍ଷ ଟଙ୍କା ପୂର୍ବତନ ସରପଂଚ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଜଳ ଯୋଗାଣ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ(୨)ଙ୍କ ମିଳିତ ଉଦ୍ୟମରେ ବ୍ୟାପକ ମିଥ୍ୟାବିଲ୍ ପ୍ରସ୍ତୁତ କରି ହରିଲୁଟ୍ କରିଥିବା ଘଟଣାକୁ ପଞ୍ଚାୟତର କିଛି ସଚେତନ ନାଗରିକ ସୂଚନା ଆଇନବଳରେ ତଥ୍ୟ ସଂଗ୍ରହ କରି ଭିଜିଲାନ୍ସ ବିଭାଗରେ ସତ୍ୟପାଠ ସହ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ପାଇ ଏପର୍ଯ୍ୟନ୍ତ ଭିଜିଲାନ୍ସ ବିଭାଗ ଘଟଣାର ଖୁଲାସା କରିବା ପାଇଁ ସଲାସୁତୁରା କରି ଘଟଣାର ରଫାଦଫା କରିଦେବା ନିମନ୍ତେ ଭିତିରିଆ ସହଯୋଗ କରୁଥିବାର ସାଧାରଣରେ ଆଲୋଚନା ହେଉଛି। ଯନ୍ତ୍ରୀ ଓ ଭିଜିଲାନ୍ସ ବିଭାଗ ମଧ୍ୟରେ ଏପରି କି ସଲାସୁତୁରା ହେଲା ଯେ ତଦନ୍ତ ଆଉ ପାଦେ ମଧ୍ୟ ଆଗକୁ ଯାଉନାହିଁ କି ତିନିଜଣଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ ବୋଲି ପଂଚାୟତବାସୀ ଅଭିଯୋଗ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଏହି ଜଳ ଯୋଗାଣ ଓ ପରିମଳ ବିଭାଗର କନିଷ୍ଠଯନ୍ତ୍ରୀ(୨) ରଘୁନାଥପୁର ବ୍ଲକ୍ ରେ ଦୀର୍ଘ ଦିନ ରହି ସ୍ୱଚ୍ଛ ଭାରତ ଅଭିଯାନରେ ୧୯ ଗୋଟି ପଂଚାୟତରେ ପାଇଖାନା ପ୍ରଦାନ ବାବଦକୁ କୋଟି କୋଟି ଟଙ୍କା ମିଥ୍ୟାବିଲ୍ ଜରିଆରେ

### ଭିଜିଲାନ୍ସ-ଯନ୍ତ୍ରୀଙ୍କ ମଧ୍ୟରେ ସଲାସୁତୁରା
### କନିଷ୍ଠ ଯନ୍ତ୍ରୀଙ୍କ ଉପରେ ନଜର ପଡୁନି
### ଅଭିଯୋଗ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ୍

ନେଇଯିବା ସହ ୧୦ଗୋଟି ପଂଚାୟତରେ ଜଳ ଯୋଗାଣ ନାମରେ ବିଭିନ୍ନ ସ୍କିମ୍ ଜରିଆରେ ଲକ୍ଷ ଲକ୍ଷ ଟଙ୍କା ମିଥ୍ୟା ବିଲ୍ କରି ଲୁଟି ନେଇଛନ୍ତି। ରଘୁନାଥପୁର ବ୍ଲକରେ ଦୀର୍ଘବର୍ଷ ଧରି କନିଷ୍ଠ ଯନ୍ତ୍ରୀ ଥିବା ବେଳେ ଏଅଞ୍ଚଳର କିଛି ରାଜନୈତିକ ନେତାଙ୍କୁ ହାତ କରି ବେଶ ଅର୍ଥ ଆଦାୟ କରିବାରେ ସକ୍ଷମ ହୋଇଥିଲେ। ଏତେଗୁଡିଏ କେଳେଙ୍କାରୀ ପରେ ଏବଂ ବାରବାର ଅଭିଯୋଗ ଓ ଗଣମାଧ୍ୟମରେ ଘଟଣାର ପର୍ଦ୍ଦାଫାସ ହେଲାପରେ ଏବେ ରଘୁନାଥପୁର ଅଂଚଳରୁ ଅତି ଚତୁରତାର ସହ ବଦଳି ହୋଇ ତିର୍ତୋଲ ବ୍ଲକ ଅଞ୍ଚଳକୁ ପଳାଇଛନ୍ତି। ➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** ସ୍ୱାସ୍ଥ୍ୟ ଠିକ୍ ରହିବ। ହଠାତ୍ ଯାତ୍ରା କରିପାରନ୍ତି। ସଠିକ୍ ନିବେଶ ଯୋଗୁଁ ଧନପ୍ରାପ୍ତି ଯୋଗ ଅଛି। ନିଜର ଭାବନାକୁ ଅନ୍ୟ ସହ ବାଣ୍ଟନ୍ତୁ ନାହିଁ। ଛାତ୍ରମାନେ କମ ପରିଶ୍ରମ କରି ଭଲ ଫଳ ପାଇବେ। ପ୍ରତିକାର : ପ୍ରତିଦିନ ୫୦ଥର ଓଁ ରାହବେହ ନମଃ ଜପ କରନ୍ତୁ।

**ବୃଷ** ଥକାପଣ ଅନୁଭବ କରିବେ। ପରିବାରରେ ମାଙ୍ଗଳିକ କାର୍ଯ୍ୟ ହୋଇପାରେ। ଅଧିକ ବ୍ୟୟ ଯୋଗ ଅଛି। ରୋକିଥିବା କାର୍ଯ୍ୟ ଆରମ୍ଭ କରିପାରନ୍ତି। ଛାତ୍ରମାନେ ବିଦେଶରେ ପାଠ ପଢ଼ିବେ। ପ୍ରତିକାର : ୩୩ଥର ଓଁ ଶୁକ୍ରାୟନମଃ ଜପନ୍ତୁ।

**ମିଥୁନ** ମନ ଅସ୍ଥିର ରହିବ। ଅନେକ ସୂତ୍ରରୁ ଅର୍ଥ ଲାଭ ଯୋଗ ଅଛି। ପରିବାରରୁ ସହଯୋଗ ପାଇବେ। ଆଖି ବନ୍ଦ କରି କାହାକୁ ବିଶ୍ୱାସ କରନ୍ତୁ ନାହିଁ। ପ୍ରତିକାର: ବିଷ୍ଣୁ ସହସ୍ର ନାମ ପାଠ କରନ୍ତୁ।

**କର୍କଟ** ନିଜର ସୁଖ ସୁବିଧା ପାଇଁ ଅତ୍ୟଧିକ ଖର୍ଚ୍ଚ କରିପାରନ୍ତି। ସାମାଜିକ କାର୍ଯ୍ୟ କରିପାରନ୍ତି। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। ପ୍ରତିକାର : ୪୪ଥର ଓ ମାଣ୍ଡବାୟ ନମଃ ଜପ କରନ୍ତୁ।

**ସିଂହ** ପୁରୁଣା ରୋଗରୁ ମୁକ୍ତି ମିଳିବ। ଆୟ ଓ ବ୍ୟୟ ଉଭୟ ବୃଦ୍ଧି ହେବ। ମାଆଙ୍କ ପୁରୁଣା ରୋଗରୁ ମୁକ୍ତି ପାଇବେ। ଭ୍ରମଣରେ ଯାଇପାରନ୍ତି। ପ୍ରତିକାର : ୨୧ଥର ଓଁ ଗୁରୁବେ ନମଃ ଜପ କରନ୍ତୁ।

**କନ୍ୟା** କୌଣସି ନିଜ ଲୋକ ଧନ ଉଧାର ମାଗି ପାରନ୍ତି। ପାରିବାରିକ କାର୍ଯ୍ୟରେ ବ୍ୟସ୍ତ ରହିବେ। କାର୍ଯ୍ୟକ୍ଷେତ୍ରରେ ସଫଳତା ମିଳିବ। ଛାତ୍ରମାନଙ୍କୁ ସୁଫଳ ମିଳିବ। ପ୍ରତିକାର : ଦୁର୍ଗା ଚାଳିଶା ପାଠ କରନ୍ତୁ।

**ତୁଳା** ଖରାପ ଅଭ୍ୟାସ ଛାଡି ପାରନ୍ତି। ଅନେକ ମାର୍ଗରୁ ଧନପ୍ରାପ୍ତି ଯୋଗ ଅଛି। ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ପୁରା କରିବା ପାଇଁ ଚେଷ୍ଟା କରନ୍ତୁ। ଛାତ୍ରୀମାନଙ୍କ ପାଇଁ ସମୟ ଉତ୍ତମ। ପ୍ରତିକାର : ଲଳିତା ସହସ୍ର ନାମ ପାଠ କରନ୍ତୁ।

**ବିଛା** ମନକୁ ଶାନ୍ତ ରଖନ୍ତୁ। ଉଧାର ଦିଅନ୍ତୁ ନାହିଁ କି ନିଅନ୍ତୁ ନାହିଁ। ପରିବାରର ସହଯୋଗ ପାଇବେ। କାର୍ଯ୍ୟକ୍ଷେତ୍ରରେ ବିରୋଧ ପାଇବେ। ଛାତ୍ରମାନେ ମନମୁତାବକ ଫଳ ପାଇବେ। ପ୍ରତିକାର: ଓଁ ଗଣପତୟେ ନମଃ ୨ଥର ଜପ କରନ୍ତୁ।

**ଧନୁ** ବ୍ୟୟରେ ଅହେତୁକ ବୃଦ୍ଧି ପାଇଁ ଉଧାର କରିପାରନ୍ତି। କିନ୍ତୁ ଆୟର ସ୍ରୋତ ଲାଗି ରହିବ। ମାନସମ୍ମାନ ବଢ଼ିବ। ପରିବାରରେ ମତାନ୍ତର ହୋଇପାରେ। ପ୍ରତିକାର : ୨୧ଥର ଓ ନମଃ ଶିବାୟ ଜପନ୍ତୁ।

**ମକର** କୌଣସି ସନ୍ଥଙ୍କ ଆଶୀର୍ବାଦ ପାଇବେ। ଧନ ସଞ୍ଚୟ କରନ୍ତୁ। ପରିବାର କୌଣସି ସଦସ୍ୟ ଚାକିରି ପାଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ପ୍ରଶଂସା ପାଇବେ। ପ୍ରତିକାର : ମଙ୍ଗଳବାର ଦିନ ଦେବୀ ଦୁର୍ଗାଙ୍କ ପାଇଁ ହୋମ କରନ୍ତୁ।

**କୁମ୍ଭ** ସ୍ୱାସ୍ଥ୍ୟରେ ଉନ୍ନତ ହେବ। ଧନ ଲଗାଇବା ବେଳେ ପରୀକ୍ଷା ନିରୀକ୍ଷା କରନ୍ତୁ। ନିଜେ ନିଜ ଉପରେ ଦୁଃଖିତ ହେବେ। କୌଣସି ଏକ ଯାତ୍ରାରୁ ଧନପ୍ରାପ୍ତି ଯୋଗ ଅଛି। ଛାତ୍ରମାନେ ସଫଳତା ପାଇବେ। ପ୍ରତିକାର : ଶନିବାର ଦିନ ବିକଳାଙ୍ଗଙ୍କୁ ଖାଦ୍ୟ ଦିଅନ୍ତୁ।

**ମୀନ** ଯେଉଁମାନଙ୍କ ପାଇଁ ଆପଣ କଷ୍ଟ ପାଉଛନ୍ତି ସେମାନଙ୍କ ସହ ସମ୍ପର୍କ ବଢ଼ାନ୍ତୁ ନାହିଁ। ଅନାବଶ୍ୟକ ଖର୍ଚ୍ଚ କରନ୍ତୁ ନାହିଁ। କାର୍ଯ୍ୟକ୍ଷେତ୍ରରେ ସଫଳତା ମିଳିବ। ପୂର୍ବର ମନାନ୍ତର ଦୂର ହେବ। ପ୍ରତିକାର : ୨୭ଥର ଓଁ କେତକେନମଃ ଜପ କରନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ୧୮ରୁ ସଂସଦର ମୌସୁମୀ ଅଧିବେଶନ



**ନୂଆଦିଲ୍ଲୀ :** ଆସନ୍ତା ଜୁଲାଇ ୧୮ରୁ ଆରମ୍ଭ ହେବ ସଂସଦର ମୌସୁମୀ ଅଧିବେଶନ। ଉଭୟ ଲୋକସଭା ଓ ରାଜ୍ୟସଭାର ଅଧିବେଶ ଜୁଲାଇ ୧୮ରୁ ଆରମ୍ଭ ହୋଇ ଅଗଷ୍ଟ ୧୨ ଯାଏ ଚାଲିବ। ସାଧାରଣତଃ ଜୁଲାଇ ତୃତୀୟ ସପ୍ତାହରେ ସଂସଦର ମୌସୁମୀ ଅଧିବେଶ ଆରମ୍ଭ ହୋଇଥାଏ ଓ ଏହା ସ୍ୱାଧୀନତା ଦିବସ ପୂର୍ବରୁ ଶେଷ ହୋଇଥାଏ। ଏଥର ମଧ୍ୟ ସେହି ସମୟରେ ଗୃହ କାର୍ଯ୍ୟ ଆରମ୍ଭ ହେବ ବୋଲି ଲୋକସଭା ସଚିବାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ଗତ ମୌସୁମୀ ଅଧିବେଶନ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ଅଧାରୁ ବନ୍ଦ ହୋଇଯାଇଥିଲା। ବିରୋଧୀ ଦଳ ଗୁଡ଼ିକ ପେଗାସସ୍ ସ୍ପାଇୱେୟାର ଉପରେ ବିତର୍କ କରିବାକୁ ଦାବି କରିବାରୁ ସରକାର ଏଥିରେ ରାଜି ହୋଇ ନଥିଲେ। ଏହାକୁ ନେଇ ବେଶ କିଛି ଦିନ ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଶେଷରେ ଉଭୟ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା। ଏଥର ମଧ୍ୟ ମୌସୁମୀ ଅଧିବେଶନ ବେଶ ସରଗରମ ହେବ। କେନ୍ଦ୍ର ସରକାର ଆଣିଥିବା ଅଗ୍ନିପଥ ଯୋଜନା, ଦରଦାମ ବୃଦ୍ଧି ଓ ବେକାରୀ ସମସ୍ୟାକୁ ବିରୋଧୀ ପୁଞ୍ଜି କରି ସରକାରଙ୍କୁ ଘେରିବାକୁ ଚେଷ୍ଟା କରିବେ। ମୌସୁମୀ ଅଧିବେଶର ପ୍ରଥମ ଦିନରେ ହିଁ ରାଷ୍ଟ୍ରପତି ନିର୍ବାଚନ ପାଇଁ ଭୋଟ ହେବ। ସେହିପରି ଅଗଷ୍ଟ ୬ରେ ଉପ ରାଷ୍ଟ୍ରପତି ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଉଭୟ ଲୋକସଭା ଓ ରାଜ୍ୟସଭାରେ ମୋଟ ୧୮ଟି କାର୍ଯ୍ୟ ଦିବସ ରହିଛି। ପ୍ରତିଦିନ ଦିନ ୧୧ଟାରୁ ଗୃହ କାର୍ଯ୍ୟ ଆରମ୍ଭ ହେବ। ଜୁଲାଇ ୧୮, ୧୯, ୨୦, ୨୧, ୨୨, ୨୫, ୨୬, ୨୭, ୨୮, ୨୯, ଅଗଷ୍ଟ ୧,୨,୩,୪, ୫, ୮, ୧୦, ୧୦ ଓ ୧୨ ତାରିଖରେ ଗୃହ କାର୍ଯ୍ୟ ଜାରି ରହିବ।

## କେନ୍ଦ୍ର ସରକାରଙ୍କ ବଡ ନିଷ୍ପତ୍ତି

# ଖୋଲା ବଜାରରେ ଅଶୋଧିତ ତୈଳ ବିକ୍ରିକୁ ଅନୁମତି





**ନୂଆଦିଲ୍ଲୀ :** କେନ୍ଦ୍ର ସରକାର ବୁଧବାର ବଡ ନିଷ୍ପତ୍ତିକ୍ରମେ ଘରୋଇ ଅଶୋଧିତ ତୈଳ କ୍ଷେତ୍ରକୁ ନିୟନ୍ତ୍ରଣ ମୁକ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆର୍ଥିକ ମାମଲାର କ୍ୟାବିନେଟ୍ କମିଟି ବୈଠକରେ ଏହି ପ୍ରସ୍ତାବକୁ ମଞ୍ଜୁରୀ ଦିଆଯାଇଛି। ଏବେ ଦେଶରେ ଅଶୋଧିତ ତୈଳ ଉତ୍ପାଦନକାରୀ କମ୍ପାନୀ ନିଜ ଇଚ୍ଛାରେ ଖୋଲା ବଜାରରେ କାହାକୁ ବି ଅଶୋଧିତ ତୈଳ ବିକ୍ରି କରି ପାରିବେ। ସରକାରଙ୍କ ଏହି ନିଷ୍ପତ୍ତିରେ ଓଏନଜିସି, ଓଏଲ ଇଣ୍ଡିଆ ଏବଂ ଘରୋଇ ତୈଳ ଉତ୍ପାଦନକାରୀ କମ୍ପାନୀକୁ ବହୁତ ଫାଇଦା ମିଳିବ। ନୂତନ ନୀତି ଅକ୍ଟୋବର ୧ରୁ ଲାଗୁ ହେବ। ସଂପ୍ରତି ତୈଳ ଉତ୍ପାଦନକାରୀ କମ୍ପାନୀ ସରକାରଙ୍କ ଦ୍ୱାରା ଆବଣ୍ଟନ ଆଧାରରେ ତେଲ ବିକ୍ରି କରୁଛନ୍ତି। ଏହି ନିଷ୍ପତ୍ତି ବିଷୟରେ ସୂଚନା ଦେଇ କେନ୍ଦ୍ର ମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି, ନୂତନ ବ୍ୟବସ୍ଥା ଲାଗୁ ହେଲେ ଦେଶରେ ଅଶୋଧିତ ତୈଳ ଉତ୍ପାଦନ ବୃଦ୍ଧି ଘଟିବ। ଭାରତ ନିଜ ଆବଶ୍ୟକତାର ୮୫ ପ୍ରତିଶତ ତୈଳ ଆମଦାନୀ କରିଥାଏ। ଏହି ନିଷ୍ପତ୍ତିରେ ଆମଦାନୀ ଉପରୁ ନିର୍ଭରତା କିଛିଟା ହ୍ରାସ ଘଟିବ। ଘରୋଇ ଏବଂ ବିଦେଶୀ କମ୍ପାନୀ ଏଠାରେ ତୈଳ ଉତ୍ପାଦନ କରିବାକୁ ଆଗ୍ରହ ପ୍ରକାଶ କରିବେ। ସରକାରଙ୍କ ଏହି ନିଷ୍ପତ୍ତି ପ୍ରଭାବରେ ଓଏନଜିସି ଏବଂ ଓଏଲ ଇଣ୍ଡିଆର ସେୟାରର ମୂଲ୍ୟରେ ବୁଧବାର ବୃଦ୍ଧି ଦେଖିବାକୁ ମିଳିଛି। ଓଏନଜିସିର ପ୍ରତିଟି ସେୟାରର ମୂଲ୍ୟ ୩ ପ୍ରତିଶତ ବୃଦ୍ଧି ଘଟି ୧୫୩ ଟଙ୍କାରେ ପହଞ୍ଚିଛି। ଓଏଲ ଇଣ୍ଡିଆର ସେୟାର ୪.୫୦ ଟଙ୍କା ବଢିଛି। ବିଶେଷଜ୍ଞଙ୍କ ମତରେ ଏହି ନିଷ୍ପତ୍ତିରେ ଦୁଇ କମ୍ପାନୀକୁ ବହୁତ ଲାଭ ମିଳିବ।

# କରୋନା ସଂକ୍ରମଣ ନେଇ ସତର୍କ କଲେ କେନ୍ଦ୍ର ସରକାର



**ନୂଆଦିଲ୍ଲୀ :** କରୋନା ଭାଇରସ ସଂକ୍ରମଣ ଦେଶରେ ଏବେ ପୁଣି ଥରେ ଚିନ୍ତାର କାରଣ ପାଲଟିଲାଣି। ଏବେ ଦୈନିକ ୧୦ ହଜାରରୁ ଅଧିକ କେସ ଚିହ୍ନଟ ହେଉଛି। ଏଣୁ ସଂକ୍ରମଣକୁ ନେଇ କେନ୍ଦ୍ର ସରକାର ୧୪ ରାଜ୍ୟଙ୍କୁ ଆଲର୍ଟ ଜାରି କରିଛନ୍ତି। ଏହି ସବୁ ରାଜ୍ୟରୁ ଏବେ ପ୍ରତି ସପ୍ତାହରେ ବହୁ ସଂଖ୍ୟାରେ ସଂକ୍ରମିତ ଚିହ୍ନଟ ହେଉଛନ୍ତି। କେନ୍ଦ୍ର ସରକାରଙ୍କ ଅନୁସାରେ ଏହି ସବୁ ରାଜ୍ୟରେ ପରୀକ୍ଷଣ ମଧ୍ୟ କମ୍ ହେଉଛି। ଆଜିକାଲି ଦିଲ୍ଲୀ, ମହାରାଷ୍ଟ୍ର, କେରଳ ଓ ତେଲେଙ୍ଗାନାରୁ ଅଧିକ ସଂକ୍ରମିତ ବାହାରୁଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ଏହି ସବୁ ରାଜ୍ୟଙ୍କ ସହ ଭର୍ଚୁଆଲ ବୈଠକ କରିଥିଲେ। ତେବେ ଜୁନ ୧ ତାରିଖରୁ ଯେଉଁ ସବୁ ରାଜ୍ୟରେ କରୋନା କେସ୍ ବଢିବାରେ ଲାଗିଛି ସେହି ସବୁ ରାଜ୍ୟଙ୍କ ମଧ୍ୟରେ ଆସାମ, ଗୋଆ, ଗୁଜରାଟ, ହରିୟାଣା, ମେଘାଳୟ, ମିଜୋରାମ, ରାଜସ୍ଥାନ, ଉତ୍ତରପ୍ରଦେଶ, ଦିଲ୍ଲୀ, ମହାରାଷ୍ଟ୍ର, କେରଳ, କର୍ଣ୍ଣାଟକ, ତେଲେଙ୍ଗାନା ଓ ପଶ୍ଚିମବଙ୍ଗ ଆଦି ରାଜ୍ୟମାନେ ଅଛନ୍ତି। ତେବେ ଏହି ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶଙ୍କୁ ସାର୍ବଜନିକ ଆୟୋଜନ ଓ ତୀର୍ଥାଟନ ଉପରେ ବିଶେଷ ନଜର ରଖିବାକୁ ସତର୍କ କରିଛନ୍ତି। ସାର୍ବଜନିକ ଆୟୋଜନରେ ଅଂଶଗ୍ରହଣ ଓ ତୀର୍ଥ ଯାତ୍ରାରେ ଯାଉଥିବା ଲୋକଙ୍କ ଗହଣରେ ଯେପରି କୋଭିଡ-୧୯ ସମ୍ପର୍କିତ ସାମାନ୍ୟ ଲକ୍ଷଣ ଥିବା ଲୋକେ ଯେପରି ନ ରହନ୍ତି ସେଥିପ୍ରତି ବିଶେଷ ଧ୍ୟାନ ଦେବାକୁ କୁହାଯାଇଛି। ଏହା ଛଡା ସମସ୍ତଙ୍କର ଟିକାକରଣ ହୋଇଥିବା ସୁନିଶ୍ଚିତ କରିବାକୁ ମଧ୍ୟ କୁହାଯାଇଛି। ଏ ନେଇ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରାଳୟ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶଙ୍କୁ ଚିଠି ମଧ୍ୟ ଲେଖିଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ଆଗକୁ ବିଭିନ୍ନ ଉତ୍ସବ ଓ ଯାତ୍ରା ଲାଗି ଦେଶର ପୃଥକ ପୃଥକ ଅଞ୍ଚଳରେ ଭିଡ ବଢ଼ିପାରେ। ଏଣୁ ଏପରି ଆୟୋଜନ କୋଭିଡ-୧୯ ସମେତ ଅନ୍ୟ ସଂକ୍ରାମକ ରୋଗର ପ୍ରସାର ବଢିବା ନେଇ ମଧ୍ୟ ଆଶଙ୍କା କରାଯାଉଛି। ସେହିପରି ଏପରି ଆୟୋଜନମାନଙ୍କରେ ରାଜ୍ୟ ଓ ଜିଲ୍ଲା ପ୍ରଶାସନ ଦ୍ୱାରା ମୁତୟନ ସ୍ୱାସ୍ଥ୍ୟକର୍ମୀ, ଅଗ୍ରୀମ ପଙ୍କ୍ତିର କର୍ମଚାରୀ ଓ ସ୍ୱୟଂ ସେବକ ଯେପରି କୋଭିଡ ସଂକ୍ରମିତ ନଥାନ୍ତି ସେଥିପ୍ରତି ସତର୍କତା ଅବଲମ୍ବନ କରିବା ଲାଗି କୁହାଯାଇଛି। ଏପରି ଲୋକେ ଯେପରି ଦୁଇଟି ଡାକ କୋଭିଡ ଟିକା ନେଇଥାନ୍ତି ତାହା ସୁନିଶ୍ଚିତ କରିବାକୁ କୁହାଯାଇଛି। ଅନ୍ୟପକ୍ଷରେ ଏପରି କାର୍ଯ୍ୟକ୍ରମମାନଙ୍କରେ ଅଂଶଗ୍ରହଣ କରିବାକୁ ଯୋଜନା କରିଥିବା ବୟସ୍କ ଓ ଗୁରୁତର ବେମାରୀ (ମଧୁମେହ, ଉଚ୍ଚ ରକ୍ତଚାପ, ଫୁସଫୁସ ଜନିତ ରୋଗ, ଜକୃତ ଓ ପୁରୁଣା ରୋଗ ବେମାରୀ)ରେ ଆକ୍ରାନ୍ତ ଥିଲେ ଅତିରିକ୍ତ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି।

## ଆର୍ଟର୍ଣ୍ଣି ଜେନେରାଲଙ୍କ କାର୍ଯ୍ୟକାଳ ବୃଦ୍ଧି



**ନୂଆଦିଲ୍ଲୀ :** ଭାରତର ଆର୍ଟର୍ଣ୍ଣି ଜେନେରାଲ ଭାବେ ବରିଷ୍ଠ ଆଇନଜୀବୀ କେକେ ବେଣୁଗୋପାଳଙ୍କ କାର୍ଯ୍ୟକାଳ ବୃଦ୍ଧି ଘଟିଛି। ବୁଧବାର କେନ୍ଦ୍ର ସରକାରଙ୍କ ପକ୍ଷରୁ ଏ ନେଇ ସୂଚନା ଦିଆଯାଇଛି। ତାଙ୍କର କାର୍ଯ୍ୟକାଳ ଜୁନ ୩୦ରେ ସରୁଥିଲା। ସୂଚନା ଅନୁଯାୟୀ, ବେଣୁଗୋପାଳ ବ୍ୟକ୍ତିଗତ କାରଣରୁ ଆର୍ଟର୍ଣ୍ଣି ଜେନେରାଲ ପରି ସାମ୍ବିଧାନିକ ପଦରେ ରହିବାକୁ ଚାହୁଁନଥିଲେ। ହେଲେ କେନ୍ଦ୍ର ସରକାରଙ୍କ ଅନୁରୋଧକ୍ରମେ ଆଉ ତିନି ମାସ ପାଇଁ ଭାରତର ସର୍ବୋଚ୍ଚ ଆଇନ ଅଧିକାରୀ ପଦରେ କାମ କରିବାକୁ ସହମତି ପ୍ରକାଶ କରିଛନ୍ତି। ୯୧ ବର୍ଷୀୟ ବେଣୁଗୋପାଳଙ୍କୁ ୨୦୧୭ରେ ରାଷ୍ଟ୍ରପତି ଦେଶର ଆର୍ଟର୍ଣ୍ଣି ଜେନେରାଲ ପଦରେ ନିଯୁକ୍ତ କରିଥିଲେ। ସେ ମୁକୁଲ ରୋହତଗିଙ୍କ ସ୍ଥାନ ନେଇଥିଲେ। ଏବେ ବେଣୁଗୋପାଳଙ୍କୁ ପୁନର୍ବାର ଏହି ପଦରେ ନିଯୁକ୍ତି ଦିଆଯାଇଛି। ସୁପ୍ରିମକୋର୍ଟର ପ୍ରଖ୍ୟାତ ଆଇନଜୀବୀ କେକେ ବେଣୁଗୋପାଳ ସାମ୍ବିଧାନିକ ଏବଂ କର୍ପୋରେଟ୍ ଆଇନ ସଂପର୍କିତ ଗୁରୁତ୍ୱପୂର୍ଣ୍ଣ ମାମଲା ଲଢିଛନ୍ତି। ସେ ୧୯୭୯ ଏବଂ ୧୯୮୦ରେ ଭାରତର ଅତିରିକ୍ତ ସଲିସିଟର ଜେନେରାଲ ପଦରେ କାମ କରି ସାରିଛନ୍ତି। ତାଙ୍କୁ ୨୦୦୨ରେ ପଦ୍ମଭୂଷଣ ଏବଂ ୨୦୧୫ରେ ପଦ୍ମ ବିଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଛି।

# ୟୁକ୍ରେନ୍ ପାଇଁ ବାହାରିଲେ ଜି-୭ ଦେଶ; ଯୋଗାଇବେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର




**ନୂଆଦିଲ୍ଲୀ :** ରୁଷ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ଲାଗିରହିଛି। ଏହା ଥମିବା ନାଁ ଧରୁନାହିଁ କିମ୍ବା କୌଣସି ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚୁନାହିଁ। ଏଭଳି ସ୍ଥିତିରେ ୟୁକ୍ରେନ୍‌କୁ ଆମେରିକା ନୂଆ 'ମଧ୍ୟମରୁ ଦୂରଗାମୀ ଭୂପୃଷ୍ଠରୁ ଆକାଶ ମାର୍ଗକୁ ଆକ୍ରମଣ କରାଯାଉଥିବା ଏୟାର ମିସାଇଲ ବ୍ୟବସ୍ଥା' ଯୋଗାଇବା ପାଇଁ ଯୋଜନା କରୁଛି। ଦୂର ସ୍ଥାନରୁ ରୁଷ ଉପରେ ଆକ୍ରମଣ ଲାଗି ଏହି ବ୍ୟବସ୍ଥା ୟୁକ୍ରେନ ସେନାକୁ ଯଥେଷ୍ଟ ସହାୟକ ହେବ। ଚଳିତ ସପ୍ତାହରେ ଆମେରିକା ଏ ନେଇ ଘୋଷଣା କରିପାରେ। ଏହାବ୍ୟତୀତ ୟୁକ୍ରେନ୍‌କୁ ଆମେରିକା ଅତିରିକ୍ତ ତୋପ, କାଉଣ୍ଟର ବ୍ୟାଟେରି ରାଡାର ଏବଂ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ଯୋଗାଇଦେବ ବୋଲି ବାଇଡେନ୍ ପ୍ରଶାସନର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ରୁଷ୍‌ର ତମାମ ଚେତାବନୀ ସତ୍ତ୍ୱେ ଆମେରିକା ସହାୟତା ଜାରି ରଖିବ ବୋଲି କହିଛି। ତେବେ ଅଧିକ ଦୂରଗାମୀ ମିସାଇଲ୍ ୟୁକ୍ରେନ୍ ଚାହୁଁଥିବା ବେଳେ ଏହା କୌଣସି ପାଶ୍ଚାତ୍ୟ ଦେଶ ଦେଉନାହାନ୍ତି। ଆମେରିକା ବି ଏ ବାବଦରେ ପଛଘୁଞ୍ଚା ଦେଉଛି। ସେପଟେ ଜର୍ମାନୀରେ ଅନୁଷ୍ଠିତ ଜି-୭ ସମ୍ମିଳନୀରେ ୟୁକ୍ରେନ୍‌କୁ ପାରୁପର୍ଯ୍ୟନ୍ତ ସହଯୋଗ ଯୋଗାଇବା ନେଇ ମତପ୍ରକାଶ ପାଇଛି। ଏହି ସମ୍ମିଳନୀରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର୍ ଜେଲେନସ୍କି ଭର୍ଚୁଆଲ୍ ଭାବେ ଯୋଗଦେଇ ଅଧିକ ସାମରିକ ସହାୟତା ଲୋଡ଼ିଥିଲେ। ଏହାବ୍ୟତୀତ ରୁଷ ଉପରେ କଠୋର ଆର୍ଥିକ କଟକଣା ଲଗାଇବା ପାଇଁ ସେ ଆହ୍ୱାନ ଦେଇଥିଲେ। ଜେଲେନସ୍କିଙ୍କ ସହ ବୈଠକ ପରେ ଜି-୭ ରାଷ୍ଟ୍ର ନେତାମାନଙ୍କ ତରଫରୁ ଏକ ମିଳିତ ବିବୃତି ଜାରି କରାଯାଇଥିଲା। ୟୁକ୍ରେନ୍‌କୁ ପ୍ରତିରକ୍ଷା ଓ ମାନବୀୟ ସହାୟତା ଯୋଗାଣ ଜାରି ରହିବା ନେଇ ଏଥିରେ ସ୍ପଷ୍ଟ କରାଯାଇଥିଲା। ଏମିତି କି ଆର୍ଥିକ, ସାମରିକ ଓ କୂଟନୈତିକ ସହାୟତା ବି ପ୍ରଦାନ କରାଯିବା ନେଇ ନେତାମାନେ ପ୍ରତିଶ୍ରୁତି ଦେଇଛନ୍ତି। ଚଳିତବର୍ଷ ହିଁ ଯୁଦ୍ଧ ଯେମିତି ସମାପ୍ତ ହୁଏ, ତାହା ସୁନିଶ୍ଚିତ ପାଇଁ ଜେଲେନସ୍କି ଗୁରୁତ୍ୱାରୋପ କରିଥିଲେ। ପୂର୍ବ ୟୁକ୍ରେନ୍ର କ୍ରେମେନଚୁକସ୍ଥିତ ଏକ ସପିଂ ମଲରେ ରୁଷ ସେନା ମିସାଇଲ ମାଡ଼ କରିବାରୁ ଦୁଇ ଜଣ ପ୍ରାଣ ହରାଇଥିବା ବେଳେ ୨୦ ଜଣ ଆହତ ହୋଇଛନ୍ତି। ଆକ୍ରମଣ ବେଳେ ମଲରେ ୧ହଜାରରୁ ଅଧିକ ଲୋକ ଥିଲେ।

# ଅଗଷ୍ଟ ୬ରେ ଉପରାଷ୍ଟ୍ରପତି ନିର୍ବାଚନ



**ନୂଆଦିଲ୍ଲୀ :** ରାଷ୍ଟ୍ରପତି ନିର୍ବାଚନ ପରେ ଦେଶରେ ଅନୁଷ୍ଠିତ ହେବ ଉପ ରାଷ୍ଟ୍ରପତି ପଦ ପାଇଁ ଭୋଟ। ଆସନ୍ତା ଅଗଷ୍ଟ ୬ ତାରିଖରେ ଉପ ରାଷ୍ଟ୍ରପତି ନିର୍ବାଚନ ହେବ ବୋଲି ଆଜି ତାରିଖ ଘୋଷଣା କରାଯାଇଛି। ବର୍ତ୍ତମାନ ଦେଶର ଉପ ରାଷ୍ଟ୍ରପତି ଭାବେ କାର୍ଯ୍ୟ କରୁଥିବା ଭେଙ୍କୟା ନାଇଡୁଙ୍କ କାର୍ଯ୍ୟକାଳ ଅଗଷ୍ଟ ମାସରେ ଶେଷ ହେବ। ତେଣୁ ସେ ଅବସର ନେବା ପୂର୍ବରୁ ହିଁ ନୂଆ ଉପ ରାଷ୍ଟ୍ରପତି ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଉପ ରାଷ୍ଟ୍ରପତି ରାଜ୍ୟସଭାର ଅଧ୍ୟକ୍ଷତା କରିବାର ପ୍ରାବଧାନ ରହିଛି। ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି ଯେ ଉପ ରାଷ୍ଟ୍ରପତି ନିର୍ବାଚନ ପାଇଁ ଜୁଲାଇ ୫ରେ ବିଜ୍ଞପ୍ତି ପ୍ରକାଶ ପାଇବ। ଯଦି ଭାରତର ପରବର୍ତ୍ତୀ ଉପ ରାଷ୍ଟ୍ରପତି ଚୟନ ପାଇଁ ନିର୍ବାଚନର ଆବଶ୍ୟକ ପଡ଼େ, ତା'ହେଲେ ଏହା ଅଗଷ୍ଟ ୬ରେ ଅନୁଷ୍ଠିତ ହେବ। ଅଗଷ୍ଟ ୬ରେ ଭୋଟ ଗ୍ରହଣ ସହ ଗଣତି ହେବ। ଗଣତି ପରେ ସେହିଦିନ ରେଜଲ୍ଟ ମଧ୍ୟ ପ୍ରକାଶ ପାଇବ। ଉପ ରାଷ୍ଟ୍ରପତି ପଦ ପାଇଁ ନାମାଙ୍କନ ଦାଖଲର ଶେଷ ତାରିଖ ହେଉଛି ଜୁଲାଇ ୧୯। ଜୁଲାଇ ୨୦ ତାରିଖରେ ନାମାଙ୍କ ଯାଞ୍ଚ ଓ ୨୨ ତାରିଖ ହେଉଛି ନାମାଙ୍କନ ପ୍ରତ୍ୟାହାରର ଶେଷ ତାରିଖ। ଅଗଷ୍ଟ ୬ ତାରିଖ ଦିନ ୧୦ଟାରୁ ସନ୍ଧ୍ୟା ୫ଟା ଯାଏ ଭୋଟ ଗ୍ରହଣ ହେବ। ଏହାପରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ କରାଯିବ ବୋଲି କମିଶନ ପକ୍ଷରୁ କୁହାଯାଇଛି।

# ଆଗାମୀ ୨୫ ବର୍ଷ ପରେ ଆହୁରି ବଢ଼ିବ ବେକାରୀ ସମସ୍ୟା




**ନୂଆଦିଲ୍ଲୀ :** ସାରା ବିଶ୍ୱରେ ବେକାରୀ ବର୍ତ୍ତମାନ ସମୟର ସବୁଠୁ ବଡ଼ ସମସ୍ୟା। ବାସ୍ତବିକ କଥା ହେଲା ବିଶ୍ୱରେ ଜନସଂଖ୍ୟା ଯେଉଁ ହାରରେ ବଢୁଛି ସେହି ହାରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉ ନାହିଁ। ଏଣୁ ସବୁଆଡେ ବେକାରୀ ଏବେ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି। ତେବେ ଆଗାମୀ ସମୟରେ ସମସ୍ୟା ସମାଧାନ ହେବା ବଦଳେ ଆହୁରି ଉଗ୍ର ହୋଇପାରେ ବୋଲି ଏବେ ଆଶଙ୍କା କରାଯାଉଛି। କାରଣ ୨୫ ବର୍ଷ ପରେ ଅନେକ ପଦପଦବୀ ଆଉ ନଥିବ କି ଏହି ପଦବୀରେ କର୍ମଚାରୀ ନିଯୁକ୍ତ କରିବାକୁ ପଡି ନ ପାରେ। ଏଣୁ ଏହି କ୍ଷେତ୍ରରେ କାର୍ଯ୍ୟରତ ସାରା ବିଶ୍ୱର ଲକ୍ଷଲକ୍ଷ ଲୋକେ ବେକାର ହୋଇ ଯାଇପାରନ୍ତି। ଅକ୍ସଫର୍ଡ ୟୁନିଭର୍ସିଟି ପକ୍ଷରୁ ଏ ବାବଦେ କରାଯାଇଥିବା ଏକ ଗବେଷଣା ପରେ ଏହି ଚେତାବନୀ ଜାରି ହୋଇଛି ଯେ ଆଗାମୀ ୨୫ ବର୍ଷରେ ରୋଜଗାରର ଅବସର ଅନେକ ଗୁଣା ହ୍ରାସ ହୋଇଥିବ। ଏବେ ଯେଉଁ କାମ ପାଇଁ ମଣିଷ ବେତନ ନେଉଛନ୍ତି ସଂସ୍ଥାମାନେ ନିଜର ଲାଭ ପାଇଁ ସେହି ସବୁ କାମ ରବୋଟ ଦ୍ୱାରା କରିବାରେ ଲାଗିବେ। ଏଣୁ ଏହି ସବୁ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ହ୍ରାସ ହେବ ନଚେତ କର୍ମଚାରୀର ଆବଶ୍ୟକତା ପଡି ନପାରେ। ରବୋଟ ଦ୍ୱାରା କାମ କରାଯିବା ଯୋଗୁ ବିଶ୍ୱରେ ବେକାରୀ ବଢିଯିବ। ଏଠାରେ ଆମେ କିଛି ଜବର ଲିଷ୍ଟ ଦେଉଛୁ। ବର୍ତ୍ତମାନ ଏହି କାମ କରି ସାରା ବିଶ୍ୱରେ ଅନେକ ଲୋକ ପେଟପାଟଣା ଚଳାଉଛନ୍ତି । ସେହି ସବୁ କାମ ରବୋଟ ଯୋଗୁ ଆଗକୁ ଲୋକଙ୍କ ଦ୍ୱାରା ହୁଏତ କରିବାକୁ ପଡି ନପାରେ। ଏଣୁ ବେକାରୀ ଚରମ ସୀମାରେ ପହଞ୍ଚିବ ବୋଲି ଆକଳନ କରାଯାଉଛି। ବଡ଼ ବଡ଼ କମ୍ପାନୀମାନେ ସେମାନଙ୍କ ସାମଗ୍ରୀ ମହଜୁଦ ରଖିବା ଲାଗି ୱେର ହାଉସ୍ କରିଛନ୍ତି। ଯେଉଁଠି ହଜାର ହଜାର ଲୋକେ ଆଜିକାଲି କାମ କରୁଛନ୍ତି। ସାମଗ୍ରୀ ଷ୍ଟକ୍ କରିବା ସେଗୁଡିକର ମେଣ୍ଟେନାନ୍ସ କରିବା ଲାଗି ଲୋକେ ନିଯୁକ୍ତ ହେଉଛନ୍ତି। ତେବେ ଆଗାମୀ ଦିନରେ ଏହି କାମରୁ ଲୋକଙ୍କୁ ରବୋଟ ଙ୍କ ଦ୍ୱାରା ରିପ୍ଲେସ କରାଯିବ। ତେବେ ଏଲନ ମସ୍କ ସ୍ପଷ୍ଟ ଭାବେ କହିଛନ୍ତି ରବୋଟ ସାମାନ୍ୟ ବୈଷୟିକ ଗଡବଡି ଯୋଗୁ ବଡ଼ ଧରଣର କ୍ଷତି କରିଦେଇ ପାରନ୍ତି। ଏଣୁ ତାଙ୍କର ୱେର ହାଉସ କେବେବି ଶତ ପ୍ରତିଶତ ରବୋଟଙ୍କ ଉପରେ ନିର୍ଭରଶୀଳ ହେବ ନାହିଁ । ତେବେ ଅନ୍ୟକମ୍ପାନୀମାନଙ୍କ ମାନସିକତା ଏବେଠୁ ଜଣା ପଡି ନାହିଁ। ସାରା ବିଶ୍ୱରେ ଏବେ ଟ୍ୟାକ୍ସି ଡ୍ରାଇଭର ଭାବେ କାର୍ଯ୍ୟକରି ଲକ୍ଷଲକ୍ଷ ଲୋକେ ପରିବାର ପୋଷଣ କରୁଛନ୍ତି। ଗମନା ଗମନ ଓ ପରିବହନରେ ଏମାନଙ୍କର ଭୂମିକା ଅସ୍ୱୀକାର୍ଯ୍ୟ। କାମ ବଦଳେ ଡ୍ରାଇଭର ବେଶ ଦୁଇପଇସା ରୋଜଗାର ମଧ୍ୟ କରୁଛନ୍ତି। ଏଣୁ ବାହନ ଚଳନା କର୍ମ ନିଯୁକ୍ତିର ଏକ ଅବସର ହୋଇ ରହିଛି। ତେବେ କୁହାଯାଉଛି ଆଗାମୀ ୨୦-୨୫ ବର୍ଷ ବେଳକୁ କାରଗୁଡିକ ସେଲଫ ଡ୍ରାଇଭିନ ଥିବ। ଏଣୁ ବାହନ ଚାଳକଙ୍କର ଆଉ ଆବଶ୍ୟକତା ପଡିବ ନାହିଁ। ବାହନ ଚାଳକଙ୍କ ଭଳି ଆଗାମୀ ଦିନରେ ମେକାନିକ୍‌ଙ୍କ କୌଣସି ଆବଶ୍ୟକତା ପଡି ନପାରେ। କାରଣ ମେକାନିକଙ୍କ ସ୍ଥାନ କମ୍ପ୍ୟୁଟର ଇଞ୍ଜିନିୟରମାନେ ନେଇ ପାରନ୍ତି। ଏ ବାବଦେ ଟେସଲା ନିର୍ମାତା ନୂଆ କ୍ରାନ୍ତି ଆଣିଛନ୍ତି। ଟେସଲାର ସେଲଫ ଡ୍ରାଇଭ କାର ଦୁନିଆରେ ନୂଆ ଇତିହାସ ସୃଷ୍ଟି କରିଛନ୍ତି। ଏଣୁ ଆଗାମୀ ସମୟରେ କମ୍ପ୍ୟୁଟର ବୈଜ୍ଞାନିକମାନେ ମେକାନିକ୍‌ଙ୍କ ସ୍ଥାନ ଦଖଲ କରିନେଇ ପାରନ୍ତି। ଏଥିରୁ ଆଗାମୀ ଦିନରେ କାର ତଳେ ଶୋଇ ହାତ କଳା କରିବାର କାମ ନଥିବ। କମ୍ପ୍ୟୁଟର ବୈଜ୍ଞାନିକମାନେ ତାଙ୍କ ସିଷ୍ଟମ ଓ ସଫ୍ଟୱେର ମାଧ୍ୟମରେ କାରର ତ୍ରୁଟି ସୁଧାରି ଦେଇପାରିବେ। ଜାପାନର ଅଧିକାଂଶ ହୋଟେଲ ଓ ରେଷ୍ଟୁରାଣ୍ଟରେ ଅର୍ଡର ନେବା ଓ ଡେଲିଭରି କାମ ରବୋଟଙ୍କ ଦ୍ୱାରା କରାଉଛନ୍ତି। ଆମେରିକା ମଧ୍ୟ ଏହି ଦିଗରେ ଏବେ ପାଦ ବଢାଇଲାଣି। ଏଥିରୁ ୨୦୨୫ ବେଳକୁ ବିଶ୍ୱର ବଡ଼ ବଡ଼ ଫୁଡ ଆଉଟଲେଟ୍ ରବୋଟ ଦ୍ୱାରା ପରିଚାଳିତ ହେଉଥିବେ। ଏଣୁ ଏ କ୍ଷେତ୍ରରେ ଥିବା ନିଯୁକ୍ତି ମଧ୍ୟ ସଂକୁଚିତ ହୋଇଯିବ। ଫଳରେ ହୋଟେଲ, ବାର, ରେଷ୍ଟୁରାଣ୍ଟରେ ମଣିଷ ୱେଟରଙ୍କ ସ୍ଥାନରେ କେବଳ ରବୋଟ ୱେଟରମାନେ ହିଁ କାମ କରୁଥିବେ। ବିଶ୍ୱର ବିଭିନ୍ନ ବ୍ୟାଙ୍କ ଓ ଅନ୍ୟ କ୍ୟାସ କାଉଣ୍ଟରରେ ମଧ୍ୟ ଲୋକଙ୍କୁ କାମ କରୁଥିବାର ଦେଖା ଯାଉଛି। ତେବେ ମଣିଷ ଦ୍ୱାରା ଭୁଲ ହେବାର ଅନେକ ସମ୍ଭାବନା ରହୁଛି। ଏଣୁ ଆଗାମୀ ଦିନରେ ରବୋଟଙ୍କ ଦ୍ୱାରା କ୍ୟାସିୟରଙ୍କ ରିପ୍ଲେସ କରିଦିଆଯାଇପାରେ। ଯାହା ଦ୍ୱାରା କ୍ୟାସ୍ କାମରେ ଆଶଙ୍କା କରାଯାଉଥିବା ଗଡବଡ଼ି ରହିବ ନାହିଁ। ତେବେ କେବଳ ଏତିକି କାର୍ଯ୍ୟ ନୁହେଁ ଆଗାମୀ ୨୦-୨୫ ବର୍ଷ ବେଳକୁ ଏହିପରି ଅନେକ କାର୍ଯ୍ୟରୁ ମଣିଷକୁ ଦୂରେଇ ଦିଆଯାଇଥିବ। ଏଥିରେ ବ୍ରୋକର୍ସ, ଟୋଲବୁଥ ଅପରେଟର୍ସ, ବ୍ୟାଙ୍କ ଟେଲର୍ସ, ଟ୍ରାନ୍ସଲେଟର୍ସ, କମ୍ପ୍ୟୁଟର ମେକାନିକ୍ ଓ କଷ୍ଟମର ସର୍ଭିସ ରିପ୍ରେଜେଣ୍ଟେଟିଭ ଆଦି ଚାକିରୀ ମଣିଷଙ୍କ ଲାଗି ଆଉ ନଥିବ।

# ଇସିଆରପି-୨ରେ ଓଡ଼ିଶା ଖର୍ଚ୍ଚ କରିଛି ୪୧% ଅର୍ଥ



**ଭୁବନେଶ୍ୱର:** କୋଭିଡର ମୁକାବିଲା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିଲା ଜରୁରୀକାଳୀନ କୋଭିଡ-୧୯ ରେସପନ୍ସ ଓ ସ୍ୱାସ୍ଥ୍ୟ ପ୍ରସ୍ତୁତି ପ୍ୟାକେଜ୍ ବା ଇସିଆରପି। ଏଥିରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଂଶ ରହିଛି। ଇସିଆରପି-୨ରେ ଅବଧି ମାର୍ଚ୍ଚ ୩୧ତାରିଖ ପର୍ଯ୍ୟନ୍ତ ରହିଥିଲା। ଇସିଆରପି-୨ରେ ରାଜ୍ୟ ସରକାର ବର୍ତ୍ତମାନସୁଦ୍ଧା ୪୧ ପ୍ରତିଶତ ଅର୍ଥ ଖର୍ଚ୍ଚ କରିଛନ୍ତି। ମଞ୍ଜୁର ଅର୍ଥର ଖର୍ଚ୍ଚର ହାର ୫୦ ପ୍ରତିଶତ ତଳେ ରହିଥିବାରୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ଚିଠି ଲେଖିଛି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ। ସୂଚନା ଅନୁସାରେ, ବର୍ତ୍ତମାନସୁଦ୍ଧା ୮୬୧.୯୭କୋଟି ମଞ୍ଜୁର ହୋଇଥିବା ବେଳେ ତହିଁରୁ ୩୫୨କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଆସନ୍ତା ଡିସେମ୍ବର ୩୧ ତାରିଖ ସୁଦ୍ଧା ଶତ ପ୍ରତିଶତ ମଞ୍ଜୁର ଅର୍ଥ ଖର୍ଚ୍ଚ କରିବା ଲାଗି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏହାସହ ଯେତିକି ଅର୍ଥ ଖର୍ଚ୍ଚ ହୋଇଛି ଏନ୍‌ଏଚ୍‌ଏମ୍ ପିଏମ୍‌ଏସ୍ ପୋର୍ଟାଲରେ ଅପଡେଟ୍ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଜାତୀୟ ସ୍ୱାସ୍ଥ୍ୟ ମିସନ୍‌ରୁ ମିଳିଥିବା ସୂଚନା ଅନୁସାରେ, ଇସିଆରପି-୨ର ଅବଧି ମାର୍ଚ୍ଚ ପର୍ଯ୍ୟନ୍ତ ରହିଥିଲା। ମାତ୍ର ମଞ୍ଜୁର ହୋଇଥିବା ଅର୍ଥ ଖର୍ଚ୍ଚ କରିବାରେ କୌଣସି କଟକଣା ନାହିଁ। ଏବେ କିଛି ଜିଲ୍ଲାରେ ହସ୍ପିଟାଲର ଭିତ୍ତିଭୂମି ନିର୍ମାଣ ଜାରି ରହିଛି। ଆସନ୍ତା ଜୁଲାଇ/ଅଗଷ୍ଟ ମାସ ଶେଷ ସୁଦ୍ଧା ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ଆଶା କରାଯାଉଛି। ଏହା ଭିତରେ ଆବଶ୍ୟକ ଯନ୍ତ୍ରପାତି ଓ ଅନ୍ୟାନ୍ୟ ହସ୍ପିଟାଲ ସାମଗ୍ରୀ କିଣା ଯାଇଛି ଓ ଇନଷ୍ଟଲେସନ୍ ଜାରି ରହିଛି। ଯଦି କୋଭିଡର ତୃତୀୟ ଲହର ଅଧିକ ସମୟ ପର୍ଯ୍ୟନ୍ତ ଜାରି ରହିଥାନ୍ତା ତାହାଲେ ମଞ୍ଜୁର ଅର୍ଥର ଖର୍ଚ୍ଚ ପରିମାଣ ବୃଦ୍ଧି ପାଇଥାନ୍ତା ବୋଲି ଏନ୍‌ଏଚ୍‌ଏମ୍‌ର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

# ଦୁବାଇରୁ ଆସିବ ଓଡ଼ିଶାକୁ ୨୧,୮୦୦ କୋଟି ପୁଞ୍ଜି

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଦେଶ ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ଦୁବାଇରେ ଆୟୋଜିତ 'ଓଡ଼ିଶା ଇନଭେଷ୍ଟର୍ସ ମିଟ' କାର୍ଯ୍ୟକ୍ରମରେ ୨୧୮୦୦କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ଓଡ଼ିଶା ସରକାରଙ୍କୁ ପ୍ରତିଶ୍ରୁତି ମିଳିଛି। ଦୁବାଇର ବିଜିନେସ୍ ବେ' ସ୍ଥିତ ଓବରେଇ ହୋଟେଲରେ ଫିକ୍କି ସହଯୋଗରେ ଏହି ଇନଭେଷ୍ଟର୍ସ ମିଟ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ରାଜ୍ୟ ମୁଖ୍ୟ ସଚିବ, ଶିଳ୍ପ ସଚିବ ଓ ଓଡ଼ିଶାରେ ଶିଳ୍ପ ସ୍ଥାପନ କରିଥିବା ଅନେକ ଶିଳ୍ପପତି ସାମିଲ ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ, ଦୁବାଇର ଏନବିଟିସି କୁଏତ କମ୍ପାନୀ ୫ହଜାର କୋଟି ଟଙ୍କା ନିବେଶ କରି ଓଡ଼ିଶାରେ ଏକ ସାର କାରଖାନା ନିର୍ମାଣ କରିବାର ପ୍ରତିଶ୍ରୁତି ଦେଇଛି। ଏହା ଦ୍ୱାରା ଓଡ଼ିଶାରେ ୪ହଜାର




ଅତିରିକ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ସେହିପରି ଆବୁଧାବିସ୍ଥିତ ଟବ୍ରିଡ୍ ଗ୍ରୁପ୍ ଏକ ହଜାର ଟଙ୍କା ଭୁବନେଶ୍ୱରର ଆଇସିଟି କ୍ୟାମ୍ପସରେ ନିବେଶ କରିବ। ସେହିପରି ଲୁଲୁ ଇଂଟରନ୍ୟାସନାଲ ସପିଂ ମଲ୍ ଓଡ଼ିଶାରେ ୧୫୦୦କୋଟି ଟଙ୍କା, ଆରବ ଇଣ୍ଡିଆ ସ୍ପାଇସେସ୍ ଏଲସିସି ୫୦କୋଟି ଟଙ୍କା, ଶୋଭା ରିୟଲିଟି ୫ହଜାର କୋଟି ଟଙ୍କା, ସରାଫ ଗ୍ରୁପ୍ ହିନ୍ଦ ଟର୍ମିନାଲ ୭୫୦କୋଟି ଟଙ୍କା, ହିନ୍ଦୁସ୍ତାନ ପୋର୍ଟସ ପ୍ରାଃ ଲିଃ ୮ହଜାର କୋଟି ଟଙ୍କା, ଟ୍ୱେଂଟି ୧୪ ହୋଲ୍ଡିଂସ ୫୦୦କୋଟି ଟଙ୍କା ନିବେଶ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଦୁବାଇରେ ଓଡ଼ିଶା ଇନଭେଷ୍ଟର୍ସ ମିଟ୍ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ସେଠାରେ ଉପସ୍ଥିତ ପ୍ରାୟ ୧୫୦ କମ୍ପାନୀର ପ୍ରତିନିଧିଙ୍କୁ ଓଡ଼ିଶାରେ ପୁଞ୍ଜିନିବେଶ ନିମନ୍ତେ ଆହ୍ୱାନ କରିଥିଲେ। ଓଡ଼ିଶାରେ ପୁଞ୍ଜିନିବେଶକାରୀଙ୍କ ପାଇଁ ମାହୋଲ୍ ଓ ଓଡ଼ିଶାରେ ଶିଳ୍ପ ଇକୋସିଷ୍ଟମ ସମ୍ପର୍କରେ ଏକ ପ୍ରେଜେଣ୍ଟେସନ କରାଯାଇଥିଲା ଓ ଓଡ଼ିଶାରେ ପୁଞ୍ଜିନିବେଶର ବ୍ୟାପକ ସମ୍ଭାବନା ଓ ସୁଯୋଗ ଉପରେ ଓଡ଼ିଶା ପକ୍ଷରୁ ଆଲୋକପାତ କରାଯାଇଥିଲା। କୋଭିଡ୍ ସତ୍ତ୍ୱେ ଓଡ଼ିଶା ସରକାର ଗତ ୨ବର୍ଷ ମଧ୍ୟରେ ପ୍ରାୟ ୫୦ ବିଲିୟନ୍ ଆମେରିକୀୟ ଡଲାର ଅର୍ଥାତ ୩.୭୫ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ସ୍ମାର୍ଟ କ୍ଲାସରୁମ୍ : ଉତ୍କଳ ବିଶ୍ୱବିଦ୍ୟାଳୟକୁ ପାଣ୍ଠି ଦେବାକୁ ମନାକଲେ ସରକାର

**ଭୁବନେଶ୍ୱର :** ରାଜ୍ୟ ସରକାର ଏବେ ହାଇସ୍କୁଲସ୍ତରରେ ସ୍ମାର୍ଟ କ୍ଲାସରୁମ୍ ସ୍ଥାପନ କରି ସ୍କୁଲ ରୂପାନ୍ତରଣ ପ୍ରକ୍ରିୟା ଜାରି ରଖିଥିବାବେଳେ ଉତ୍କଳ ବିଶ୍ୱବିଦ୍ୟାଳୟରେ ସ୍ମାର୍ଟକ୍ଲାସ ରୁମ୍ ସ୍ଥାପନ ନିମନ୍ତେ ଆବଶ୍ୟକ ପାଣ୍ଠି ଦେବାକୁ ରୋକଠୋକ୍ ମନା କରିଦେଇଛନ୍ତି। ସ୍ମାର୍ଟ କ୍ଲାସରୁମ୍ ନାଁରେ ଏଭଳି ସୁବିଧାସୁଯୋଗ ସୃଷ୍ଟି ପାଇଁ ଟଙ୍କା ଖର୍ଚ୍ଚ କରନି, ଯାହାକି ପାଠପଢ଼ା ପ୍ରକ୍ରିୟାରେ ଅଧିକ ଉପଯୋଗ ହୋଇପାରିବ ନାହିଁ ବୋଲି ସରକାର ତାଗିଦ୍ କରିଛନ୍ତି। ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ସଚିବ ବୀରେନ୍ଦ୍ର କୋରକରା ଉତ୍କଳ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାରଙ୍କୁ ଚିଠି ଲେଖି ସ୍ମାର୍ଟକ୍ଲାସ ରୁମ୍ ସ୍ଥାପନ ଓ ଏହା ପାଇଁ ଆବଶ୍ୟକ ଉପକରଣ କ୍ରୟ କରିବା ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ବ୍ୟାପାର କହି ପାଣ୍ଠି ଦେବାକୁ ସିଧାସଳଖ ମନା କରିଦେଇଛନ୍ତି। ବିଶ୍ୱବିଦ୍ୟାଳୟ




ପାଖରେ ବହୁ ପରିମାଣର ଅର୍ଥ ସଂଚିତ ହୋଇ ରହିଥିବାରୁ ସେହି ପାଣ୍ଠିରୁ ସ୍ମାର୍ଟ କ୍ଲାସ ବାବଦ ବ୍ୟୟ କରାଯିବା ଉଚିତ୍। ଏଥିପାଇଁ ରାଜ୍ୟ ସରକାର କୌଣସି ପାଣ୍ଠି ଦେଇପାରିବେ ନାହିଁ ବୋଲି ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ସ୍ପଷ୍ଟ କରିଛି। ଏହାସହିତ ବିଭାଗ କହିଛି ଯେ, ସ୍ମାର୍ଟକ୍ଲାସ ରୁମ୍ ସ୍ଥାପନ କରିବାରେ ଯେହେତୁ ଅଧିକ ଅର୍ଥ ବ୍ୟୟ ହେବ, ତେଣୁ ଅନାବଶ୍ୟକ ଖର୍ଚ୍ଚରୁ ବିରତ ରହିବା ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ସରକାର ପରାମର୍ଶ ଦେଇଛନ୍ତି। ଆଉ ସ୍ମାର୍ଟକ୍ଲାସ ରୁମ୍ ସ୍ଥାପନ ଆଳରେ ଏଭଳି ସୁବିଧା ଓ ପ୍ରାବଧାନ ସୃଷ୍ଟି ନିମନ୍ତେ ଅର୍ଥ ବ୍ୟୟ କରାଯିବା ଅନୁଚିତ୍, ଯାହାକି ଶିକ୍ଷାଦାନ ପ୍ରକ୍ରିୟାରେ ବିଶେଷ ଉପଯୋଗ ନହେବ ବୋଲି ବିଭାଗ କହିଛି। ଉଲ୍ଲେଖଯୋଗ୍ୟ, ଉତ୍କଳ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଗତ ଏପ୍ରିଲ ୨୨ ତାରିଖରେ ସ୍ମାର୍ଟକ୍ଲାସ ରୁମ୍ ସ୍ଥାପନ ନିମନ୍ତେ ରାଜ୍ୟ ସରକାରଙ୍କୁ ଆବଶ୍ୟକ ପାଣ୍ଠି ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ରାଜ୍ୟରେ ହାଇସ୍କୁଲଗୁଡ଼ିକର ରୂପାନ୍ତରଣ କାର୍ଯ୍ୟ ଜୋରଦାର ଢଙ୍ଗରେ ଜାରି ରହିଥିବାବେଳେ ବିଶ୍ୱବିଦ୍ୟାଳୟରେ ସ୍ମାର୍ଟ କ୍ଲାସ ନିର୍ମାଣ ପ୍ରସ୍ତାବକୁ ରାଜ୍ୟ ସରକାର ରୋକଠୋକ୍ ନାସ୍ତିବାଣୀ ଶୁଣାଇବା ଓ ଏନେଇ ଅନାବଶ୍ୟକ ଖର୍ଚ୍ଚରୁ ବିରତ ରହିବାକୁ ତାଗିଦ୍ କରିବା ବୁଦ୍ଧିଜୀବୀ ମହଲରେ ଉଦବେଗର ବିଷୟ ପାଲଟିଛି।

# ସମନ୍ୱିତ କୃଷି, ମହିଳା ସଶକ୍ତୀକରଣ କୃଷକଙ୍କ ଆୟ ଦ୍ୱିଗୁଣିତ କରିବ: କୃଷି ମନ୍ତ୍ରୀ

**ଭୁବନେଶ୍ୱର :** ସମନ୍ୱିତ କୃଷି ଏବଂ କୃଷି କ୍ଷେତ୍ରରେ ମହିଳାଙ୍କ ସଶକ୍ତୀକରଣ କୃଷି ଉତ୍ପାଦନ ବୃଦ୍ଧି ସହ କୃଷକମାନଙ୍କ ଆୟ ଦ୍ୱିଗୁଣିତ କରିବ ବୋଲି କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଏହି ପରିପ୍ରେକ୍ଷୀରେ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ସମନ୍ୱିତ କୃଷି ନିମନ୍ତେ ଅଗ୍ରାଧିକାର ଭିତ୍ତିରେ ସହାୟତା ଯୋଗାଇଦେବା ପାଇଁ ସେ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୃଷି ଭବନଠାରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କୃଷି ଓ ଖାଦ୍ୟ ଉତ୍ପାଦନ ଏବଂ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସମୀକ୍ଷା କରିଥିଲେ। ସେ କହିଥିଲେ ଯେ ବିଭାଗୀୟ ଯୋଜନାଗୁଡ଼ିକ ଯେପରି ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ଠିକ୍ ସମୟରେ ପହଞ୍ଚିପାରିବ, ସେନେଇ ଆବଶ୍ୟକ ପଦକ୍ଷେପ ନିଆଯିବା ଉଚିତ। ଉଦ୍ୟାନକୃଷି



କ୍ଷେତ୍ରରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀମାନଙ୍କୁ ପ୍ରାଧାନ୍ୟ ଦେବା ସହ କୃଷି ଉତ୍ପାଦନ ସଂଗଠନଗୁଡ଼ିକୁ ଅଧିକ ସଶକ୍ତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସମୀକ୍ଷା ବୈଠକରେ କୃଷି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଂଜୀବ ଚୋପ୍ରା କହିଲେ ଯେ ଓଡ଼ିଶା ସରକାରଙ୍କ 'କୃଷକ ଓଡ଼ିଶା ଡାଟାବେସ୍, ଓଡ଼ିଶା ମିଲେଟ୍ ମିସନ ଏବଂ ଏଗ୍ରିକଲଚର ପ୍ରଡକ୍ସନ୍ କ୍ଲଷ୍ଟର' ସାରା ଦେଶରେ ନିଜ ପାଇଁ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିପାରିଛି। ବୈଠକରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧରୀ ନିର୍ଦ୍ଦେଶାଳୟ ଦ୍ୱାରା ପ୍ରଣୟନ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ। ସେହିପରି ଉଦ୍ୟାନ କୃଷି ନିର୍ଦ୍ଦେଶାଳୟର କାର୍ଯ୍ୟାବଳୀର ଅଗ୍ରଗତି ସଂପର୍କରେ ସୂଚନା ପ୍ରଦାନ କରି ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା କହିଥିଲେ ଯେ ଗତ କିଛି ବର୍ଷର କଠିନ ପରିଶ୍ରମ ଫଳରେ ଫଳ ଓ ପନିପରିବା ଚାଷରେ ରାଜ୍ୟ ଅନେକ ମାତ୍ରାରେ ସ୍ୱାବଲମ୍ବୀ ହୋଇପାରିଛି। ବୈଠକରେ ବିଭାଗୀୟ ସ୍ୱତନ୍ତ୍ର ସଚିବ ସଂଜୀବ କୁମାର ଚଡ଼ାଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଓଡ଼ିଶାକୁ ମିଳିବ ସର୍ବାଧିକ ଏକଲବ୍ୟ ମଡେଲ୍ ସ୍କୁଲ : କେନ୍ଦ୍ରମନ୍ତ୍ରୀ



**ଭୁବନେଶ୍ୱର :** କେନ୍ଦ୍ର ସରକାର ଓଡ଼ିଶାକୁ ସର୍ବାଧିକ ୮୭ଟି ଏକଲବ୍ୟ ସ୍କୁଲ ମଞ୍ଜୁର କରିଛନ୍ତି। କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ପରିଚାଳିତ ହେଉଥିବା ଏହି ଏକଲବ୍ୟ ସ୍କୁଲ ବନବାସୀ ପିଲାଙ୍କୁ ଶିକ୍ଷା ପ୍ରଦାନ ଦିଗରେ ସହାୟକ ହେବ। କେନ୍ଦ୍ର ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ରାଜ୍ୟ ଅତିଥି ଭବନଠାରେ ଓଡ଼ିଶାରେ ଏକଲବ୍ୟ ମଡେଲ ସ୍କୁଲର ଅଗ୍ରଗତିର ସମୀକ୍ଷା କରିଥିଲେ। ଏହା ପରେ ପ୍ରତିକ୍ରିୟା ଦେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ଟୁଡୁ କହିଥିଲେ ଯେ, ୨୦୨୪ ମସିହା ସୁଦ୍ଧା ବନବାସୀ ପିଲାଙ୍କ ପାଇଁ ମୋଦି ସରକାର ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଖୁବଶୀଘ୍ର ସଫଳ ହେବ। କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଓଡ଼ିଶାକୁ ସର୍ବାଧିକ ୮୭ଟି ଏକଲବ୍ୟ ମଡେଲ ସ୍କୁଲ ମଞ୍ଜୁର କରିଛନ୍ତି। ଏଥିରୁ ସର୍ବାଧିକ ୧୯ଟି କେବଳ ମୟୂରଭଞ୍ଜ ଜିଲ୍ଲାରେ ସ୍ଥାପନ ହେବ। ଏସବୁ ସ୍କୁଲ ସ୍ଥାପନ ନିମନ୍ତେ ଭୂମିପୂଜନ କାର୍ଯ୍ୟକ୍ରମ ସରିଛି। ଓଡ଼ିଶାରେ ଏପର୍ଯ୍ୟନ୍ତ ୪୫ଟି ଏକଲବ୍ୟ ମଡେଲ ସ୍କୁଲର ଭୂମିପୂଜା ଶେଷ ହୋଇଥିବାବେଳେ ବାକି ସ୍କୁଲଗୁଡ଼ିକ ନିମନ୍ତେ ଆବଶ୍ୟକ ଜମି ଯୋଗାଇ ଦେବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରବା ନିମନ୍ତେ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଛନ୍ତି ବୋଲି ଶ୍ରୀ ଟୁଡୁ କହିଛନ୍ତି। କୋରାପୁଟ, ସୁନ୍ଦରଗଡ଼ ଓ ସମ୍ବଲପୁର ପାହାଡ଼ିଆ ଅଂଚଳ ହୋଇଥିବାରୁ ସେସବୁ ଜିଲ୍ଲାର ଜଙ୍ଗଲ ଅଧିକାରୀ ଓ ରାଜ୍ୟ ସରକାରଙ୍କ ସହ ମଧ୍ୟ ମନ୍ତ୍ରୀ ଶ୍ରୀ ଟୁଡୁ କଥା ହୋଇଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ଟୁଡୁଙ୍କ ସମୀକ୍ଷା ବୈଠକରେ ରାଜ୍ୟ ଅନୁସୂଚିତ ଜନଜାତି ବିଭାଗ, ଜଙ୍ଗଲ ବିଭାଗ, କାର୍ଯ୍ୟନିର୍ବାହୀ ଏଜେନ୍ସୀ, ଏଚସିଏଲ୍, ଇପିଆଇଏଲର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ ବୋଲି ଜଣାପଡ଼ିଛି।

### ନିଶା କାରବାରରେ କଳାଟଙ୍କା ବିନିଯୋଗ

# ୬ ମାସରେ ୧୦୦୦ କୋଟିର ଜିଏସ୍‌ଟି ଠକେଇ

**କଟକ :** ଓଡ଼ିଶାରେ ନିଶା କାରବାର ବିପଦପୂର୍ଣ୍ଣ ସ୍ଥିତିରେ ପହଞ୍ଚିଛି। ଗତ ୬ ରୁ ୭ ମାସ ଭିତରେ ୧୦୦୦ କୋଟି ଟଙ୍କାରୁ ଅଧିକ ଜିଏସଟି ଠକେଇ ହୋଇଛି। ନିଶା କାରବାରରେ ବର୍ତ୍ତମାନ କଳାଧନର ବ୍ୟବହାର ବ୍ୟାପକ ମାତ୍ରାରେ ହେଉଛି। ଯାହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ଏସ୍‌ଆଇଟି ଉପାଧ୍ୟକ୍ଷ ଜଷ୍ଟିସ ଅରିଜିତ ପଶାୟତ। ଏସ୍‌ଆଇଟି ବୈଠକ ପରେ ଏସ୍‌ଆଇଟି ଉପାଧ୍ୟକ୍ଷ ଜଷ୍ଟିସ ପଶାୟତ ଏହି ସୂଚନା ଦେଇଛନ୍ତି। ଏସ୍‌ଆଇଟି ଉପାଧ୍ୟକ୍ଷ ଜଷ୍ଟିସ ପଶାୟତଙ୍କ କଟକ ସ୍ଥିତ ନିଜ ବାସଭବନରେ ଏହି ବୈଠକ ଆୟୋଜିତ ହୋଇଥିଲା। ବୈଠକ ପରେ ସେ ସୂଚନା ଦେଇ କହିଛନ୍ତି, ପାନାମା ପେପରସ କ୍ଷେତ୍ରରେ ୪୦୦ ରୁ ଅଧିକ ମାମଲା ରୁଜୁ




ହୋଇଛି। ଏହା ଭିତରୁ ପ୍ରାୟ ୩୦୦ଟି ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପଣ୍ଡୋରା ପେପରସ ମାମଲାରେ ମାସକ ଭିତରେ ୭୦ ଟି ମାମଲା ରୁଜୁ ହୋଇଛି। ଏ ପର୍ଯ୍ୟନ୍ତ ୮ଟି ରିପୋର୍ଟ ଏସ୍‌ଆଇଟି ସୁପ୍ରିମକୋର୍ଟରେ ଦାଖଲ କରିଛନ୍ତି। ଆଉ କିଛି ମାସ ମଧ୍ୟରେ ପରବର୍ତ୍ତୀ ରିପୋର୍ଟ ସୁପ୍ରିମକୋର୍ଟରେ ଦାଖଲ କରିବ ଏସ୍‌ଆଇଟି। ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ତଦନ୍ତରେ ଇଡି ଓ ଆୟକର ବିଭାଗକୁ ସାମିଲ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଏସ୍‌ଆଇଟି। ନାରକୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ମୁଖ୍ୟ ଏସ.ଏନ. ପ୍ରଧାନ, ଆୟକର ବିଭାଗର ଅଧିକାରୀ, ଏସ୍‌ଆଇଟି ବିଭାଗର ଅଧିକାରୀ, ଓଡିଶା ପୁଲିସ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଅଧିକାରୀ, ଆରବିଆଇର ଅଧିକାରୀ, ସିବିଆଇର ଅଧିକାରୀ ଏବଂ ଅନ୍ୟ ତଦନ୍ତକାରୀ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଏଥିରେ ଯୋଗ ଦେଇଥିଲେ। ଦୁଇବର୍ଷ ପରେ ଏହି ବୈଠକ ଓଡ଼ିଶାରେ ହୋଇଛି। ଶେଷ ଥର ପାଇଁ ୨୦୨୦ ମାର୍ଚ୍ଚରେ ଏହି ବୈଠକ ହୋଇଥିଲା। ଯାହା ବି ଆଲୋଚନା ହେଉଥିଲା ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ହେଉଥିଲା।

# ଭୁବନେଶ୍ୱରରେ ମାସ୍କ ବାଧ୍ୟତାମୂଳକ


**ଭୁବନେଶ୍ୱର :** ରାଜ୍ୟରେ କରୋନା ସଂକ୍ରମଣ ପୁଣିଥରେ ଉପରମୁହାଁ ହୋଇଛି। ରାଜଧାନୀ ଭୁବନେଶ୍ୱରରେ କରୋନା ସଂକ୍ରମଣ ମାମଲା ବୃଦ୍ଧି ପାଇବା ପରେ ଆଜି ଭୁବନେଶ୍ୱର ମହାନଗର ନିଗମ(ବିଏମସି) ନିଗମ ପକ୍ଷରୁ କରୋନା ଗାଇଡଲାଇନ୍ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶନାମା ଜାରି ହୋଇଛି। ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ କରାଯିବା ସହ ସପିଂ ମଲ୍ ଓ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକରେ ୨ମିଟର ସାମାଜିକ ଦୂରତ୍ୱ ପାଳନ ଓ ଲୋକଙ୍କ ଭିଡ଼ ଜମିଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହାସହିତ ବିଏମସି କମିଶନର ବିଜୟ ଅମୃତ କୁଲାଙ୍ଗେ ମଧ୍ୟ ସହରବାସୀଙ୍କୁ ଘରୁ ବାହାରିବାବେଳେ ଅବା ଜନଗହଳିପୂର୍ଣ୍ଣ ଅଂଚଳକୁ ଯିବାବେଳେ ମାସ୍କ ପିନ୍ଧିବା ପାଇଁ ଅନୁରୋଧ କରିଛନ୍ତି। ସାମାଜିକ ଦୂରତ୍ୱ, ଟେଷ୍ଟିଙ୍ଗ ଓ ଚିକିତ୍ସା ମାଧ୍ୟମରେ କୋଭିଡକୁ ନିୟନ୍ତ୍ରଣ କରିପାରିବା ବୋଲି ବିଏମସି କମିଶନର କହିଛନ୍ତି। ବିଏମସି ପକ୍ଷରୁ ଜାରି ପରାମର୍ଶକୁ କଡ଼ାକଡ଼ି ଭାବେ ପାଳନ ନିମନ୍ତେ ରାଜଧାନୀବାସୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଘରୁ ବାହାରିବାବେଳେ ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ କରାଯାଇଛି। ସର୍ବସାଧାରଣ ସ୍ଥାନରେ ୨ମିଟରର ସାମାଜିକ ଦୂରତ୍ୱ ବଜାୟ ରଖିବା, ସମସ୍ତ ସପିଂ ମଲ ଓ ବ୍ୟବସାୟିକ ପ୍ରତିଷ୍ଠାନରେ ୨ମିଟରର ସାମାଜିକ ଦୂରତ୍ୱ ପାଳନକୁ ସୁନିଶ୍ଚିତ କରାଇବାକୁ କୁହାଯାଇଛି। ବ୍ୟବସାୟିକ ପ୍ରତିଷ୍ଠାନରେ ସାମାଜିତ ଦୂରତ୍ୱ ପାଳନ ସୁନିଶ୍ଚିତ କରାଇବା ଦାୟିତ୍ୱ ପ୍ରତିଷ୍ଠାନର ମାଲିକଙ୍କର ରହିବ। ସର୍ବସାଧାରଣ ସ୍ଥାନରେ ଛେପ ନପକାଇବା, ପରିଷ୍କାର ପରିଚ୍ଛନ୍ନତା ପାଇଁ ହାତ ଧୋଇବାକୁ ପରାମର୍ଶ ଦିଆଯାଇଛି। କୋଭିଡ୍ ସଂକ୍ରମଣ ରୋକିବା ପାଇଁ ଜାରି ଏହି ପରାମର୍ଶନାମାକୁ ଉଲ୍ଲଙ୍ଘନ କଲେ ଆଇନତଃ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଏମସି ପକ୍ଷରୁ ଚେତାବନୀ ଦିଆଯାଇଛି।

# 'ଗୋଟିଏ ମୁର୍ମୁଙ୍କୁ ମୋହରାକରି କୋଟିଏ ଆଦିବାସୀଙ୍କୁ ପ୍ରତାରଣା'

**ଭୁବନେଶ୍ୱର :** ଦେଶରେ ଅନୁଷ୍ଠିତ ହେବାକୁ ଯାଉଥିବା ଆଗାମୀ ରାଷ୍ଟ୍ରପତି ନିର୍ବାଚନରେ ଏନଡିଏର ପ୍ରାର୍ଥୀଭାବରେ ବରିଷ୍ଠ ବିଜେପି ନେତ୍ରୀ ତଥା ପୂର୍ବତନ ଝାଡ଼ଖଣ୍ଡ ରାଜ୍ୟପାଳ ଦ୍ରୌପଦୀ ମୁର୍ମୁଙ୍କୁ ପ୍ରାର୍ଥୀ କରାଯିବା ପରେ ମାଟି ଓ ପାର୍ଟିକୁ ନେଇ ଯେଉଁ ରାଜନୀତି ଉଭୟ ବିଜେପି ଓ ବିଜେଡ଼ି ଆରମ୍ଭ କରିଛନ୍ତି ତାକୁ କଂଗ୍ରେସ ନାପସନ୍ଦ କରିବା ସହିତ ସରଳ ଆଦିବାସୀଙ୍କର ଭାବାବେଗ ସହିତ ନ ଖେଳି ତାଙ୍କର କଲ୍ୟାଣ ନିମନ୍ତେ କାର୍ଯ୍ୟକରିବାକୁ ପରାମର୍ଶ ଦେଇଛି। ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ଗଣମାଧ୍ୟମ ଆବାହକ ସତ୍ୟପ୍ରକାଶ ନାୟକ ଉଭୟ ବିଜେପି ଏବଂ ବିଜେଡ଼ିକୁ ଆଦିବାସୀ ସ୍ୱାର୍ଥ ବିରୋଧି ଦଳ ଭାବରେ ଅଭିହିତ କରିବା ସହିତ କଡ଼ା ସମାଲୋଚନା କରି କହିଛନ୍ତି ଯେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଯିଏକି ରାଜ୍ୟରେ ଆଦିବାସୀଙ୍କର ବିକାଶ ପାଇଁ ଗଠିତ ହୋଇଥିବା ଟ୍ରାଇବ୍ ଆଡଭାଇଜରି କାଉନ୍‌ସିଲ ବା ଆଦିବାସୀ ଉପଦେଷ୍ଟା ସମିତିର ଅଧ୍ୟକ୍ଷ ଥାଇ ମଧ୍ୟ ବିଗତ ୪ ବର୍ଷ ଭିତରେ ଥରୁଟିଏ ହେଲେ ବୈଠକ ଡାକିନାହାନ୍ତି ବା ଡାକିବାକୁ ଉପଯୁକ୍ତ ଭାବିନାହାନ୍ତି। ରାଷ୍ଟ୍ରପତି ନିର୍ବାଚନ ଏକ ରାଜନୈତିକ ପ୍ରକ୍ରିୟା ଏବଂ ଚଳିତ ନିର୍ବାଚନରେ ବିଜେପିର ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ବିଜେଡ଼ି ସମର୍ଥନ ଦେଉଛି। କିନ୍ତୁ ପାର୍ଟି ଓ ମାଟିର ନାରା ଦେଇ ରାଜ୍ୟର ଆଦିବାସୀଙ୍କ ସ୍ୱାର୍ଥ ରକ୍ଷାକୁ ଅଗ୍ରାଧିକାର ଦେବା ପରିବର୍ତ୍ତେ କଂଗ୍ରେସ ଉପରକୁ ଦୋଷ ଲଦିବା ଅତ୍ୟନ୍ତ ନିନ୍ଦନୀୟ। ପ୍ରାର୍ଥିତ୍ୱକୁ ନେଇ କଂଗ୍ରେସକୁ ଅଯାଚିତ ଉପଦେଶ ଦେଉଥିବା ବିଜେପି ରାଜ୍ୟର ଏକ କୋଟିରୁ ଊର୍ଦ୍ଧ୍ୱ ଆଦିବାସୀ ମାନଙ୍କର କଲ୍ୟାଣ ନିମନ୍ତେ ଟଏସିର ବିନା ଅନୁମତିରେ କୋଟି କୋଟି ଟଙ୍କା ବେଆଇନ ଭାବରେ ଖର୍ଚ୍ଚ କରାଯିବାକୁ ନେଇ କାହିଁକି ପ୍ରଶ୍ନ ଉଠାଇ ନାହିଁ। ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ବିଜେପି ରାଜ୍ୟ ସଭାପତି ନବୀନ ବାବୁଙ୍କ ପାଖରେ ଟିଏସି ଗଠନ ଏବଂ ଏହାର ତୁରନ୍ତ ବୈଠକ ଡାକିବା ପାଇଁ ଦାବି ରଖିବକି ? ମାଟିର ପୁଅ ହିସାବରେ ମିଳିତ ବିରୋଧି ଦଳର ପ୍ରାର୍ଥୀ ଯଶୋବନ୍ତ ସିହ୍ନାଙ୍କୁ ବିହାର ବିଜେପି ସମର୍ଥନ ଦେବକି ? ଓଡ଼ିଶାରେ ୨୦୧୯ ମସିହା ପରଠାରୁ ଟିଏସି ବା ଆଦିବାସୀ ଉପଦେଷ୍ଟା ସମିତିର ଗଠନ କରାଯାଇ ନାହିଁ। ରାଜ୍ୟରେ



ଏସ୍‌ଡିସି ବା ସ୍ପେଷାଲ ଡେଭଲପମେଂଟ କାଉନ୍‌ସିଲ ୯ଟି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ କାର୍ଯ୍ୟକରୁଥିବା ବେଳେ ଏହାର ଗଠନ ଏବଂ ପରିଚାଳନା ନେଇ ଟିଏସିର କୌଣସି ଅନୁମୋଦନ ନଥିବା ଅତ୍ୟନ୍ତ ପରିତାପର ବିଷୟ। ବିଗତ ୨୨ ବର୍ଷ ଭିତରେ ଓଡ଼ିଶାରେ ୪୪ଥର ଟିଏସିର ବୈଠକ ବସିବା କଥା ମାତ୍ର ୧୭ଥର ବୈଠକ ଅନୁଷ୍ଠିତ ହୋଇଛି। ଅର୍ଥାତ ୨୭ଟି ବୈଠକ ଏପର୍ଯ୍ୟନ୍ତ ବସିନାହିଁ। ରାଜ୍ୟରେ ଆଦିବାସୀଙ୍କ ସଂଖ୍ୟା ୨୨ ପ୍ରତିଶତ ଏବଂ ସର୍ବଭାରତୀୟ ସ୍ତରରେ ତୃତୀୟ ବୃହତମ ହୋଇଥିବା ବେଳେ ବିଗତ ଦୁଇବର୍ଷ ଧରି କେନ୍ଦ୍ର ମୋଦି ସରକାରଙ୍କର ଆଦିବାସୀ ମାନଙ୍କ ନିମନ୍ତେ ଆସୁଥିବା ସ୍ୱତନ୍ତ୍ର ଅନୁଦାନକୁ ବନ୍ଦ କରି ରଖାଯିବା କାହା ସ୍ୱାର୍ଥରେ ବୋଲି ପ୍ରଶ୍ନ କରିଛି କଂଗ୍ରେସ। ମୋଦି ସରକାରଙ୍କ ଆଦିବାସୀ ମାରଣ ନୀତି ବିରୁଦ୍ଧରେ ରାଜ୍ୟ ବିଜେଡ଼ି ସ୍ୱରଉତୋଳନ କରିବା ସହିତ ବିଗତ ଦୁଇବର୍ଷ ଧରି ବନ୍ଦ ଥିବା ସ୍ୱତନ୍ତ୍ର ଅନୁଦାନ ପାଇଁ ମୋଦି ସରକାରଙ୍କ ପାଖରେ ଦାବି ରଖିବ କି ? କଳିଙ୍ଗ ନଗର ଆଦିବାସୀ ନରସଂହାର ଘଟଣା ସମୟରେ ବିଜେପି ବିଜେଡ଼ି ଗଠବନ୍ଧନ ସରକାରରେ ମନ୍ତ୍ରୀ ଥିବା ଦ୍ରୌପଦୀ ମୁର୍ମୁ ବିଧାନସଭାରେ ହୋଇଥିବା ଆଲୋଚନାରେ ଅଂଶଗ୍ରହଣ କରିନଥିଲେ କି ଏ ସଂପର୍କରେ ପାଟି ଖୋଲିନଥିଲେ। ବାସ୍ତବରେ ପାର୍ଟିର ଦ୍ୱାହି ଦେଇ ମାଟିକୁ ମାରା କରିଛନ୍ତି ଉଭୟ କ୍ଷମତାରେ ଥିବା ବିଜେପି ଓ ବିଜେଡ଼ି। ଓଡ଼ିଶାରେ ଜନସଂଖ୍ୟାର ୨୨ ପ୍ରତିଶତ ଆଦିବାସୀ ବିଗତ ୨୨ ବର୍ଷଧରି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି ଭଳି ଅନେକ କ୍ଷେତ୍ରରେ ପଛୁଆ ହୋଇ ରହିଛନ୍ତି। ଖୋଦ ଦ୍ରୌପଦୀ ମୁର୍ମୁଙ୍କ ଗାଁକୁ ୨୨ ବର୍ଷଧରି ବିଜୁଳି ସଂଯୋଗ ନଥିବା ପ୍ରମାଣିତ କରୁଛି ଯେ ଉଭୟ ବିଜେପି ଓ ବିଜେଡ଼ି ଆଦିବାସୀଙ୍କ ସ୍ୱାର୍ଥକୁ ନେଇ କେତେ ଗମ୍ଭୀର। ନିକଟରେ କେନ୍ଦୁଝର ଜିଲ୍ଲାପାଳଙ୍କୁ ଆଦିବାସୀ ଶୋଷଣ କାର୍ଯ୍ୟ ବିରୋଧରେ ଜାତୀୟ ମାନବାଧିକାର କମିସନଙ୍କ ନିକଟରେ ଉପସ୍ଥିତ ହେବାପାଇଁ ସମନ ଏବଂ ତାକୁ ନେଇ ରାଜ୍ୟ ସରକାର କୋର୍ଟଙ୍କ ଦ୍ୱାରସ୍ଥ ହେବା ଆଦିବାସୀ ଶୋଷଣର ଆଉ ଏକ ନମୁନା। ଆଦିବାସୀଙ୍କ ନ୍ୟାଯ୍ୟ ଦାବି ଓ ଅଧିକାର ପାଇଁ ପ୍ରଦେଶ କଂଗ୍ରେସ ସବୁବେଳେ ଲଢ଼େଇ ପାଇଁ ପ୍ରସ୍ତୁତ ରହିଛି ଏବଂ ଏ କ୍ଷେତ୍ରରେ ହୀନ ରାଜନୀତିକୁ ପ୍ରଶୟ ଦେବା ଉଚିତ ନୁହେଁ ବୋଲି ଶ୍ରୀ ନାୟକ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖପାତ୍ର ମନୋରଞ୍ଜନ ଦାଶ, ପ୍ରଶାନ୍ତ ଶତପଥି, ଗଣମାଧ୍ୟମ ସଂଯୋଜକ ଦୀପକ ମହାପାତ୍ର ଉପସ୍ଥିତ ଥିଲେ।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୦୪ - ୧୦ ଜୁଲାଇ, ୨୦୨୨

# କାହାକୁ କହିବା ସ୍ୱଚ୍ଛ ଶାସନ

ସମ୍ପାଦକୀୟ

ତାରକ ମହାନ୍ତି



ବ୍ୟୟ ବହୁଳ ନିର୍ବାଚନ ଏବଂ ତୁଷ୍ଟିକରଣ ରାଜନୀତି ଯୋଗୁ ସବୁ କ୍ଷେତ୍ରରେ ବିଭ୍ରାଟ ସୃଷ୍ଟି ହେଉଛି। ଯେଉଁମାନେ ଟଙ୍କା ଦେଇ ଭୋଟ କିଣୁଛନ୍ତି, ସେମାନେ ଲୋକଙ୍କ ସେବକ ହେବେ କିପରି। ସେହିଭଳି ଟଙ୍କା ଦେଇ ଚାକିରୀ ହାସଲ କରିଥିବା ବ୍ୟକ୍ତି ନିଃସ୍ୱାର୍ଥପର ବା ବିନା ଲାଂଚରେ କିଛି କାର୍ଯ୍ୟ କରିବାର ମାନସିକତା ରଖିବ କି! ବ୍ୟଭିଚାରର ମୂଳ ସୂତ୍ର ହିଁ ଟଙ୍କା ଦେଇ ଭୋଟ, ଚାକିରୀ କିଣିବା। ପଦ୍ଧତି ଠିକ ଚାଲିଛି କୁହାଯାଉଥିଲାବେଳେ ବାସ୍ତବ ତଥ୍ୟ ନିଆରା। କାରଣ ଆଜିକାଲି ରାତିପାହିଲେ କେହି ନା କେହି ସରକାରୀ କର୍ମଚାରୀ ଦୁର୍ନୀତିଗ୍ରସ୍ତ ଭାବେ ଧରାପଡୁଛନ୍ତି। ତାଙ୍କ ନିକଟରୁ କୋଟି କୋଟି ନଗଦ ଟଙ୍କା, ସୁନା ଗହଣା ଓ ଅମାପ ସମ୍ପତ୍ତି ଜବତ ହେଉଛି। ସରକାରୀ ଭାବେ ସ୍ୱଳ୍ପ ବେତନ ପାଉଥିବା ଜଣେ କର୍ମଚାରୀ କିପରି ବିପୁଳ ସମ୍ପତ୍ତିର ଅଧିକାରୀ ହୋଇପାରିଲା ତାହା ହିଁ ଅସଲ କଥା। ଏମାନଙ୍କୁ ଅମାପ ସମ୍ପତ୍ତି ଆହରଣ ବିଦ୍ୟା, ସୁରକ୍ଷା କିଏ ଦେଉଥିଲେ ? ରୋଗର ମୂଳ ନଖୋଜି କେବଳ ଲୋକଦେଖାଣିଆ ଭାବେ କର୍ତ୍ତବ୍ୟ ସମ୍ପାଦନ ନାଁରେ ଧରିବା ଓ ପରେ ମୁକ୍ତ କରିଦେବା ଯୋଗୁଁ ଦୁର୍ନୀତି କରିବାକୁ ସାହସ ମିଳୁଛି ବୋଲି ଭାବିବାକୁ ହେବ। ନଚେତ ଏତେ ଏତେ ଦୁର୍ନୀତି କରିବା ସହଜ ହୁଅନ୍ତାନାହିଁ। ଯିଏ ଦୁର୍ନୀତି କରୁଛି, ତାର ସିଂହଭାଗ ନିଶ୍ଚୟ ଉପରେ କାହାକୁ ଦେଉଛି। ଯେଉଁଥିପାଇଁ ତାଙ୍କ ଉପରେ ବିଳମ୍ବରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଅଥଚ ଧରାପଡୁଛନ୍ତି କର୍ମଚାରୀ, ତାହା ପୁଣି ଅଧିକ ତଳ ସ୍ତର। ଉପର ସ୍ତରରେ ଯିଏ ଅଛନ୍ତି ତାଙ୍କ ଚେର ଭିତରେ ଓ ସେଯାଏ ପହଂଚିବା ସହଜ ହେଉନାହିଁ। ବ୍ୟବସ୍ଥା ଏପରି ଯେ ବିଳମ୍ବିତ ନ୍ୟାୟିକ ପ୍ରକ୍ରିୟାରେ ଦୁର୍ନୀତିଗ୍ରସ୍ତ ନିଜ ସପକ୍ଷରେ ତଥ୍ୟ ଯୋଗାଡ଼ର ସମୟ ପଇଯା'ନ୍ତି। ପରେ ସାଧାରଣରେ ସେମାନଙ୍କୁ ଆଉ ମୁହଁ ଢାଙ୍କିବାକୁ ପଡିନଥାଏ। ଧୀରେ ଧୀରେ ଲୋକମୁଖରୁ ଦୁର୍ନୀତିଗ୍ରସ୍ତଙ୍କ ଲମ୍ବା ତାଲିକା ହଜି ହଜି ଯାଏ। ହେଲେ ସେମାନେ ସ୍ଥଳ ବିଶେଷରେ ଚାକିରିକାଳରେ ରୋଜଗାର କରିଥିବା ଅର୍ଥ ଫେରିପାଆନ୍ତି ଓ ପରେ ରାଜକୀୟ ଜୀବନ ଜିଅନ୍ତି। ଏଥିରେ ତାଙ୍କ ସମ୍ମାନ କମିବା ବଦଳରେ ଢ଼େର ବଢିଯାଏ, ସେମାନେ ପ୍ରତିଷ୍ଠିତ ମଣିଷ ତାଲିକାରେ ସ୍ଥାନ ପାଆନ୍ତି। ଅବସର ପରେ ସଞ୍ଚିତ କଳାଧନରେ ରାଜନୀତି, ଶିଳ୍ପ ଅନେକ କିଛି କରିବାପାଇଁ ସକ୍ଷମ ହୁଅନ୍ତି। ଗଳା ବାଟ ଅନେକ ରହିଥିବାରୁ ଦୁର୍ନୀତିରେ ଯେଉଁମାନେ ଲିପ୍ତ ସେମାନେ ସହଜରେ ଖସିଯିବାର ସୁଯୋଗ ମଧ୍ୟ ପାଇଥାନ୍ତି। ସାଧାରଣରେ ଦୁର୍ନୀତିଗ୍ରସ୍ତ କଠୋର ଦଣ୍ଡ ପାଇବେ ବୋଲି ଯେଉଁ ଧାରଣା ରହିଛି ତାହା ସବୁଠି ଠିକ ନୁହେଁ। ଗୋଟିଏ ବିଚାରଧାରାରେ ଦେଶ ସାରା ଏଭଳି ଅସଂଖ୍ୟ ଦୁର୍ନୀତିଗ୍ରସ୍ତ ନିଜର ଜାଲ ବିଛାଇ ଚାଲିଛନ୍ତି। ପ୍ରତ୍ୟେକ ବର୍ଷ ଦୁର୍ନୀତି ବିରୋଧରେ ଏକ ସପ୍ତାହ ପାଳନ କରାଯାଉଛି, ହେଲେ ଦୁର୍ନୀତି କମୁନାହିଁ କାହିଁକି! କାରଣ ଦୁର୍ନୀତି କରିବା ଲୋକ ପଛରେ କାହାର ନା କାହାର ଦୃଢ଼ ସମର୍ଥନ ରହିବା କାରଣରୁ ଏମାନଙ୍କ ସଂଖ୍ୟା କମିବା ପରିବର୍ତ୍ତେ ବଢିଚାଲିଛି। ଏହି ଅଦୃଶ୍ୟ ସହଯୋଗ ଦେଉଥିବା ବ୍ୟକ୍ତିମାନେ ହିଁ ଦେଶ ଖୋଳର ଅସଲ କାରଣ। ହୁଏତ ସେମାନେ ମନ୍ତ୍ରୀ, ନେତା କିମ୍ବା ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ହୋଇପାରନ୍ତି। କାରଣ ଗୋଟିଏ ଗୋଟିଏ ରାଜନୈତିକ ଦଳ କିପରି ପାଣ୍ଠି ସଂଗ୍ରହ କରିଥାଏ ତାହାର ଅସଲ କଥା ସାଧାରଣ ଜନତା ଏଯାଏ ବୁଝିନାହାନ୍ତି। ତେଣୁ ମାଗଣା ଯୋଜନାରେ ମିଳୁଥିବା ଅନେକ କିଛି ଘରକୁ ନେଇଯାଉଛନ୍ତି। ସେମାନେ କେବେ ବି ଭାବୁନାହାନ୍ତି ଯେ ମାଗଣା ମିଳୁଥିବା ଟଙ୍କା, ପଦାର୍ଥ ବା ଅନ୍ୟ କିଛି ତାହାର ଉତ୍ସ କେଉଁଠି। ଦୁନିଆରେ ମାଗଣା ଦେବା ଭଳି ନିର୍ଦ୍ଦିଷ୍ଟ କିଛି ସମ୍ପଦ ନାହିଁ। ଯିଏ ଦେଉଛି ସିଏ ନିଜ ସ୍ୱାର୍ଥ ପାଇଁ ଦେଉଛି ଓ ଏହାର ଭରଣାକାରୀ ଦାୟିତ୍ୱ ଅନ୍ୟ କାହାକୁ ଦେଇଛି। ସେହି ଅନ୍ୟ ଭରଣକାରୀ ସ୍ୱଚ୍ଛ ହେବ କିପରି। ରାଜନୀତିର ଚକ୍ରବ୍ୟୁହରେ ହନ୍ତସନ୍ତ ଜନତା ଏଯାଏ ବୁଝୁନାହାନ୍ତି ଯେ, ସରକାର ଯାହା ବାଣ୍ଟୁଛନ୍ତି ତାହା ତାଙ୍କର ଟିକସ ଟଙ୍କା। ଏଥିରେ ଦେଶ ଚାଲୁଛି, ବିକାଶ ନାଁରେ ଖର୍ଚ୍ଚ ଚାଲିଛି। ସାମଗ୍ରିକ ଭାବେ ଦେଖିଲେ ଦଳ ପ୍ରତି ସମର୍ଥନ ବଢାଇବା ଲକ୍ଷ୍ୟରେ ପ୍ରତ୍ୟେକ ରାଜନୈତିକ ଦଳ ନିଜର ପାଣ୍ଠି ବଢାଇବା ଏବଂ ଏହି ଅର୍ଥ ବଳରେ ଭୋଟ ହାସଲ କରିବା ହିଁ ଆଜିର ରାଜନୀତିରେ ମୁଖ୍ୟ କାର୍ଯ୍ୟ ହୋଇଯାଇଛି। ଏଥିରେ ସର୍ବାଗ୍ରେ ରହିଛନ୍ତି ଶାସନ କ୍ଷମତାରେ ଥିବା ଦଳ ଗୁଡିକ। କିଏ କେତେ ମାଗଣା ବାଣ୍ଟି ପାରିବ ତାହାକୁ ନେଇ ସମସ୍ତ ଦଳ ଯୋଜନା ପ୍ରସ୍ତୁତ କରିଚାଲିଛନ୍ତି। ଯିଏ ଯେତେ ଅଧିକ ମାଗଣା ଯୋଜନା କରୁଛନ୍ତି ଭୋଟର ତାଙ୍କୁ ହିଁ ଭରସା କରିଚାଲିଛନ୍ତି। କିନ୍ତୁ ଏଥିରେ ଦେଶର କି ରାଜ୍ୟର କେତେ କ୍ଷତି ଘଟୁଛି ତାହାର ହିସାବ ହେଉନାହିଁ। ସାଧାରଣଜନତା ସବୁ ଜାଣି ମଧ୍ୟ ବ୍ୟକ୍ତିଗତ ସ୍ୱାର୍ଥରକ୍ଷା ହେତୁ ମାଗଣା ଖାଇବା ବର୍ଜନ କରୁନାହାନ୍ତି। ସେମାନେ ନିଜେ ଯେତେବେଳେ ଚିନ୍ତା କରିପାରିବେ ସେଦିନ ହୁଏତ ପରିବର୍ତ୍ତନ ଆସିବ। ମାତ୍ର ଗୋଲାମୀ ମାନସିକତା ରଖି ସାମାନ୍ୟ ସୁବିଧା ପାଇଁ ନେତାଙ୍କୁ ହାଁ ଜୀ କହୁଥିବା ଯାଏ ବ୍ୟବସ୍ଥାରେ ପରିବର୍ତ୍ତନ ଅସମ୍ଭବ। ଯେପର୍ଯ୍ୟନ୍ତ ଆମେ ଆମର ଅଧିକାର ଓ ଦାୟିତ୍ୱ ସମ୍ପର୍କରେ ସଚେତନ ହୋଇପାରିନେ ସେପର୍ଯ୍ୟନ୍ତ ବିକାଶ ନାଁରେ ହରିଲୁଟ ଏହିଭଳି ଚାଲିଥିବ। ସାଧାରଣ ଜନତା ଯେଉଁଦିନ ବୁଝିପାରିବେ ଯେ ସେମାନଙ୍କ କଷ୍ଟାର୍ଜିତ ସମ୍ପତ୍ତିରୁ ଟିକସ ବାବଦରେ ସରକାର ଅନେକ କିଛି ପାଉଛନ୍ତି। ତେଣୁ ସରକାର ସର୍ବଦା ଜନତାଙ୍କ ନିକଟରେ ଉତ୍ତରଦାୟୀ। ହେଲେ ଜନତାଙ୍କ ଦୃଷ୍ଟି ଆଢୁଆଳରେ ରହି ସରକାର ଯୋଜନା ନାଁରେ କିଭଳି ରାଜକୋଷରୁ ଅର୍ଥ ବ୍ୟୟ କରନ୍ତି ତାହା ସାଧାରଣ ଲୋକ ବୁଝିପାରନ୍ତିନାହିଁ। ତେବେ ସାଧାରଣ ଲୋକ ଏତିକିରେ ଖୁସି ଯେ, ସରକାର ତାଙ୍କୁ ମାଗଣା ଚାଉଳ, ଛତା, ଜୋତା ଭଳି ଅନେକ ଯୋଜନା ଜରିଆରେ ଅର୍ଥ ଓ ଦ୍ରବ୍ୟ ପ୍ରଦାନ କରୁଛନ୍ତି। ଏଥିରେ ଦେଶ ବା ରାଜ୍ୟର କେତେ ଟଙ୍କା କୁଆଡେ ଯାଉଛି ସେକଥାରେ ତାଙ୍କର ଆଗ୍ରହ ନଥିଲା ଭଳି ମନେହୁଏ। କାରଣ ସ୍ୱାଧୀନତାର ଦୀର୍ଘବର୍ଷ ପରେ ଦେଶରୁ ଗରିବୀ ହଟିନାହିଁ। ନଚେତ ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷି ଉପରେ ଫୋକସ କରାନଯାଇ କେବଳ ଗରିବଙ୍କ ଚିନ୍ତା କରାଯାଉଛି। ଯଦିଓ ଏହା ଭଲ ପଦକ୍ଷେପ ତେବେ ଏହି ଗରିବୀର ଧାରା ଆଗାମୀ କେତେବର୍ଷ ପର୍ଯ୍ୟନ୍ତ ଲାଗି ରହିବ। ଦୀର୍ଘବର୍ଷ ଧରି ଗରିବଙ୍କ ପାଇଁ କରାଯାଉଥିବା ଯୋଜନାର ସୁଫଳ ଯଦି ଗରିବଙ୍କୁ ମିଳୁଥାନ୍ତା ତେବେ ମାଗଣା ଯୋଜନା ଭଳି ଯୋଜନାକୁ କାର୍ଯ୍ୟକାରୀ କରିବାକୁ ପଡୁନଥାନ୍ତା। ଯେଉଁ ଅର୍ଥରେ ଦେଶର ସାମଗ୍ରୀକ ବିକାଶ ହୋଇପାରିବ ଏବଂ ଭାରତ ଏକ ସମୃଦ୍ଧ, ଶକ୍ତ ଦେଶ ଭାବେ ବିଶ୍ୱ ଦରବାରରେ ନିଜକୁ ଉପସ୍ଥାପିତ କରିପାରିବ ସେଦିନ ବୁଝିବାକୁ ହେବ ଯେ ଦେଶରେ ସଠିକ୍ ବିକାଶ ଚାଲିଛି। ନଚେତ ଗରିବଙ୍କୁ ମୋହରା କରି ଭୋଟ ରାଜନୀତିର ଚକ୍ରବ୍ୟୁହରେ ସେମାନଙ୍କୁ ବାନ୍ଧି ରଖି ଏବଂ ବାସ୍ତବ ତଥ୍ୟ ଠାରୁ ଦୂରେଇ ରଖି ନିଜ ମର୍ଜିରେ ଶାସନ ଚଳାଇବାକୁ ନିରପେକ୍ଷ ଶାସନ ବୋଲି କେବେବି କହିହେବନାହିଁ। ଦଳୀୟ ଭିତ୍ତିକ ଯୋଜନା ଓ ଏହାର ଲାଭ ନିର୍ଦ୍ଦିଷ୍ଟ ଦଳର ଲୋକଙ୍କ ନିକଟରେ ପହଞ୍ଚାଇବାକୁ କେବେ ସ୍ୱଚ୍ଛ ଶାସନ କୁହାଯିବନାହିଁ।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ମ୍ୟୁନିକରେ ମୋଦି



ସୌମେନ୍ଦ୍ର ଜେନା

ଜର୍ମାନୀରେ ବିକଶିତ ରାଷ୍ଟ୍ର ଗୋଷ୍ଠୀ ଜି-୭ର ୪୮ତମ ବୈଠକ ଜୁନ୍ ୨୬-୨୭ ତାରିଖ ଦୁଇଦିନଧରି ଅନୁଷ୍ଠିତ ହେବା ଅବସରରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଆଲୋଚନାରେ ଅଂଶଗ୍ରହଣ କରିବା ଲାଗି ମ୍ୟୁନିକ ସହରରେ ପହଞ୍ଚିଥିଲେ । ଦେଖିବାକୁ ଗଲେ ବିଗତ ଦୁଇମାସ ମଧ୍ୟରେ ଜର୍ମାନୀକୁ ମୋଦିଙ୍କର ଏହା ଦ୍ୱିତୀୟ ଗସ୍ତ । ଗତ ମଇ ମାସ ପ୍ରଥମ ସପ୍ତାହରେ ମୋଦି ବର୍ଲିନ ଗସ୍ତ କରିଥିଲେ । ଯୁକ୍ତରାଷ୍ଟ୍ର ଆମେରିକା,ଜର୍ମାନୀ, ଫ୍ରାନ୍ସ, କାନାଡା, ଜାପାନ, ବ୍ରିଟେନ ଏବଂ ଇଟାଲୀ ଏହି ଗୋଷ୍ଠୀର ସଦସ୍ୟ ରାଷ୍ଟ୍ର ରହିଛନ୍ତି । ଏହି ବୈଠକକୁ ଭାରତ, ଆର୍ଜେଣ୍ଟିନା, ଇଣ୍ଡୋନେସିଆ, ସେନେଗଲ, ଦକ୍ଷିଣ ଆଫ୍ରିକା ଆଦି ରାଷ୍ଟ୍ରକୁ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେବାଲାଗି ନିମନ୍ତ୍ରଣ କରାଯାଇଥିଲା । ସ୍କଲ୍ସ ଏଲାମୁଠାରେ ଅନୁଷ୍ଠିତ ବୈଠକ ପାଇଁ ୨୫ ଜୁନ୍ ୨୦୨୨ରେ ମୋଦି ମ୍ୟୁନିକ୍ ବିମାନ ବନ୍ଦରଠାରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରାଯାଇଥିଲା । ମୋଦିଙ୍କୁ ଶ୍ରଦ୍ଧା କରୁଥିବା ପ୍ରବାସୀ ଭାରତୀୟ ବର୍ଗ ବହୁସଂଖ୍ୟାରେ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ କରିଥିଲେ । ପ୍ରଧାନମନ୍ତ୍ରୀ ତାଙ୍କର ଚିରାଚରିତ ଢଙ୍ଗରେ ଲୋକମାନଙ୍କ ଶୁଭେଚ୍ଛା ଗ୍ରହଣ କରିବା ସହ ସେମାନଙ୍କ ନିକଟକୁ ଯାଇ କୃତଜ୍ଞତା ପ୍ରକାଶ କରିଥିଲେ । ଏହି ଜି-୭ ବୈଠକକୁ ମୋଦିଙ୍କୁ ନିମନ୍ତ୍ରଣ ଦେବା ପଛରେ ଆୟୋଜକ ରାଷ୍ଟ୍ର ଜର୍ମାନୀର ଭବିଷ୍ୟତ ଯୋଜନା ରହିଛି । ରୁଷିଆ ଉପରେ ନାଟୋ ଗୋଷ୍ଠୀର କଟକଣା ଯୋଗୁ ଇଉରୋପର ଯୋଗାଣ ବ୍ୟବସ୍ଥା ଅସ୍ତବ୍ୟସ୍ତ ହୋଇପଡିଥିଲା ବେଳେ ଆଗାମୀ ଦିନରେ ସମାନ ଢଙ୍ଗରେ କଟକଣା ଚୀନ ବିରୋଧରେ ନାଟୋ ଗୋଷ୍ଠୀ ଲଗାଇବାର ସମ୍ଭାବନା ରହିଛି । ସେ ସମୟରେ ଚୀନର ଯୋଗାଣ ବନ୍ଦ ହେବା ପ୍ରାୟ ନିଶ୍ଚିତ । ତେଣୁ ଯଦି ଏବେଠାରୁ ଯୋଗାଣର ବିକଳ୍ପ ରାସ୍ତା ଖୋଜା ନ ଯାଏ ତେବେ ଆଗାମୀ ଦିନରେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡିକ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହେବେ । ଏହାଛଡା ଛୋଟ ଛୋଟ ଦୁର୍ବଳ ରାଷ୍ଟ୍ରଗୁଡିକୁ ସହାୟତା ଦେବା ଆଳରେ ଚୀନ ଯେପରି ସେହିସବୁ ରାଷ୍ଟ୍ରଗୁଡିକୁ ଋଣଯନ୍ତାରେ ପକାଇ ଜମିଦଖଲ କରିବାରେ ଲାଗିଛି ତାହା ଆଗାମୀ ଦିନରେ ଏକ ବଡ ସଙ୍କଟ ସୃଷ୍ଟିକରିବ ନିଶ୍ଚୟ । ଗଣତନ୍ତ୍ରକୁ ବିରୋଧ କରୁଥିବା ଚୀନ ଆଗାମୀ ଦିନରେ ଏକଦଳବାଦୀ ସରକାର ସ୍ଥାପନ କରିବା ପାଇଁ ଗୋଟିକ ପରେ ଗୋଟିଏ ଦେଶରେ ଉଦ୍ୟମ କରିବ । ମ୍ୟାନମାର ଏହାର ଉଦାହରଣ । କୋରୋନା ସମୟରେ ଅନେକ ପ୍ରକାର ବସ୍ତୁର ଯୋଗାଣକୁ ବନ୍ଦ କରି ଚୀନ ବିଶ୍ୱର ଅନେକ ରାଷ୍ଟ୍ରରେ ଅଭାବ ସୃଷ୍ଟି କରିଥିଲା । ଠିକ୍ ସେମିତି ରୁଷିଆର ପେଟ୍ରୋଲ ଏବଂ ଗ୍ୟାସ ଯୋଗାଣ ଇଉରୋପରେ ବ୍ୟାହତ ହେବାପରେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି ତାହା ଆଗାମୀ ଦିନରେ ଜଟିଳ ହେବାକୁ ଯାଉଛି । ୟୁକ୍ରେନ୦ରୁଷିଆ ଯୁଦ୍ଧ ଚାରିମାସ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ବନ୍ଦ ହେବାର ସମ୍ଭାବନା ଦେଖାଯାଉନାହିଁ । ଅପରପକ୍ଷେ କାଲିନୀଗ୍ରାଡର ଯୋଗାଣ ପଥକୁ ଲିଥୁଆନିଆ ବନ୍ଦ କରିଦେବା ପରେ ସେଠାରେ ରହିଥିବା ରୁଷୀୟ ନାଗରିକଙ୍କ ପାଇଁ ରୁଷର ସରକାର କଠୋର ପଦକ୍ଷେପ ଗ୍ରହଣ କରିବା ଆଶଙ୍କା ଦେଖାଦେଇଛି । ଯଦି ତାହା ହୁଏ ତେବେ ଇଉରୋପୀୟ ସଂଘର ରାଷ୍ଟ୍ରଗୁଡିକ ସହ ରୁଷିଆ ମୁହାଁମୁହିଁ ହେବା ପରିସ୍ଥିତି ସୃଷ୍ଟି ହେବ । ଫଳରେ ଯୁଦ୍ଧ ୟୁକ୍ରେନରୁ ଅନ୍ୟରାଷ୍ଟ୍ରକୁ ବ୍ୟାପିବାର ସମ୍ଭାବନା ଯଥେଷ୍ଟ ଅଧିକ । ଦୀର୍ଘଦିନ ଧରି ସେହି ଯୁଦ୍ଧ ଜାରି ରହିଲେ ଯୋଗାଣ ସଙ୍କଟ ଅଧିକ ଜଟିଳ ହେବ । ବର୍ତ୍ତମାନର ଶକ୍ତି ଏବଂ ଖାଦ୍ୟ ସଙ୍କଟ ସହ ଅନ୍ୟାନ୍ୟ ଅସୁବିଧା ମଧ୍ୟ ସୃଷ୍ଟି ହେବ । ଏପରି ସ୍ଥିତିରେ ଭାରତ ପରି ବଡ ଦେଶ ଇଉରୋପ ପାଇଁ ସହାୟକର ଭୂମିକା ନେଇପାରିବ ବୋଲି ଜର୍ମାନୀର ଚାନସେଲର ବିଚାର କରୁଛନ୍ତି । କାରଣ ବିଗତ ଦିନମାନଙ୍କରେ ଭାରତ କୋରୋନା ସମୟରେ ସହାୟତା ହେଉ କିମ୍ବା ରୁଷିଆ ଉପରେ କଟକଣା ସତ୍ତ୍ୱେ ସାହସର ସହ ରୁଷୀୟ ତୈଳ ଓ କୋଇଲା ଶସ୍ତା ଦରରେ କିଣିବାକୁ ଯେପରି ବଦ୍ଧପରିକର ହୋଇ କାର୍ଯ୍ୟ କରିଛି ତାହା ଜର୍ମାନୀକୁ ପସନ୍ଦ ଆସିଛି । ଭାରତ ବିକଳ୍ପ ଉତ୍ପାଦନ, ସୁଲଭ ଯୋଗାଣର କେନ୍ଦ୍ରଭାବେ ଉଭା ହେବାକୁ ଯେପରି ପ୍ରୟାସ କରି ଗୋଟିକ ପରେ ଗୋଟିଏ ସଂସ୍କାର ଆଣି ସଫଳତା ପାଇବାରେ ଲାଗିଛି ତାହା ଇଉରୋପର ରାଷ୍ଟ୍ରଗୁଡିକ ପାଇଁ ପ୍ରେରଣାଦାୟକ ହୋଇଛି। କାରଣ ୟୁକ୍ରେନର ଯୋଗାଣ ବନ୍ଦ ହେବାପରେ ଅନେକ ରାଷ୍ଟ୍ରରେ ଖାଦ୍ୟାନ୍ନ, ସାର, ଅନ୍ୟାନ୍ୟ ବସ୍ତୁ ଯୋଗାଣର ଅଭାବ ଦେଖାଦେଇଛି । ଭାରତ ଏହି ପରିପ୍ରେକ୍ଷୀରେ ଅନେକ ଦେଶକୁ ଯେପରି ଖାଦ୍ୟାନ୍ନ ଏବଂ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଚାଲିଛି ତାହା ଇଉରୋପ ପାଇଁ ବିଶ୍ୱାସ ଭରିଦେଇଛି । ସଙ୍କଟ କାଳରେ ମୋଦିଙ୍କ ନେତୃତ୍ୱ ଯେପରି ନିଜ ଦେଶରେ ସଫଳ ହୋଇଛି ସେମିତି ଆନ୍ତର୍ଜାତିକ ସ୍ତରରେ ବେଶ୍ ପ୍ରଶଂସନୀୟ ହୋଇଛି । ଏହିସବୁ କାରଣରୁ ଏସିଆରେ ଏବେ ଭାରତ ଅନ୍ୟମାନଙ୍କ ପାଇଁ ଆଗ୍ରହର କେନ୍ଦ୍ର ହୋଇଛି । ପ୍ରବାସୀ ଭାରତୀୟମାନଙ୍କ ଦ୍ୱାରା ଆୟୋଜିତ ସମ୍ବର୍ଦ୍ଧନା ସଭାରେ ପ୍ରଧାନମନ୍ତ୍ରୀ ମୋଦି ଯୋଗଦାନ କରି ଭାରତର ଗଣତାନ୍ତ୍ରିକ ପରମ୍ପରା, ବର୍ତ୍ତମାନର ରାଜନୀତିକ ସଂସ୍କାର ଓ ବିକାଶମୂଳକ କାର୍ଯ୍ୟ ସଂପର୍କରେ ଉଲ୍ଲେଖ କରିଥିଲେ । ତାଙ୍କ ଭାଷଣରେ ସେ ଖାଦ୍ୟ ସୁରକ୍ଷା, ସନ୍ତ୍ରାସର ପ୍ରତିରୋଧ କରିବା ଉପରେ ଜୋର ଦେଇଥିଲେ ।

ଜି-୭ ଆଲୋଚନାରେ ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ, କାନାଡାର ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡେୟୁ, ଜାପାନର ପ୍ରଧାନମନ୍ତ୍ରୀ ଫୁମିଓ କିସିଡା, ଇଟାଲୀର ପ୍ରଧାନମନ୍ତ୍ରୀ ମାରିଓ ଡ୍ରାଘି, ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ ଜନସନ, ଜର୍ମାନୀର ଚାନସେଲର ଓଲାଫ ସ୍କଲ୍‌ଜ, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ, ପ୍ରମୁଖ ଜି-୭ ରାଷ୍ଟ୍ରର ନେତା ଯୋଗଦାନ କରିଥିଲେ । ଇଉରୋପ ରାଷ୍ଟ୍ରସଂଘର ନେତୃବୃନ୍ଦ ମଧ୍ୟ ଏହି ବୈଠକ ସମୟରେ ଉପସ୍ଥିତ ଥିଲେ । ଆନ୍ତର୍ଜାତିକ ସଂଗଠନ ଜାତିସଂଘ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ବିଶ୍ୱବାଣିଜ୍ୟ ସଂଗଠନ, ଆନ୍ତର୍ଜାତିକ ମୁଦ୍ରାପାଣ୍ଠି, ବିଶ୍ୱବ୍ୟାଙ୍କର ସଦସ୍ୟଗଣ ଏହି ଆଲୋଚନାରେ ଯୋଗଦାନ କରିଥିଲେ । ଏହି ସଂଗଠନ ୧୯୭୫ରେ ଫ୍ରାନ୍ସର ରାମବୌଲେଟ କାସଲଠାରେ ପ୍ରଥମେ ଆରମ୍ଭ ହୋଇଥିଲା, ଯାହା ଷଡରାଷ୍ଟ୍ରୀୟ ମେଣ୍ଟଥିଲା । ପରବର୍ତ୍ତୀ କାଳରେ ୧୯୭୬ରେ କାନାଡାକୁ ଏଥିରେ ସାମିଲ କରାଯାଇଥିଲ । ପ୍ରଥମ ଜି-୭ର ବୈଠକ ପୁର୍ଟୋରିକୋଠାରେ ଅନୁଷ୍ଠିତ ହୋଇଥିଲା । ୧୯୮୧ରେ ଓଟାଓ୍ୱା ଆଲୋଚନା କାଳରୁ ଇଉରୋପୀୟ ସଂଘ ପ୍ରତିବର୍ଷ ଏଥିରେ ଯୋଗଦେଇ ଆସୁଛି । ୧୯୯୮ରେ ରୁଷିଆକୁ ଏହି ଗୋଷ୍ଠୀରେ ସାମିଲ କରାଯାଇଥିଲେ ହେଁ ୨୦୧୪ରେ କ୍ରିମିଆ ଦଖଲ ପରଠାରୁ ବହିଷ୍କାର କରାଯାଇଥିଲା । ଆଗାମୀ ବର୍ଷ ଏହାର ଆଲୋଚନା ଜାପାନର ଅଧ୍ୟକ୍ଷତାରେ ହେବ । ଏହି ସାତୋଟି ଦେଶ ବିଶ୍ୱ ବାଣିଜ୍ୟର ପ୍ରମୁଖ ରାଷ୍ଟ୍ର ।

୨୦୨୭ ସୁଦ୍ଧା ଢାଞ୍ଚାଗତ ବିକାଶ ପାଇଁ ୬୦୦ ବିଲିଅନ ଡଲାରର ଏକ ପାଣ୍ଠି ଗଢାଯିବା ଲାଗି କୁହାଯାଇଛି । ଯେଉଁଥିପାଇଁ ୨୦୦ ବିଲିଅନ ଡଲାର ଆମେରିକା ଦେବ ଏବଂ ଅବଶିଷ୍ଟ ୪୦୦ ବିଲିଅନ ଡଲାର ସଦସ୍ୟ ରାଷ୍ଟ୍ରଗୁଡିକ ଦେବେ । ଏହି ପାଣ୍ଠିରୁ ଗରିବ ରାଷ୍ଟ୍ରଗୁଡିକର ସହାୟତା ପାଇଁ ଅର୍ଥପ୍ରଦାନ କରାଯାଇପାରିବ ବୋଲି ଆଶା କରାଯାଉ ଥିଲେ ହେଁ ନିର୍ଦ୍ଦିଷ୍ଟ ସମୟସୀମାର ଘୋଷଣାବିନା ଏହି ପାଣ୍ଠି ଚୀନର ପ୍ରଭାବକୁ ହ୍ରାସ କରିପାରିବ ବୋଲି କହିବା ଠିକ୍ ହେବନାହିଁ । ଦ୍ୱିତୀୟରେ ରୁଷିଆର ମୁଦ୍ରା ରୁବଲର ଶକ୍ତି ହ୍ରାସ ପାଇଁ ରୁଷକୁ ସୁନା ରପ୍ତାନୀ ନିଷେଧ କରିବା କେତେଦୂର ସଫଳ ହେବ କହିହେବ ନାହିଁ । କାରଣ ନିକଟରେ ବ୍ରିକ୍ସ ସମ୍ମେଳନ ସମୟରେ ପୁଟିନ ଡଲାରର ବିକଳ୍ପ ମୁଦ୍ରା ପ୍ରଚଳନ ଉପରେ ଜୋର ଦେଇ ରୁବଲ -ୟେନ- ଟଙ୍କାର ସହଯୋଗରେ ସମ୍ଭବ ହେବ ବୋଲି କହିଥିଲେ । ତେଣୁ ରୁଷିଆକୁ ନିୟନ୍ତ୍ରଣ କରିବାକୁ ଜି-୭ର ଏହି ସ୍ୱପ୍ନ କେତେଦୂର ସଫଳ ହେବ ତାହା ସମୟ କହିବ । କାରଣ କ୍ୱାଡ ଆଲୋଚନା ଯେପରି ୟୁକ୍ରେନ କୈନ୍ଦ୍ରିକ ହୋଇଥିଲା ସେହିପରି ଜି-୭ ଆଲୋଚନା ମଧ୍ୟ ୟୁକ୍ରେନକୁ କେନ୍ଦ୍ର କରି ରୁଷିଆ ବିରୋଧରେ ମହାମେଣ୍ଟ ଗଠନ କଲାପରି ହେଲା । ରୁଷିଆ ଉପରେ ଭାରତ ଅଧିକ ଚାପ ପ୍ରୟୋଗ କରୁ ବୋଲି ଆମେରିକା ଚାହୁଁଛି । ସେମିତି ଭାରତ ରୁଷିଆଠାରୁ ତୈଳ ଏବଂ କୋଇଲା କ୍ରୟକୁ ବନ୍ଦ କରିବା ୟୁରୋପୀୟ ରାଷ୍ଟ୍ର ଚାହୁଁଛନ୍ତି । କିନ୍ତୁ ଅପରପକ୍ଷେ ଭାରତ ପୂର୍ବରୁ ବାର୍ଷିକ ୧ ପ୍ରତିଶତ ତୈଳ ରୁଷିଆଠାରୁ କ୍ରୟ କରୁଥିଲା ବେଳେ ଏବେ ତାହା ବଢି ପ୍ରାୟ ୧୦ ପ୍ରତିଶତରେ ପହଞ୍ଚିଲାଣି । ଏହା ଜାରି ରହିଲେ ଆଗାମୀ ଦିନରେ ରୁଷିଆ ଭାରତର ପ୍ରଥମ ତୈଳ ଯୋଗାଣକାରୀ ରାଷ୍ଟ୍ର ହେବ । ଏହାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ମୋଦି ଭାରତ ସ୍ୱଚ୍ଛ ଇନ୍ଧନ ବ୍ୟବହାର, ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ଉଚିତ ପଦକ୍ଷେପ ଗ୍ରହଣ, ସ୍ୱାସ୍ଥ୍ୟରକ୍ଷା ଉପରେ ଅଧିକ ଗୁରୁତ୍ୱ ଦେବାକଥା କହିଥିଲେ । ଶକ୍ତି କେବଳ ଧନୀଙ୍କ ପାଇଁ ନୁହେଁ ଗରିବଙ୍କ ନିକଟରେ ପହଞ୍ଚିବା ଦରକାର ବୋଲି ଯୁକ୍ତି ବାଢିଥିଲେ । ଏହି ବୈଠକ ଅବସରରେ ମୋଦିଙ୍କର ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନଙ୍କ ସହ ଆଲିଙ୍ଗନକୁ ନେଇ ଢେର ଆଲୋଚନା ବିଦେଶୀ ମିଡିଆରେ ହୋଇଛି । ମାକ୍ରୋନଙ୍କ ସହ ମିତ୍ରତାକୁ ନେଇ ଫ୍ରାନ୍ସ ମିଡିଆ ବହୁଳ ପ୍ରଚାର କରିଛି।

ଏହି ଅବସରରେ ମୋଦି ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ସିରିଲ ରାମଫୋସା ଏବଂ ଇଣ୍ଡୋନେସିଆର ରାଷ୍ଟ୍ରପତି ଜୋକୋ ୱିଡୋଡୋଙ୍କ ସହ ବ୍ୟାପକ ଆଲୋଚନା କରିଥିଲେ । ଜି-୭ଆଲୋଚନାରେ ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କି ଆଭାସ ବ୍ୟବସ୍ଥାରେ ଯୋଗଦେଇ ତାଙ୍କ ରାଷ୍ଟ୍ରକୁ ଅଧିକ ସହାୟତା ଦେବାଲାଗି କହିଥିଲେ । ଜର୍ମାନୀର ଚାନସେଲର ଓଲାଫ ସ୍କଲଜ ଏବଂ ଇଟାଲୀର ପ୍ରଧାନମନ୍ତ୍ରୀ ମାରିଓ ଡ୍ରାଘି ବର୍ତ୍ତମାନର ଶକ୍ତି ସଙ୍କଟକୁ ଦୂର କରିବାକୁ ପ୍ରାକୃତିକ ଗ୍ୟାସ କ୍ଷେତ୍ରରେ ଅଧିକ ପୁଞ୍ଜିନିବେଶ କରିବାକୁ କହିଥିଲେ । ମୋଟାମୋଟି କହିବାକୁ ଗଲେ ଜି-୭ ବୈଠକ ୟୁରୋପର ସ୍ୱାର୍ଥକୈନ୍ଦ୍ରିକ ଆଲୋଚନା ମଧ୍ୟରେ ସୀମିତ ହୋଇ ରହିଲା । ଏହା ବିଶ୍ୱ ସମସ୍ୟାର ସମାଧାନ ପାଇଁ ଆଲୋଚନାର ମଞ୍ଚ ହେବାଠାରୁ ଦୂରେଇ ରହିଲା । କୋରୋନା ପର ଆର୍ଥିକ ସ୍ଥିତିରେ ଅନେକ ରାଷ୍ଟ୍ର ସଙ୍କଟର ସମ୍ମୁଖୀନ ହୋଇଥିଲା ବେଳେ ଏହି ଗୋଷ୍ଠୀର ଆଲୋଚନାରେ ତାହା ଅଧିକ ସ୍ଥାନ ନପାଇବା ପରିତାପର ବିଷୟ ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ମାରୀ ଛୋରିୟାଁ ଛୋରୋଁ ସେ କମ୍ ନହିଁ



ଶ୍ୟାମ ସୁନ୍ଦର ସାମଲ

ଦେଶର ପ୍ରଥମ ଆଦିବାସୀ ମହିଳା ରାଷ୍ଟ୍ରପତି ହେବେ ଓଡ଼ିଶାର ଦ୍ରୌପଦୀ ମୁର୍ମୁ। କୁହାଗଲେ ଓଡ଼ିଶା ପାଇଁ ହେଉଛି ଏକ ଐତିହାସିକ ଦିନ। ଜଣେ ଓଡ଼ିଆ ମହିଳା ତଥା ସେପରି ପରିଚିତ ନଥିବା ବା ରାଜନୀତିରେ ସାମ୍ନାରେ ରହିଥିବା ଆଦିବାସୀ ମହିଳା ଦ୍ରୌପଦୀ ମୁର୍ମୁଙ୍କ ରାଜନୈତିକ ଜୀବନ ଅତ୍ୟନ୍ତ ନିରାଡ଼ମ୍ବର ଓ ଦାଗଶୂନ୍ୟ। ଦ୍ରୌପଦୀ ମୁର୍ମୁଙ୍କ ସଫଳତାର ଜୀବନ ଆମ କନ୍ୟା ମାନଙ୍କ ପାଇଁ ଆଦର୍ଶଣୀୟ। ଏ ଜାତିର ଭବିଷ୍ୟତ ଆମ କନ୍ୟା। ଶିକ୍ଷା କୁହନ୍ତୁ, ଖେଳ କୁହନ୍ତୁ ଏପରିକି ବୈଜ୍ଞାନିକ ବିଶ୍ଳେଷଣ କ୍ଷେତ୍ରରେ ମଧ୍ୟ ବେଟି ଯେଉଁଭଳି ସଫଳତାର ଉଦାହରଣ ରଖିଚାଲିଛନ୍ତି, ଏହାକୁ ଦେଖିବା ପରେ ଆତ୍ମ ସନ୍ତୋଷର ସହ କୁହାଯାଇପାରେ ଯେ ଭାରତର ଭବିଷ୍ୟତ କେବଳ ସୁରକ୍ଷିତ ନୁହେଁ ଉଜ୍ଜ୍ୱଳ ମଧ୍ୟ। ଅମୀର ଖାଁଙ୍କର ବହୁଚର୍ଚ୍ଚିତ ଏବଂ ଅତ୍ୟନ୍ତ ଲୋକପ୍ରିୟ 'ଦଙ୍ଗଲ' ଚଳଚ୍ଚିତ୍ରର ଏକ ଚର୍ଚ୍ଚିତ ଡାଇଲଗ ଥିଲା 'ମାରୀ ଛୋରିୟାଁ ଛୋଗୋଁ ସେ କମ ହେ କେ'। ଏହି ଗୋଟିଏ ସଂଳାପ ଉପରେ ଅତ୍ୟନ୍ତ ସୁନ୍ଦର ଏବଂ ବଡ଼ ବାର୍ତ୍ତାବହନକାରୀ ଦଙ୍ଗଲ ଫିଲ୍ମ ନିର୍ମିତ ହୋଇଥିଲା। ମହିଳା ସଶକ୍ତିକରଣ ଏବଂ ଲିଙ୍ଗଗତ ସମାନତା ଦିଗରେ ଏହା ଅତ୍ୟନ୍ତ ଉତ୍ସାହଦାୟୀ ଚଳଚ୍ଚିତ୍ର। ହରିଆଣାର ଏକ ମଧ୍ୟ ବୟସ୍କ ମଲ୍ଲଯୋଦ୍ଧା ନିଜର ଦୁଇ ଝିଅଙ୍କୁ ପୁରୁଷ ପ୍ରାଧାନ୍ୟ କୁସ୍ତି ଖେଳରେ ପ୍ରତିଷ୍ଠିତ କରାଇପାରିବାର ଅନୁପମ କାହାଣୀରେ ଫୋଗଟ ପରିବାରର ସଫଳତା ପ୍ରତିଫଳିତ ହୋଇଥିଲା। ଆଜି ବି ଭାରତୀୟ ମହିଳା କୁସ୍ତିରେ ଫୋଗଟ ପରିବାରକୁ ସମ୍ମାନର ସହ ସ୍ମରଣ କରାଯାଏ ଏବଂ ଅଧିକରୁ ଅଧିକ ଝିଅ କୁସ୍ତି ପ୍ରତି ଆକୃଷ୍ଟ ହେବା ପରିଲକ୍ଷିତ ହୁଏ।

୨୦୨୧ ଭାରତୀୟ ଲୋକସେବା ଆୟୋଗର ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ପ୍ରଥମ ତିନିଟି ସ୍ଥାନ ଦଖଲ କରିଛନ୍ତି ଝିଅମାନେ। ଆଇଏଏସ୍ ଏବଂ ଆଇପିଏସ୍‌ରେ ଝିଅଙ୍କ ସଫଳତା ନିଶ୍ଚିତ ଭାବରେ ଭାରତର ଭବିଷ୍ୟତ ପାଇଁ ଏକ ଶୁଭ ଲକ୍ଷଣ। ବେଟି ହିଁ ଭାରତର ଭବିଷ୍ୟତ। ଏହା ଏକାଧିକ କ୍ଷେତ୍ରରେ ସୁନ୍ଦର ଭାବେ ପ୍ରତିଫଳିତ ହୋଇଆସୁଛି। କେବଳ ସର୍ବଭାରତୀୟ ପରୀକ୍ଷା ନୁହେଁ, ଅଧିକାଂଶ କ୍ଷେତ୍ରରେ ଯାହା ପୂର୍ବରୁ ପୁରୁଷ ପ୍ରାଧାନ୍ୟ ହୋଇ ରହିଥିଲା, ସେଥିରେ ମହିଳାମାନଙ୍କ ସଫଳତା ନିଶ୍ଚିତ ଭାବରେ ଏକ ଉଲ୍ଲେଖନୀୟ ବିଷୟ ବୋଲି ଧରିନେବାକୁ ପଡ଼ିବ। ଏକାଧିକବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କଲାବେଳେ କନ୍ୟା ହିଁ ଆମର ଭବିଷ୍ୟତ ବୋଲି କହି ଆସୁଛନ୍ତି। କନ୍ୟାମାନେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ଏହି ବକ୍ତବ୍ୟ ସତ୍ୟତା ବିଭିନ୍ନ କ୍ଷେତ୍ରରେ ପ୍ରତିପାଦନ କରିଆସୁଛନ୍ତି। କେନ୍ଦ୍ର ସରକାର କେବଳ ଶିକ୍ଷା ନୁହେଁ, ସ୍ୱାସ୍ଥ୍ୟସେବା ଏବଂ ଲିଙ୍ଗ ସମ୍ବେଦନଶୀଳତା କ୍ଷେତ୍ରରେ କନ୍ୟା ମାନଙ୍କ ଉପରେ ଅଧିକ ଫୋକସ କରିଆସୁଛନ୍ତି। ଆତ୍ମନିର୍ଭର ଭାରତ ସହ ଆଉ ଏକ ଶବ୍ଦ ସଂଯୋଜିତ ହୋଇଛି ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା। ଆତ୍ମନିର୍ଭର ନାରୀ। ଭାରତକୁ ଆତ୍ମନିର୍ଭର କରାଇବାକୁ ହେଲେ ନାରୀମାନଙ୍କୁ ଆତ୍ମନିର୍ଭର କରାଇବାକୁ ପଡ଼ିବ। ଏହି ଦର୍ଶନ ଏବେ ଧୀରେ ଗତିରେ ହେଉ ପଛେ ଗ୍ରାମାଞ୍ଚଳକୁ ସଂପ୍ରସାରିତ ହେଉଛି। ବହୁ ବର୍ଷ ପୂର୍ବେ ଗ୍ରାମାଞ୍ଚଳରେ କନ୍ୟାକୁ ପୁତ୍ରଠାରୁ ସଂପୂର୍ଣ୍ଣ ପୃଥକ ଦୃଷ୍ଟିରେ ଦେଖାଯାଇ ଆସୁଥିଲା। ପାଠଶାଠ ଠାରୁ ଆରମ୍ଭ କରି ସାମାଜିକ ଚାଲିଚଳଣିରେ ମଧ୍ୟ ଅନେକ ବନ୍ଧନୀ ଭିତରେ ରଖାଯାଉଥିଲା କନ୍ୟାକୁ। ଏବେ ତାହା ଦ୍ରୁତଗତିରେ କିନ୍ତୁ ଭାଙ୍ଗିବା ଆରମ୍ଭ କରିଛି। ଲିଙ୍ଗ ଅସମତା ସମସ୍ୟା କେବଳ ଭାରତର ନୁହେଁ। ବିଶ୍ୱର ଅନେକ ଦେଶ ଏହି ମାନସିକ ବ୍ୟାଧିରେ ପୀଡ଼ିତ। ଏ ପର୍ଯ୍ୟନ୍ତ ଆମେରିକା ପରି ସଭ୍ୟ ଓ ଉନ୍ନତ ରାଷ୍ଟ୍ର ଜଣେ ମହିଳାଙ୍କୁ ରାଷ୍ଟ୍ରପତି ବାଛିପାରିନାହିଁ। କିନ୍ତୁ ଭାରତରେ ଯଥେଷ୍ଟ ଆଗରୁ ମହିଳାଙ୍କୁ ଶାସନ କ୍ଷେତ୍ରରେ ଗୁରୁତ୍ୱ ଦିଆଯାଇଆସିଛି। ବୈଦିକ ଯୁଗରେ ମହିଳାଙ୍କ ସ୍ଥାନ ପୁରୁଷଙ୍କ ସମସ୍କନ୍ଧ ଥିଲା। କିନ୍ତୁ ପରବର୍ତ୍ତୀ କାଳରେ ରକ୍ଷଣଶୀଳତା ଚାପରେ କନ୍ୟା ଏବଂ ନାରୀ ସମାଜରେ ଦ୍ୱିତୀୟ ବର୍ଗର ନାଗରିକ ହୋଇଯାଇଛି। ମାତ୍ର ଏବେ ଅନେକ ଗୁଡ଼ିଏ ପ୍ରଗତିଶୀଳ ପଦକ୍ଷେପ ଏବଂ ନିୟମ କେନ୍ଦ୍ର ସରକାର ନେଇସାରିଛନ୍ତି। ତିନି ତଲାକ ଉଚ୍ଛେଦ, ବେଟି ବଚାଓ, ବେଟି ପଢ଼ାଓ, ଉଜ୍ଜଳା ଯୋଜନା ଏହାର କେତେକ ବଡ଼ ନମୁନା।

କନ୍ୟା ପୁତ୍ରଙ୍କ ଠାରୁ କମ ନୁହଁନ୍ତି ଆଇଏଏସ୍, ଆଇପିଏସ ପରୀକ୍ଷା ଫଳ ଠାରୁ ଆଉ କ'ଣ ବଡ଼ ଉଦାହରଣ ମିଳିପାରେ। ଏକଦା ପ୍ରତିରକ୍ଷା ବିଭାଗରେ ବିଶେଷକରି ପଦାତିକ ବାହିନୀରେ ମହିଳାମାନଙ୍କ ଯୋଗଦାନ ନିଷିଦ୍ଧ ଥିଲା। ଏବେ ସେମାନେ ମଧ୍ୟ ନିଜର ସାମର୍ଥ୍ୟ ଓ ପ୍ରତିଭାର ସଫଳ ପରିଚୟ ଦେବାରେ ଲାଗିଛନ୍ତି। ଆର୍ଥିକ ଜଗତରେ ଭାରତୀୟ ମହିଳାଙ୍କ ସଫଳତାର କାହାଣୀ ଲମ୍ବା। ୨୦୨୦ରେ ଜାତୀୟ କନ୍ୟା ଦିବସରେ ଦେଶର ସ୍ଲୋଗାନଟି ଥିଲା 'ମୋ ସ୍ୱର : ଆମ ସମାନ ଭବିଷ୍ୟତ'। ଏ ଜାତିର ଭବିଷ୍ୟତ ଆମ କନ୍ୟା। ଶିକ୍ଷା କୁହନ୍ତୁ, ଖେଳ କୁହନ୍ତୁ ଏପରିକି ବୈଜ୍ଞାନିକ ବିଶ୍ଳେଷଣ କ୍ଷେତ୍ରରେ ମଧ୍ୟ ବେଟି ଯେଉଁଭଳି ସଫଳତାର ଉଦାହରଣ ରଖିଚାଲିଛନ୍ତି, ଏହାକୁ ଦେଖିବା ପରେ ଆତ୍ମସନ୍ତୋଷର ସହ କୁହାଯାଇପାରେ ଯେ, ଭାରତର ଭବିଷ୍ୟତ କେବଳ ସୁରକ୍ଷିତ ନୁହେଁ, ଉଜ୍ଜ୍ୱଳ ମଧ୍ୟ। ତଥାପି ଆହୁରି ଆଗକୁ ବଢ଼ିବାକୁ ପଡ଼ିବ। ଅନେକ ସମ୍ଭ୍ରାନ୍ତ ସମାଜରେ ଅନରକିଲିଂ ପରି ଘୃଣ୍ୟ ପ୍ରଥା କଳଙ୍କ ହୋଇ ରହିଛି। ଲଭ ଜିହାଦ ନାମରେ ଧର୍ମାନ୍ତରୀକରଣ ସକାଶେ ଯୁବତୀମାନଙ୍କୁ ମାଧ୍ୟମ କରାଯାଉଛି। ଏହିସବୁ ଛୋଟମୋଟ ପ୍ରତିବନ୍ଧକ ଦୂର ହୋଇଗଲେ ଆମ ବେଟିଙ୍କ ପାଇଁ ସ୍କାଏ ଇଜ ଦ ଲିମିଟ୍।

*ବିଡ଼ାନାସୀ ବନ୍ଧଛକ, କଟକ*
*ଦୂରଭାଷ : ୯୭୭୮୬୩୫୯୨୬*

## ଧାରାବାହିକ ଉପନ୍ୟାସ

### ବିଧୁମଞ୍ଜୁଳ ରାତି ଓ ନୀଳପରୀ



ଡ. ମୌସୁମୀ ପରିଡା

ଭାଗ-୧୪




*(ପୂର୍ବପ୍ରକାଶ ଉତ୍ତାରୁ)*

ତା ଭିତରେ ସ୍ୱପ୍ନ କଣ..ଆଶା କଣ..! କଣା କେମ୍ପା କି କୁଜାଟାଏ ହେଲେ ବି ସ୍ୱାମୀ ତ! ସେଇ ଭାଗ୍ୟ!

ସତରେ ଏମିତି ହୁଏ ତୁମମାନଙ୍କ ଭାଗ୍ୟରେ? ତୁ ବି ଯାଇଥିଲୁ ତୋ ବରଘରକୁ ବିବାହ ପାଇଁ? ସେଇଠି ତୋର ହାତଗଣ୍ଠି ପଡିଲା?

ହଅ..ତୋଳାକନ୍ୟା ବାହାଘର..ଯେଉଁଠି ଝିଅ ଯାଏ ତା ବରଘରକୁ ବିବାହ କରିବାକୁ!

ଭାରି ଡରଲାଗୁଥିବ ନା ପାର?

କୁକୁଡାକୁ ହାଣିବାକୁ ନେଲାବେଳେ ସେ ଜାଣିପାରେ, ଯେତେବେଳେ ତାରି ଆଖି ଆଗରେ ତା ଜାତିଭାଇମାନେ ବଳିପଡୁଥାନ୍ତି। ସେ ଠଉରେଇ ନେଇପାରେ ତାର ଦୁର୍ଭାଗ୍ୟକୁ। ହେଲେ ଆଉ ଚାରା କଣ? ଡରିଲେ କଣ ବାପାମାଆ ଫେରାଇ ଆଣିବେ ନା ଶାଶୁଘର ଲୋକେ ବୁଝାଇଦେବେ?

ପାର, ସତରେ ତୋର ଭାରି ଛାତି ଟାଣ! ତୁ ଥିଲେ ମୋର କିଛି ଡର ନାହିଁ। ହଉ ଛାଡ, ସେକଥା..ବରଯାତ୍ରୀମାନେ ଆସିଲେ ତୁ ଚୁପ୍ କିନା ଯାଇ ଦେଖି ଦେଇ ଆସି କହିବୁ ସେ କେମିତି ଦେଖିବାକୁ! ଶୁଣିଥିଲି ସେ କୁଆଡେ ରାଜାଙ୍କ ଭଳି ସୁନ୍ଦର। ହେଲେ ବରବେଶରେ ସେ କିଭଳି ଦିଶୁଛନ୍ତି? ଆଉ ହଁ କେହି ନଥିଲାବେଳେ ତୁ ଝଅଟ ଆସି ମୋତେ ନେଇଯିବୁ ଛାତ ଉପରର ସେ ନିଛାଟିଆ ଜାଗାକୁ। ସେଇଠି ମୁଁ ଦେଖିବି ତାଂକୁ ନିଜ ଆଖିରେ। ସେଠି ସେ ଦେଖାଯିବେ ଲୋ..ମୁଁ ଭଲକରି ଜାଣିଛି!

ଆଲୋ ମାଆ.. ବାଡୁଅପାଣି ଦେହରେ ପଡିସାରିଲାଣି, ଅନ୍ଧାରରେ ଏକୁଟିଆ ମୁଁ ତମକୁ କୁଆଡେ ନେବି ବା! ମାଲିକାଣୀ ମୋତେ ରଖିବେଟି?

ଆରେ ମୁଁ କହୁଛି ପରା! ଜିଗର କଲା ସ୍ୱରରେ କହିଲେ ଛୁଆ ମାଲିକାଣୀ।

ତୁମେ ଏମିତିକା କଥା କାହିଁକି କହୁଛ ଯେ! ଏ ବେଶରେ ପରା ଭୂତପ୍ରେତ ବି କିମିଆଁ ହୋଇ ଭିତରେ ପ୍ରବେଶ କରନ୍ତି! ଯଦି ତୁମ ଦେହରେ ପଶି ଯିବେ?

ସତେ କି..? ଏତେ ବଡବଡ ଆଖି ପଚାରିଲେ ସେ। ତାହେଲେ ଥାଉ। ହେଲେ ଝର୍କା ପାଖରୁ ମୋତେ ଟିକେ ଦେଖାଇଦେବୁ ଯେମିତି ହେଲେ। କାମରେ ପଡି ଭୁଲିଯିବୁନି। ନହେଲେ ତୋ ସହିତ ମୁଁ ଜମାରୁ କଥା ହେବିନି ଏଠାରୁ ଯିବା ଯାଏଁ।

ଆହା ଲୋ ମାଆ..ଏବେଠାରୁ ଏତେ ସରାଗ ଭାବୀସ୍ୱାମୀଙ୍କ ପାଇଁ! ପୁଣି ଘରର ଏରୁଣ୍ଡି ବନ୍ଧ ବି ଡିଆଁ ହୋଇନି। ବ୍ରାହ୍ମଣ ବେଦମନ୍ତ୍ର ବି ପଢିନାହାନ୍ତି। ଏତିକି କହି ବଧୂବେଶରେ ବସିଥିବା ଛୁଆ ମାଲିକାଣୀଂକ ଓଠକୁ ଟିକେ ହଲେଇଦେଲେ। ଆଉ ସେ ଲାଜରେ ନିଜ ମୁହଁକୁ ତାଙ୍କ ଦୁଇହାତ ପାପୁଲିରେ ଲୁଚାଇ ଦେଉଥିଲେ।

ପିଲାବେଳଠାରୁ ଖୁବ୍ ଅୟସରେ ବଢି ଆସିଥିବା ଛୁଆ ମାଲିକାଣୀ ଆଜି ବୋହୂ ସାଜିବେ। ଛୁଆ ମାଲିକାଣୀରୁ..ମାଲିକାଣୀ ପାଲଟିବେ। କେବେଦିନେ କୁଟା ଖଣ୍ଡେ ଉଠାଇନଥିବା ଅଳସୀ କନ୍ୟା ସଂସାରିକ ଝଡର ମୁକାବିଲା କିପରି କରିବେ? ଆଗରୁ ଶୁଖିଲାପତ୍ରଟିଏ ବି ତାଙ୍କ ଉପରେ ପଡିନି। ପଥର ପଡିଲେ କିପରି ସହିବେ? ଏତେ ଅଲିଅଳ ହୋଇ ବଢିଥିବା ରାଜକନ୍ୟା କିପରି ଶାଶୁଘରେ ଚଳିବେ? ଏସବୁ ଚିନ୍ତା ଘାରିଛି ସମସ୍ତଙ୍କୁ। ସେଥିପାଇଁ ପାର୍ବତୀକୁ କିଛିଦିନ ପାଇଁ ମାଲିକାଣୀଙ୍କ ସହିତ ତାଙ୍କ ଶାଶୁଘରକୁ ପଠାଇବାକୁ ସ୍ଥିର ହୋଇଛି।

କିନ୍ତୁ ଏଥିରେ ପାର ଅରାଜି । କୋଳର ଅବୋଧ ଶିଶୁକୁ ନେଇ ସେ କିପରି ଯାଇପାରିଥାନ୍ତା! ପାର୍ବତୀର ମାଆ ବି ଅରାଜି ହେଲା ତା ଝିଅର ସୁଖକର ଭବିଷ୍ୟଚିନ୍ତାରେ। କ୍ଷୀର ଖାଉଥିବା ପିଲାଟିକୁ ତା ମାଆଠାରୁ ସେ କଣ ଅଲଗା କରିପାରିବ? ଆଉ କୋଳ ଛାଡିନଥିବା ଶିଶୁଟାକୁ ନେଇ ତା ମାଆ କଣ ପର ଘରେ ଖଟିପାରିବ? ତା ପାଇଁ ଏବେ ବିଶ୍ରାମଲୋଡା। ଏ ଅସମୟରେ ସେ ତା ଜନ୍ମକଲା ମାଆହୋଇ ତାକୁ କିପରି ଏତେ ଦୂର ସାନମାଲିକାଣୀଙ୍କ ଶାଶୁଘରକୁ ପଠାଇଦେବ?

କିନ୍ତୁ ମାଲିକାଣୀଙ୍କ ବାପମାଆଙ୍କ ଏକା ଜିଦ୍ କିଛିଦିନ ପାଇଁ ମାଲିକାଣୀଙ୍କୁ ତାଙ୍କ ଶାଶୁଘରେ ଚଳେଇଦେଇ ଆସିବାକୁ। ବଡଲୋକ ସେମାନେ.. ବେଳ ଅବେଳରେ ସାହା ହୁଅନ୍ତି। ଆବଶ୍ୟକ ପଡିଲେ ଆଗୁଆ ଟଙ୍କା ଗଣିଦିଅନ୍ତି। ଏମିତି ହଠାତ୍ ମନାକଣ କରିହେବ ତାଂକୁ? ଏତେ ବାଧ୍ୟ କଲେଣି! କଥାଟା ଖରାପ ହେବ। ତେଣୁ ବାଧ୍ୟହୋଇ ପାର୍ବତୀକୁ ମାଲିକାଣୀଙ୍କ ଶାଶୁଘରକୁ ଆସିବାକୁ ହୋଇଥିଲା କିଛିଦିନ ପାଇଁ।

ମାତ୍ର କିଛିଦିନ ପରେ ସେ ଫେରିବ ତା ସଂସାରକୁ। ତା ପିଲା, ସ୍ୱାମୀ ଓ ମାଆ ସହିତ କାମଧନ୍ଦା କରି ସେ ବି ତା ଭାଗର ଜୀବନକୁ ଜୀଇଁବ। ତା ମଥା ଉପରର ଅକାଶକୁ ଚାହିଁ ତା ମନତଳର ଜହ୍ନ ଦେଖିବ। ତା ପୃଥିବୀ ଉପରେ ସେ ନିଜର ପାଦ ଥାପି ତନ୍ମୟ ହେବ। ସେ ମାଟି ଉପରେ ସେ ଫଳନ୍ତି ଗଛଟିଏ ଲଗାଇ ତା ମୂଳରେ ପାଣିଦେବ। ତା ଆଖପାଖରୁ ଆବର୍ଜନା ଓ ଘାସ ସବୁ ଉପାଡି ତାକୁ ସ୍ୱାଧୀନ ଭାବରେ ବଢିବାକୁ ଛାଡିଦେବ। ସେଠାରେ ନଥିବ ଅଜସ୍ର କଟକଣା କି କୌଣସି ଆଇନ୍ କାନୁନ୍, ନଥିବ କାହା ଆଦେଶ କି ପରାଧୀନତାର ବେଡି। ସେଠି ଖାଲିଥିବ ଖୋଲା ପବନର ମୁକ୍ତ ଓ ଅବାଧ ପ୍ରବେଶ। ଅପ୍ରତିହତ ସୂର୍ଯ୍ୟକିରଣ..ରୂପେଲି ଜ୍ୟୋତ୍ସ୍ନା..।

*(କ୍ରମଶଃ)*

## ବିବର୍ଣ୍ଣ ହୋଲି

### ମନୋଜ କୁମାର ବେହେରା



ଆଜି ହୋଲିରେ ମୋହନ ଏକା ଏଇ ସଂସାର ଭିତରେ । ବାପା,ମା',ଭାଇ,ଭଉଣୀ,ପୁଅ,ଝିଅ ସମସ୍ତେ ଅଛନ୍ତି ହେଲେ ଯଦି କାହାର ଅଭାବ ଅଛି ତେବେ ତାହା ହେଲା ମୋନାର । ହଁ..ମୋନା..କେତେ ଭଲ ନପାଏ ଏଇ ରଙ୍ଗର ପର୍ବ ହୋଲିକୁ । ହେଲେ ଏବେ ମୋନାର ଆବର୍ତ୍ତନମାନରେ ମୋହନର ହୋଲି ହେଇଯାଇଛି ବିବର୍ଣ୍ଣ । ଗତ ବର୍ଷ କରୋନା ଛଡେଇ ନେଇଥିଲା ମୋନାକୁ ତା'ଠୁ । ଆଜି ପୁଣି ଆସିଛି ହୋଲି..। କରୋନା ଆଜିବି ଅଛି..ହେଲେ ତା'ର ଆତଙ୍କଟା ଆଉ ଏତେଟା ନାହିଁ । ତଥାପି ତାକୁ ମାନିବାକୁ ପଡିବ କରୋନାର ସମସ୍ତ ନିୟମକୁ । ନିଜ ପାଇଁ ନହେଲେ ବି ମଧୁ ଆଉ ମାନବ ପାଇଁ । ହଠାତ୍ ଆଖିରେ ଲୁହ ଜକେଇ ଆସିଲା ମୋହନର.. ।

ପିଲାଟି ଦିନରୁ ମୋହନ ଦେଖି ଆସିଛି ଯେବେବି ହୋଲି ଆସେ ତା'ର ପୂର୍ବଦିନରୁ ମା' ଆଉ ଜେଜେମା' କହିବେ, 'ଦେଖ, ହୋଲିରେ ରଙ୍ଗ ଖେଳିବାକୁ ତମେ ମାନେ ବାହାରକୁ ଚାଲିଯିବ । ଜଣେ ହେଲେ ସାଙ୍ଗ ଯେମିତି ଘରେ ନପଶନ୍ତି । ନହେଲେ ରଙ୍ଗ ମାରିବା ବାହାନାରେ ଘର ସାରା ରଙ୍ଗ ପକେଇବେ । ଆମେ ଆଉ ଏତେ ଓଳା ପୋଛା କରି ପାରିବୁନି । ଆଉ ହୋଲି ଦିନ ସକାଳୁ ସକାଳୁ ମା' ଆଉ ଜେଜେମା' ଘରଦ୍ୱାର ପୋଛା ପୋଛି କରି ବରା ଘୁଗୁନି ବନେଇ ଆମ ମାନଙ୍କୁ ଖାଇବାକୁ ଦେଇ ଘରୁ ବାହାର କରି ଦିଅନ୍ତି ରଙ୍ଗ ଖେଳିବାକୁ । ଜେଜେବାପାଙ୍କୁ ଦୁଆର ବାହାରେ ଚଉକିଟେ ପକେଇ ବସେଇ ଦିଅନ୍ତି ଜଗୁଆଳୀ ପରି । ବାପାଙ୍କର ଆଉ ଆମ ଭାଇ ଭଉଣୀଙ୍କ ସାଙ୍ଗମାନେ ଜେଜେବାପାଙ୍କୁ ଘର ବାହାରେ ଦେଖି ଦେଲେ ବାଟ ଭାଙ୍ଗି ପଳେଇଯା'ନ୍ତି ଆପେ ଆପେ । କାରଣ ଯଦି ଜେଜେବାପାଙ୍କ ହାବୁଡରେ ପଡିଯିବେ ତେବେ ତାଙ୍କ ଉପଦେଶ ଶୁଣିବାରେ ବିତି ଯିବ ଦୁଇ ତିନି ଘଣ୍ଟା । ମୋଟା ମୋଟି କହିବାକୁ ଗଲେ ହୋଲିରେ ଆମ ଘରକୁ ପ୍ରାୟ କୌଣସି ସାଙ୍ଗ ସାଥୀ ଆସନ୍ତିନି । ଆମେ ସବୁ ଭାଇ ଭଉଣୀ ଆଉ ବାପା ଚାଲିଯାଉ ଘର ବାହାରକୁ ଆଉ ମନ ଭରି ରଙ୍ଗ ଖେଳି ବାହାରେ ଥିବା ବାଥ୍ରୁମ୍‌ରେ ଗାଧେଇ ସାରି ପଶୁ ଘରକୁ ।

ହେଲେ ମୋନା ଯେବେଠୁ ଏ ଘରକୁ ବୋହୂ ହେଇ ଆସିଲା ସେତେବେଳେ ତା' ଜୀବନରେ ଭରିଗଲା ଆଉ ଗୋଟିଏ ରଙ୍ଗ । ମୋନା ଥିଲା ଟିକିଏ ଅଲଗା ପ୍ରକାରର । ସେ ବହୁତ ଭଲ ପାଉଥିଲା ହୋଲିକୁ । ସେ ଘରେ ସମସ୍ତଙ୍କ ସହିତ ମିଶି ଖେଳିବାକୁ ଚାହୁଁଥିଲା । ମାତ୍ର ମା' ଆଉ ଜେଜେମା'ର ଆକଟ ଭିତରେ ତା'ର ହୋଲିର ସବୁ ଉତ୍ସାହ ଫିକା ପଡି ଯାଉଥିଲା । ଧୀରେ ଧୀରେ ସେ ମନ ମାରି ଚଳିବାରେ ଅଭ୍ୟସ୍ତ ହେଇଗଲା । ମୋହନ ବୁଝି ପାରେ ମୋନାରା ଦୁଃଖକୁ । ହେଲେ ତା'ର ସାହସ ନଥିଲା ଘରର ଚିରାଚରିତ ଚଳଣୀକୁ ବଦଳେଇବାକୁ । ସମୟ କ୍ରମେ ମୋନାର ରଙ୍ଗହୀନ ଜୀବନର ବର୍ଣ୍ଣାଳୀର ଛିଟା ନେଇ ଆସିଲେ ମଧୁ ଆଉ ମାନବ । ମୋନା କିନ୍ତୁ ଭୁଲି ପାରୁନଥିଲା ତା' ବାପଘରେ ମୁକ୍ତ ଭାବରେ ଖେଳିଥିବା ହୋଲିକୁ । ପ୍ରତି ବର୍ଷ ହୋଲିର ପୂର୍ବଦିନ ସେ ବହୁତ ଆଗ୍ରହର ସହ ଗୁଝିଆ ବନୋଉଥିଲା ଆଉ ମୁଁ ସେଥିରୁ ଚାରି ପାଞ୍ଚଟା ଖାଇ ଦେଇ ବାହାରି ଯାଉଥିଲି ରଙ୍ଗ ଖେଳିବାକୁ ସାଙ୍ଗ ମାନଙ୍କ ସହିତ । ସେ ସବୁବେଳେ ମୁହଁ ଶୁଖେଇ କୁହେ,'ତୁମେ ଘରେ ଆମ ସହିତ ହୋଲି ନ ଖେଳି ବାହାରେ ଯାଇ ସାଙ୍ଗ ମାନଙ୍କ ସହିତ ରଙ୍ଗ ଖେଳୁଛ । ଦେଖିବ ଦିନେ ଏଇ ଘର..ଏଇ ସାଙ୍ଗ ସାଥୀ..ପିଲାମାନେ ସମସ୍ତେ ଥିବେ ରଙ୍ଗ ଖେଳିବାକୁ ହେଲେ ମୁଁ ନଥିବି । ମୋହନ ଜାଣି ନଥିଲା ଏଇ କଥା ପଦକ ଏତେ ଜଲ୍‌ଦି ସତ ହେଇଯିବ ବୋଲି ।

ଏଇ ତ ତା'ର ମନେ ପଡୁଛି ଗତ ବର୍ଷର ହୋଲି କଥା । ସବୁ ଥର ପରି ସେଥର ମଧ୍ୟ ସେ ବାହାରି ଯାଇଥିଲା ବାହାରକୁ ସାଙ୍ଗମାନଙ୍କ ସହିତ ରଙ୍ଗ ଖେଳିବାକୁ । ବହୁତ ମନା କରିଥିଲା ମୋନା..କରୋନା କାଳରେ ହୋଲି ଖେଳିବାକୁ । ହେଲେ ସେ ମୋନାକୁ ଗାଉଁଲୀ,ଡରକୁଳୀ,ମଫୁ କେତେ କ'ଣ କହି ବୁଝେଇ ଦେଇଥିଲା କରୋନାକୁ ନଡରିବା ପାଇଁ । କହିଥିଲା ମୋନାକୁ,'ତୁମେ ଏତେ ଡରୁଛ କାହିଁକି ? କରୋନା ଏତେ ସାଙ୍ଘାତିକ ରୋଗ ନୁହେଁ । ଦେଖୁନ କରୋନାର ପ୍ରଥମ ଲହରୀରେ ଆମ କଲୋନୀର କେତେ ଲୋକ ଆକ୍ରାନ୍ତ ହେଇଥିଲେ ହେଲେ କାହାର କ'ଣ କିଛି ହେଲା' ?

ତଥାପି ମୋନା ନେହୁରା ହେଇ କହିଥିଲା,'ଦେଖ ନିଜ ପାଇଁ ନହେଲେ ନାଇଁ,ନିଜ ବୁଢା ବାପା,ମା',ପିଲାଛୁଆଙ୍କ ପାଇଁ ଏଇ ବର୍ଷଟା ଘରେ ହୋଲି ଖେଳ ଆମ ମାନଙ୍କ ସହିତ । କରୋନାର ଏଇ ଦ୍ୱିତୀୟ ଲହରଟା ଖୁବ୍ ଭୟଙ୍କର ବୋଲି ସମସ୍ତେ କହୁଛନ୍ତି' ।

ହେଲେ ସେ କ'ଣ ମାନିଥିଲା ମୋନାର କଥାକୁ ? ନା'..ବରଂ ଫୁ..କରି ଉଡେଇ ଦେଇଥିଲା ମୋନାର କାକୁତି ମିନତିକୁ ପବନରେ । ଅଉ ଚାଲିଯାଇଥିଲା ସାଙ୍ଗମାନଙ୍କ ସହିତ ହୋଲି ଖେଳବାକୁ। ମନଭରି ହୋଲି ଖେଳି ସାରିଲା ପରେ ଘରେ ପେଟେ ଖାଇ ଦେଇ ଚୁପ୍‌ଚାପ୍ ଶୋଇ ପଡିଥିଲା ଆନନ୍ଦରେ । ତା'ପର ଦିନ ସକାଳୁ ତାକୁ ଟିକିଏ ଜ୍ୱର ହେଲା ପରି ଲାଗିଲା । କାହାକୁ କିଛି ନଜଣାଇ ଦୁଇ ଦିନ ସେ ପାରାସିଟାମଲ୍ ତିନିଟା ଲେଖାଏଁ ଖାଇ ଦେଇ ଚାଲିଗଲା କାମକୁ। ତା'ପରେ ଚାହୁଁ ଚାହୁଁ ଘରେ ଜଣକ ପରେ ଜଣେ ପଡିଲେ ଜ୍ୱରରେ । ଟେଷ୍ଟ କଲା ବେଳକୁ ଜଣା ପଡିଲା ସମସ୍ତେ କରୋନା ପଜିଟିଭ । ସମସ୍ତେ ଘରେ ବନ୍ଦୀ ହେଲା ପରି ରହିଲେ,ହେଲେ ମୋନା..ବିଚାରୀକୁ କଷ୍ଟ ହେଲା ନିଃଶ୍ୱାସ ପ୍ରଶ୍ୱାସ ନେବାରେ । ତେଣୁ ତାକୁ ଭର୍ତ୍ତି କରିବାକୁ ପଡିଲା ହସ୍‌ପିଟାଲ୍‌ରେ । ଚାହୁଁ ଚାହୁଁ ଦିନ ଦିଇଟାରେ ମୋନା ଚାଲିଗଲା ଆର ପାରିକୁ ତାକୁ ଏକା କରିଦେଇ। ସେତେବେଳକୁ ସେ ଅନୁତାପ କରୁଥିଲା କି ଯଦି ସେ ରଙ୍ଗ ଖେଳିବାକୁ ବାହାରକୁ ଯାଇ ନଥାନ୍ତା ତେବେ ହୁଏତ ମୋନା ଅକାଳରେ କରୋନାରେ ଝରି ପଡି ନଥାନ୍ତା।

ଆଜି ପୁଣି ଥରେ ଆସିଛି ହୋଲି ସେହି କରୋନାର କଳା ଛାଇକୁ ସାଥିରେ ନେଇ । ହେଲେ ଆଜିର ହୋଲି ତା' ପାଇଁ ରଙ୍ଗୀନ ନହେଇ ହେଇ ଯାଇଛି ବିବର୍ଣ୍ଣ । ଭ୍ୟାକ୍ସିନ୍ ନେଇ ସାରିବା ପରେ ତା'ର କରୋନାକୁ ଆଉ ଡର ନାହିଁ ସତ ହେଲେ ତାକୁ ସତର୍କ ରହିବାକୁ ପଡିବ ନିଜ ବୃଦ୍ଧ ବାପା ମା' ଆଉ ପିଲାମାନଙ୍କ ପାଇଁ.. ।।।।



*୨୧୭,ୟୁନିଟ-୯(ଫ୍ଲାଟ),ବାୟାବାବା ମଠ ଲେନ, ଭୁବନେଶ୍ୱର-୨୨*
*ଫୋନ-୭୯୭୮୮୩୦୬୧୧*

## ରଥେ ମୁଁ ଦେଖିନି



### ଅନସୂୟା ପଣ୍ଡା

ମୁଁ ପୁନର୍ଜନ୍ମ ଚାହେଁ ବାର ବାର
ମଣିଷ ଦେହରେ ଏ ଧରାରେ
ସେଇଥି ପାଇଁ ରଥେ ମୁଁ ଦେଖିନି
ପ୍ରଭୁ ତୁମ ରୂପ ସଂଭାର।
ବାରବାର ଜନ୍ମ ଚାହେଁ, ଏ ମାଟିରେ
ଅଶେଷ ଆତ୍ମୀୟତାରେ ବନ୍ଧା ସୁଗନ୍ଧରେ
ମଣିଷର ଭାବ ଭକ୍ତି ପ୍ରେମ ପ୍ରୀତି
ନିଆରା ସମନ୍ୱୟ ଏ ଅମୃତ ଧରାରେ।
ମୋ ପୁଣ୍ୟର ଭାର ଏତେ ବଢାଅନି
କାଳେ ମୋକ୍ଷ ଆଉ ମୁକ୍ତି ପାଇଯିବି
ମାଟିଘଟ ଦେହରେ ନିର୍ବାଣର ସନ୍ଧାନରେ
ଅନିବାର ଜନ୍ମ ଚାହେଁ ପ୍ରତ୍ୟାଶାରେ
ଗରୀୟସୀ ଦେବଭୂମି ଓଡିଶାର ଛାତିରେ।
ଜିଇଁବାକୁ ଚାହେଁ ପୁରା
ସ୍ୱପ୍ନ ଅସ୍ଥି ମଜ୍ଜା ଦେହରେ
ସବୁ କଳ୍ପନାକୁ ଫୁଟେଇବାର ବିଭୋରତାରେ
ସବୁ ଇଚ୍ଛାକୁ ଉଜୀବିତ
କରିବାର ସମୁତଫୁଲ୍ଲତାରେ।
ଖଣ୍ଡଖଣ୍ଡ ଯୋଡିବି କୋଣାର୍କର ଶିଳାଖଣ୍ଡ ପରି
ସଜେଇବି କଳାକୃତି ତୃପ୍ତ ନିହାଣରେ
ଅନେକ କାମ ବାକି ପଡିଛି ମୋ'ର
ଦୁନିଆର ମୀନା ବଜାରରେ।
ବାକି ଅଛି କେତେ ବିକାକିଣା,
ସଞ୍ଚିତ କିଛି ପୁଣ୍ୟର ଖଜଣା
କରିବାକୁ ରଖିଛି କିଛି ପାପର ଭରଣା
ସେଥିପାଇଁ ରଥେ ବାମନ ଦର୍ଶନ ରଖିନି କାମନା

*ବୁର୍ଲା, ସମ୍ବଲପୁର*
*ଦୂରଭାଷ : ୯୪୩୯୨୧୧୯୭୧*

## ସ୍ମୃତିର ଦରଜା

### ରଜୀତ ଦାସ

ଆଷାଢ଼ ଆସିଲେ ତୁମ ସ୍ମୃତି ଆସେ
ଭିଜାଇବାକୁ ମୋ ଦେହ
ସ୍ମୃତିର ପାଖୁଡା ଖୋଲି ଖୋଲି ଯାଏ
ପଲକରେ ଦେଇ ଲୁହ।
କେବେ କେବେ ତମେ ଫଗୁଣରେ ଆସ
ଫଗୁ ରଙ୍ଗ ସାଥେ ଧରି
ତନୁ ଓ ମନ ରେ ରଙ୍ଗ ବୋଳି ଦିଅ
ସ୍ମୃତିର ଦରଜା ଖୋଲି।
ନିଦାଘ ବୈଶାଖେ ଯେବେ ତମେ ଆସ
ଆଣିଥାଅ ସାଥେ ଝାଞ୍ଜି
ତତଲା ମନ କୁ ଶୀତଳ କରାଅ
କାଳ ବଇସାଖି ସାଜି।
ମଉସୁମୀ ପରି କେବେ ଆସ ସାଥି
କେବେ ପୁଣି ଯାଅ ଲୁଚି
କେବେ ତମେ ଆସ କଳା ବଉଦ ରେ
ମେଘ ମଲ୍ଲହାର ସାଜି।
ଗାଁ ନଈ କୂଳେ କାଶତଣ୍ଡି ମେଳେ
ଏକା ମୁଁ ହେଇଛି ଠିଆ
ନିରୀମଳ ଶୋଭା ଶରତ ଆକାଶେ
ଫେରି ଆସିବ କି ପ୍ରିୟା।

*ସିଙ୍ଗିଟାଳି, କୁଜଙ୍ଗ, ଜଗତସିଂହପୁର*

## ଟୋଲଗେଟ୍

### ସୁମିତା ବେହେରା



ଛାତିରୁ କଣ୍ଟା କାଢିବା ଆଉ କୁହନା
ସେ କହିଲେ
ଉଖାରିଗଲା କ୍ଷତ
ଝରଝର ଝରିଲା ତଟକା ରକ୍ତ।
ନିର୍ଦ୍ଦିଷ୍ଟ ଠିକଣାରୁ
ନାମଫଳକ ହେଲା ନିରୁଦ୍ଦିଷ୍ଟ
ଏହା ହିଁ ହେବାର ଥିଲା।
ସମୟ ହେଲେ
ବୟସ୍କ ଗଛମାନେ ଶ୍ରୀ ହରାନ୍ତି
ସମୟକୁ ପାଉଣା ଦେଇ ଚାଲନ୍ତି
ତା ଇଚ୍ଛା ମୁତାବକ।
ବାଇପାସ୍‌ରେ ଯିବାର ସବୁ ବାଟ ବନ୍ଦ
ଅନିର୍ବଚନୀୟ ସ୍ୱପ୍ନ ବିଭୋର
ମୁହୂର୍ତ୍ତ ମାନଙ୍କୁ କବର ଦେଇ
ସୀମାହୀନତାର ସମୁଦ୍ରକୁ
ଲଙ୍ଘନ କରିବାକୁ ପ୍ରସ୍ତୁତ ମୁଁ।
ଉଡନ୍ତା ଆକାଶକୁ ଡେଣାମେଲି
ଛୁଇଁଥିବା ହାତର ପୁଣି ଭୟ କାହାକୁ ଯେ।
ଅଙ୍କା ବଙ୍କା ରାସ୍ତା ସେମିତି ଥାଉ
କିଛି କିଛି ଖାଲଖମା ବି ରହୁ
ରାସ୍ତା କଡ଼ରେ ବୟସ୍କ ଗଛମାନଙ୍କରେ
ଠିକ୍ ସେମିତି ଫୁଲଫୁଟୁ
ମହକ ଝରୁ
ଅଭିମନ୍ତ୍ରିତ ହୋଇଯାଉ
ଆଗକୁ ପଡିଥିବା କାକରର ଶେଜ।
ତେବେ ହୁଏତ କମ୍ ପାଉଣା
ଦେବାପାଇଁ ପଡିବ
ଆଗାମୀ ଟୋଲଗେଟ୍‌ରେ।


*କାଳିକାପୁର, ବାରିପଦା*

## କବିତାର କଥା

(ଭାଗ-୭୬)



ଉମାକାନ୍ତ ରାଉତ



## ବିଚ୍ଛେଦର ସ୍ୱାଦ

ଦେହ,ଦାହ ଓ ଦହନ ନୁହେଁ ପ୍ରେମର ଅସଲ ପରିଚୟ। ଏସବୁର ଉର୍ଦ୍ଧ୍ୱରେ ପଥର ତରଳେଇ ଦେବାର ସାମର୍ଥ୍ୟ ଥାଏ ପ୍ରେମର। ଏକଥା ମୁଁ ନୁହେଁ; ଦୃଢୋକ୍ତି କରନ୍ତି ମାଧୁରୀ। ସେଥିପାଇଁ ତ ସିଏ ସବୁବେଳେ ପ୍ରେମର ହାତ ଧରି ଚାଲୁଥା'ନ୍ତି ......ଆଉ ଚାଲୁଥାଆନ୍ତି ଏବଂ ଚାଲୁ ଚାଲୁ "ତୋ ସହ ଚାଲୁଥାଏ" ଦାୟରେ କହନ୍ତି --

"ଏ ପ୍ରେମ ସେମିତି ନୁହେଁରେ
ଅନ୍ଧାରି ପାର୍କ କୋଣରେ
ନିଆଁ ସେକିବାକୁ,
ଏ ପାଦର ଯାତ୍ରା
ସେ ଯାଏଁ ନୁହେଁରେ
ନଈପଠା, ଝାଉଁ ବଣରେ ହଜିବାକୁ"

ପ୍ରେମକୁ ବାସ୍ନାୟିତ କରିବା ପାଇଁ ଅନ୍ଧାରକୁ ଆୟୁଷ୍ମାନ୍ କରି ଦେଉଥିବା ନୀଳ ଉପତ୍ୟକାର ନିଆରା କବି ନିରୂତା ନିରବତାର ନିରବଧିରେ କାମନା କରନ୍ତି ସଭିଙ୍କର ସୁଖନିଦ୍ରା ଓ ଏକ ଦୁର୍ଘଟଣାମୁକ୍ତ ପୃଥିବୀ ଯେଉଁଠି ଥିବ କେବଳ ପ୍ରେମ ଆଉ ପ୍ରେମ।

ସେଥିପାଇଁ ତ ସେ ସ୍ୱପ୍ନମାନଙ୍କୁ କ୍ରୁଶ୍‌ରେ ବାହୁଡ଼ି ଭଳି ଝୁଲାଇ ଦେଇ ଜୀବନକୁ ଉତ୍ସବମୁଖର କରାଇବାକୁ ଚାହାନ୍ତି।ଜୀବନ ଠାରୁ ବିଦାୟ ନୁହେଁ; ଜୀବନକୁ ନୂଆ ଧ୍ୱନି,ନୂଆ ତରଙ୍ଗ, ନୂଆ ସ୍ୱର ଓ ନୂଆ ରଙ୍ଗରେ ପ୍ଲାବିତ କରିବାକୁ ଚାହାନ୍ତି। ଅସଲ ପ୍ରେମର ପରିଚୟ ଆଉ କ'ଣ କି?

ମିଳନ ଅପେକ୍ଷା ପ୍ରେମରେ ବିଚ୍ଛେଦର ସ୍ୱାଦ କେଡ଼େ ମନୋମୁଗ୍ଧକର, ମର୍ଯ୍ୟାଦାବନ୍ତ – ସେକଥା ସର୍ବାଙ୍ଗେ ଅନୁଭବ କରି କବି କହନ୍ତି –

"ତୋ' ଭିତରେ ବି ହଲଚଲ୍
ଆଉ ମୋ'ର ଭିତରେ ବି
ଏକଥା ଆମକୁ ଜଣା ବୋଲି
ଆମେ ସ୍ଥିର
ବାସ୍ ସେତିକି
ଏଥର ଫେରିଯିବେ
ମୋ'ର ଓଠର ହସ
ମୋ ଓଠରେ ଥିବ
ବିଦାୟ ଏମିତି ନେବା ପରସ୍ପରଠୁଁ
ମିଳନର ମର୍ଯ୍ୟାଦା ବନୁଥିବ।"

ପ୍ରେମର ଏକ ମୁଖ୍ୟ ଭୂଷଣ ତ ପ୍ରତୀକ୍ଷା । ପ୍ରତୀକ୍ଷା ବିନା କେହି କ'ଣ ପାଳିପାରେ ପ୍ରେମ? ଉଲ୍ଲାସ ଆଉ ପୀଡ଼ାର ସୀତ୍କାର ବିନା ପ୍ରେମର ପରିପୋଷଣ କାହିଁ ? ସେଥିପାଇଁ ତ "ଅପେକ୍ଷା ଆଉ କ'ଣ କି...?"ରେ କବିଙ୍କର କଥା ହେଲା –

"ଅନ୍ଧାର ଓ ଜହ୍ନ ରାତିର କୋଲାଜ୍
କିଛି ଦରଫୁଟା ମଲ୍ଲୀକଢ
ଧୂପ, ଧୂଆଁଭରା ଆଉଜା କବାଟ"

ନୀରବତା ଓ ପ୍ରେମ କେବେ ଚୁପ୍ ଚାପ୍ ହାତ ଧରାଧରି ହୋଇ ଚାଲୁଥିବାର ଦେଖିଛନ୍ତି କି?

ଯଦି ଦେଖି ନଥିବେ ତେବେ "ଅଧା ଅଧା ନୀରବତା"ରେ ଚାକ୍ଷୁଷ କରିପାରିବେ ଦୃଶ୍ୟମାନ ନହୋଇ ବି ଦେଖି ହେଇପାରୁଥିବା ସେ ଅନନ୍ୟ ଦୃଶ୍ୟ! ସେଥିପାଇଁ ତ କବି ଉଡ଼ାଣ ଭରିବା ପାଇଁ ତାଙ୍କୁ ଯଚା ଯାଇଥିବା ଆକାଶକୁ ପ୍ରତ୍ୟାଖ୍ୟାନ କରିଦେଇ ସଂକ୍ରମିତ ପୃଥିବୀକୁ, ଏପରିକି ଜୀବନ ଠପ୍ ହୋଇଯାଉଥିବା ଇଲାକାର ମାଟିକୁ ଆପଣାର କରିନେଇପାରନ୍ତି ପ୍ରେମର ଦ୍ୱାହିରେ। ଆଉ ଦମ୍ଭୋକ୍ତି କରନ୍ତି --

"ଖାଣ୍ଟି ପ୍ରେମରେ ତିଆରି
ମଣିଷ ମୁଁ, ପ୍ରେମକୁ ପିନ୍ଧିଛି
ପ୍ରେମ ହିଁ ମୋର ଦେହ, ଆଭୂଷଣ
ସଂକ୍ରମିତ ସମୟକୁ ମୋର ଭୟ ନାହିଁ
ମାରିବୁ ତ, ପ୍ରେମରେ ମାରିଦେ।"

ବିରହ ହିଁ ପ୍ରେମର ଅସଲ ପରୀକ୍ଷାର ସୂଚୀପତ୍ର। ସେଥିପାଇଁ ତ ପୂର୍ବରୁ କହିଛି ଯେ ମିଳନର ପର୍ବ ଅପେକ୍ଷା ବିଚ୍ଛେଦର ସ୍ୱାଦରେ ଥାଏ ମହାମିଳନର ଆହ୍ଲାଦ। ଏହି ପରିପ୍ରେକ୍ଷୀରେ ଯଦି ମାଧୁରୀଙ୍କୁ ପଚରାଯାଏ – ଏସବୁର ଅର୍ଥ କ'ଣ?

ନୀରବତାର ଭାଷାରେ ତାଙ୍କର ଉତ୍ତର ହୃଦୟ ଗହ୍ୱରକୁ ଅନୁରଣିତ କରେ –

ଥାଉ, ପଚାରନା। ନୀରବତା ହିଁ ମୋ' ଅସ୍ତ୍ର ....ମୋ' ଉତ୍ତର......!

*(କ୍ରମଶଃ)*

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*

## ବିଦ୍ୟାଳୟରେ ପାଣିର ଘୋର ଅଭାବ

# ଅପରିଷ୍କାର ପାଣି ବ୍ୟବହାର କରୁଛନ୍ତି ସରକାରୀ ଛାତ୍ରାବାସର କୁନି କୁନି ଛାତ୍ର

**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ ଅନ୍ତର୍ଗତ ବାଙ୍କୁଲି ପଞ୍ଚାୟତ ବାଙ୍କୁଲି ଗ୍ରାମରେ ରହିଥିବା ସରକାରୀ ବିଦ୍ୟାଳୟ ଠାରେ, ଗରିବ ଆଦିବାସୀ ନିରୀହ ଛାତ୍ର ଛାତ୍ରମାନଙ୍କ ପାଇଁ ଉତ୍ତମ ସୁବିଧା ସୁଯୋଗରେ ପାଠ ପଢ଼ାଇବା ନିମନ୍ତେ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଇ ଛାତ୍ରମାନଙ୍କ ଭବିଷ୍ୟତ ଉଜ୍ଜଳ କରିବା ନେଇ ବିଦ୍ୟାଳୟ ଗୁଡ଼ିକରେ ଅନେକ ପ୍ରକାର ସୁବିଧା ପ୍ରଦାନ କରୁଛନ୍ତି। ବିଦ୍ୟାଳୟରେ ପାଠ ପଢା ପାଇଁ ସ୍ମାର୍ଟ କ୍ଲାସ ରୁମ ତିଆରି କରାଯାଉଛି। ବିଦ୍ୟାଳୟ ଗୁଡ଼ିକରେ ସୁନ୍ଦର ବଗିଚା ତିଆରି କରାଯାଉଛି, ପିଲାଙ୍କ ପାଇ ଶୌଚାଳୟର ସୁବିଧା କରାଯାଉଛି। ପିଇବା ପାଇଁ ସ୍ୱଚ୍ଛ ପାଣି ଯୋଗାଇ ଦିଆ ଯାଉଛି ତଥାପି ବିଦ୍ୟାଳୟର ପରିସ୍ଥିତି ଯେମିତିକୁ ସେମିତି ଦେଖାଦେଇଛି। ଏହି ବ୍ଲକ ଅନ୍ତର୍ଗତ ବାଙ୍କୁଲୀରେ ରହିଛି ସରକାରୀ ଛାତ୍ରାବାସ। ବର୍ତ୍ତମାନ ଏହି ବିଦ୍ୟାଳୟକୁ ୫-ଟି



ପରିସର ଭୁକ୍ତ କରିବା ପାଇଁ ରାଜ୍ୟ ସରକାର ବିଦ୍ୟାଳୟ ରୂପାନ୍ତରିକରଣ କରିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ବିନିଯୋଗ କରୁଥିବା ଦେଖିବାକୁ ମିଳୁଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଏଠାକାର ଛାତ୍ରମାନେ ଗାଧୋଇବା ପାଇ ପାଣି ଟିକେ ମିଳି ପାରୁ ନାହିଁ। ଯଦ୍ୱାରା ଛାତ୍ରାବାସରେ ରହି ପାଠ ପଢୁଥିବା ପିଲାଙ୍କୁ ଗାଧୋଇବା ପାଇଁ ଯିବାକୁ ପଡୁଛି ବିଦ୍ୟାଳୟକୁ ଲାଗି ରହିଥିବା ଜମି ନାଳକୁ। ବର୍ଷାଦିନେ ନାଳରେ ଜମିଥିବା ଗନ୍ଧିଆ ପାଣିକୁ ଗାଧୋଇ ପିଲାଙ୍କୁ କାଛୁକୁଣ୍ଡିଆ ହେବା ସହିତ ଅନ୍ୟାନ୍ୟ ରୋଗରେ ଅବସ୍ଥା ଗୁରୁତର ହେବା ସମ୍ଭାବନା ରହିଛି। ଏହାକୁ ଦେଖି ଅଞ୍ଚଳବାସୀ ତୀବ୍ର ନିନ୍ଦା କରୁଥିବା ଦେଖିବାକୁ ମିଳୁଛି। ଏ ବିଷୟ ନେଇ ଆମେ ବିଦ୍ୟାଳୟର ଶିକ୍ଷକଙ୍କୁ ପଚାରିବାରୁ ବିଦ୍ୟାଳୟରେ ପାଣିର ଅଭାବ ହେତୁ ଛାତ୍ରମାନଙ୍କୁ ନାଳରେ ଗାଧୋଇବା ପାଇଁ ଯିବାକୁ ପଡୁଛି ବୋଲି ମତ ପ୍ରକାଶ କରିଛନ୍ତି। ହେଲେ ସରକାରଙ୍କ ଅନେକ ଯୋଜନା ଏଠି ଫେଲ ମାରୁଥିବା ଦେଖିବାକୁ ମିଳୁଛି। ୫-ଟିରେ ଅନ୍ତର୍ଭୁକ୍ତ ହେଉଥିବା ବିଦ୍ୟାଳୟରେ ପାଣିର ଅସୁବିଧା ଶୁଣିଲେ ସମସ୍ତଙ୍କ ମନରେ ଗୋଟିଏ କଥା ଉଙ୍କି ମାରୁଛି ଯେ, ସରକାରଙ୍କ ବିଦ୍ୟାଳୟ ରୂପାନ୍ତରିକରଣ ପାଇଁ ଆସୁଥିବା ଲକ୍ଷ ଲକ୍ଷ ଟଙ୍କା ବିନିଯୋଗ ନ ହୋଇ ଯାଉଛି କୁଆଡେ? କ'ଣ ବିଦ୍ୟାଳୟ ରୂପାନ୍ତରିକରଣ ନାଁରେ ଚାଲିଛି କି ହରିଲୁଟ? ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏ ନେଇ ବିଭାଗୀୟ ଅଧିକାରୀ ତୁରନ୍ତ ଆବଶ୍ୟକ ପଦକ୍ଷେପ ନ ନେଲେ ବାଙ୍କୁଲି ବିଦ୍ୟାଳୟରେ ପାଣିର ଅସୁବିଧାର ସମାଧାନ ନ କଲେ ତୁରନ୍ତ କୁନି କୁନି ପିଲାମାନଙ୍କୁ ବିଦ୍ୟାଳୟ ଠାରୁ ଫେରାଇ ନେବାକୁ ଛାତ୍ରାବାସରେ ରହୁଥିବା ଛାତ୍ରଛାତ୍ରୀଙ୍କ ଅଭିଭାବକ ଦାବି କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମୁମ୍ବାଇ ହେଲା ...

ସର୍ବେକ୍ଷଣ ଅନୁଯାୟୀ, ବହୁରାଷ୍ଟ୍ରୀୟ କମ୍ପାନୀଗୁଡିକ ଦେଶରେ ସେମାନଙ୍କ ବ୍ୟବସାୟ ପ୍ରତିଷ୍ଠା ପାଇଁ ଆର୍ଥିକ ରାଜଧାନୀ ମୁମ୍ବାଇ ହେଉଛି ସବୁଠାରୁ ପସନ୍ଦଯୋଗ୍ୟ ସହର। ଏହା ବ୍ୟତୀତ ହାଇଦ୍ରାବାଦରେ ରହିବା ସବୁଠାରୁ ସସ୍ତା ଅଟେ। ଅବଶ୍ୟ, ଜୀବନ ଅବସ୍ଥା ଦୃଷ୍ଟିରୁ ପୁଣେ ଏବଂ କୋଲକାତା ଅପେକ୍ଷା ଘର ମହଙ୍ଗା ଅଟେ। ଏଥି ସହିତ ମୁମ୍ବାଇରେ ଘର ଭଡା କରିବା ସବୁଠାରୁ ମହଙ୍ଗା ଅଟେ। ଏହା ପରେ ନୂଆଦିଲ୍ଲୀ ଏବଂ ବାଙ୍ଗାଲୋର ରହିଛି।

### ଶରଧାବାଲିରେ ...

ବଳଭଦ୍ରଙ୍କ ପହଣ୍ଡି ହୋଇଥିଲା। ତାହିଆ ଲଗାଇ ଝୁଲି ଝୁଲି ବଡ଼ ଦେଉଳରୁ ବାହାରିଥିଲେ ବଡ଼ ଠାକୁର। ହରିବୋଲ ହୁଳହୁଳିରେ କମ୍ପୁଥିଲା ପରିବେଶ। ଘଣ୍ଟଘଣ୍ଟା, ବୀର କାହାଳୀ ଶବ୍ଦରେ ଫାଟିପଡୁଥିଲା ଗଗନପବନ। ତାଳଧ୍ୱଜ ରଥରେ ବିରାଜମାନ କରିଥିଲେ ମହାପ୍ରଭୁ ବଳଭଦ୍ର। ବଡ଼ ଭାଇଙ୍କ ପହଣ୍ଡି ପରେ ପାଳି ଥିଲା ହଳଦୀ ମୁହିଁ ଉଭଣୀ ଦେବୀ ସୁଭଦ୍ରାଙ୍କର। ଟୋପର ଲଗାଇ ସେବାୟତଙ୍କ ପିଠିରେ ପହଣ୍ଡି ହୋଇଥିଲେ ମାତା କାମ୍ୟିକ ବାସିନୀ। ଦର୍ପଦଳନ ରଥରେ ମାଙ୍କ ବିଜେ କରାଯାଇଥିଲା। ସଭା ଶେଷରେ ପତିତ ଉଦ୍ଧାର ପାଇଁ ରତ୍ନସିଂହାସନରୁ ଓହ୍ଲାଇ ଆସିଥିଲେ ପତିତପାବନ କାଳିଆ ଠାକୁର। ବାଇଶି ପାହାଚରୁ ସିଂହଦ୍ୱାର ଯାଏ ବିଶ୍ୱ ନିୟନ୍ତାଙ୍କ ଭାବଭଙ୍ଗୀକୁ ଚାତକ ଭଳି ଅନାଇ ରହିଥିଲା ଭକ୍ତ। ମହାପ୍ରଭୁଙ୍କୁ ଦର୍ଶନ ମାତ୍ରେ ଶ୍ରଦ୍ଧାଳୁଙ୍କ ଶରୀରରେ ଖେଳି ଯାଉଥିଲା ଅପୂର୍ବ ଶିହରଣ। ଭକ୍ତ ବତ୍ସଳ ଠାକୁର ବୁଲି ବୁଲି ଦେଖୁଥିଲେ ନିଜ ଭକ୍ତମାନଙ୍କୁ। କେତେବେଳେ ବାଁକୁ ତ କେତେବେଳେ ଡାହାଣକୁ ଢ଼ଳି ପଡି ଚାହୁଁଥିଲେ ଭାବ ବିନୋଦିଆ। ନାଳ କନ୍ଦରରୁ ବାହାରି ଆସୁଥିବା ନାଳ ଶଙ୍ଖଳକୁ ଉତ୍କଣ୍ଠା ସହ ଅପେକ୍ଷା କରିଥିଲା ନନ୍ଦିଘୋଷ ରଥ। ଜଗତ ଠାକୁର ଜଗନ୍ନାଥଙ୍କୁ ନନ୍ଦିଘୋଷରେ ବିଜେ କରାଇଥିଲେ ଦଇତାପତି ସେବକମାନେ। ଦିନ ୧୦ଟା ପୂର୍ବରୁ ରଥାରୂଢ ହୋଇସାରିଥିଲେ ଚତୁର୍ଦ୍ଧା ମୂର୍ତ୍ତି। ରଥାରୂଢ ଶ୍ରୀଜିଉମାନଙ୍କୁ ଦର୍ଶନ କରିଥିଲେ ଜଗତ୍ ଗୁରୁ ଶଙ୍କରାଚାର୍ଯ୍ୟ। ଏହା ପରେ ରଥରେ ଛେରା ପହଁରା ପାଇଁ ଆସିଥିଲେ ଗଜପତି ମହାରାଜା ଦିବ୍ୟସିଂହ ଦେବ। ମହାପ୍ରଭୁଙ୍କ ଆଦ୍ୟ ସେବକ ଗଜପତି ଯଥାରୀତି ଗୋଟିକ ପରେ ଗୋଟିଏ ତିନି ରଥରେ ଛେରା ପହଁରା ନୀତି ସମ୍ପନ୍ନ କରିଥିଲେ। ଦିନ ୧୨ଟା ୫୮ ବେଳକୁ ଆରମ୍ଭ ହୋଇଥିଲା ରଥ ଟଣା। ସିଂହଦ୍ୱାର ସାମ୍ନାରୁ ଶ୍ରୀଗୁଣ୍ଡିଚା ଅଭିମୁଖେ ପ୍ରଥମେ ଗଡ଼ିଥିଲା ବଡ଼ ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ। ପରେ ପରେ ଅପରାହ୍ନ ୧ଟା ୧୫ ବେଳକୁ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଗଡ଼ିଥିଲା। ଆଉ ଶେଷରେ ୨ଟା ୧୮ ମିନିଟ୍‌ରେ ଗଡ଼ିଥିଲା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ। ବଡ଼ଦାଣ୍ଡରେ ଜନ ସମୁଦ୍ର ଭିତରେ ଆଗପଛ ହୋଇ ଗଡୁଥିଲା ତିନି ରଥ। ରଡ଼ି ଛାଡ଼ି ଭକ୍ତମାନଙ୍କୁ ରଥ ଟାଣିବାକୁ ଉତ୍ସାହିତ କରୁଥିଲେ ରଥ ଉପରେ ଠିଆ ହୋଇଥିବା ଦାହୁକ। ଆଉ ହରିବୋଲ ହୁଳହୁଳିରେ ପ୍ରକମ୍ପିତ ହେଉଥିଲା ପୁରୀ ବଡ଼ଦାଣ୍ଡ। ରଥ ଚାରିପାଖରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ରଥଟଣା ସମୟରେ ପୁରୀର ବିଭିନ୍ନ ମଠ, ଜାଗା ଅନୁଷ୍ଠାନ ତରଫରୁ ଠାକୁରମାନଙ୍କ ଉଦ୍ଦେଶ୍ୟରେ ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ପହିଭୋଗ ଦିଆଯାଇଥିଲା। ଶ୍ରୀନଅର ଓ ଶ୍ରୀମନ୍ଦିର ସଦର କାର୍ଯ୍ୟାଳୟରେ ମଧ୍ୟ ଠାକୁରଙ୍କୁ ପହିଭୋଗ ଦିଆଯାଇଥିଲା। ସେହିଭଳି ପରମ୍ପରା ଅନୁସାରେ ବଡ଼ ଦାଣ୍ଡରେ ଅବସ୍ଥିତ ମାଉସୀମାଆଙ୍କ ମନ୍ଦିର ଠାରେ ଶ୍ରୀଜିଉମାନଙ୍କୁ ପୋଡ଼ପିଠା ଭୋଗ ଲାଗି ହୋଇଥିଲା। ଘଣ୍ଟଘଣ୍ଟା, ହରିବୋଲ ହୁଳହୁଳି, ନାମ ସଂକୀର୍ତ୍ତନରେ ଅଧୀରିକ ଭକ୍ତମୟ ହୋଇଉଠିଥିଲା ବଡ଼ଦାଣ୍ଡ। ଶେଷରେ ନିର୍ଦ୍ଧାରିତ ସମୟର ଯଥେଷ୍ଟ ପୂର୍ବରୁ ଶରଧା ବାଲିରେ ଲାଗିଥିଲା ତିନି ରଥ।

### ନାଳ ପାଣିରେ ...

ନାଳର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ଟଙ୍କା ସାଂସାନ ହୋଇଥିବା କୁହାଯାଇଥିଲା, ହେଲେ ଦୁଇମାସ ହେଲା କାମ ଆଗକୁ ବଢୁନି କି ଫାଇଲ ଘୁଞ୍ଚୁନି ବୋଲି ଅଭିଯୋଗ କରିଛନ୍ତି ବିଧାୟକ ମୋକିମ। ମାସେ ଭିତରେ କାମ ନହେଲେ ଅହୋରାତ୍ର ଅନସନ କରିବାକୁ ଚେତାବନୀ ମଧ୍ୟ ଦିଆଯାଇଛି। ସୂଚନାନୁସାରେ, ଦୀର୍ଘ ବର୍ଷ ଧରି ବିପର୍ଯ୍ୟସ୍ତ ହୋଇ ରହିଥିବା ପେଟା ନାଳର ପୁନରୁଦ୍ଧାର ପାଇଁ ବାରମ୍ବାର ଦାବି ସତ୍ତ୍ୱେ ସରକାର ନ ଶୁଣିବାରୁ ଆଜି ବିଧାୟକ ନିଜେ ନାଳ ଭିତରେ ପଶି ପ୍ରତିବାଦ କରିଛନ୍ତି। ସିଡିଏ ଓ ବିଡ଼ାନାସୀବାସୀ କିଭଳି ଦୁର୍ଦ୍ଦଶାରେ ରହୁଛନ୍ତି, ତାହା ଦର୍ଶାଇବା ପାଇଁ ସେ ଆଜି ନାଳ ଭିତରେ ପଶିଥିବା କହିଛନ୍ତି। ବିଧାୟକ ମହମ୍ମଦ ମୋକିମ କହିଛନ୍ତି ଯେ, ନାଳ ପୁନରୁଦ୍ଧାର ପାଇଁ ଆମେ ସରକାରଙ୍କୁ ଅନୁରୋଧ କରିଥିଲୁ। ମୁଖ୍ୟ ଶାସନ ସଚିବ ଏଥିପାଇଁ ଏକ ବୈଠକ ଡାକି ସମସ୍ୟାର ସମାଧାନ ପାଇଁ ନିଷ୍ପତ୍ତି ନିଆଗଲା। ଏଥିପାଇଁ ଟଙ୍କା ସାଂସନ ହେଲା ଏବଂ ଏପ୍ରିଲରେ କାମ ଆରମ୍ଭ କରିବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ଏପ୍ରିଲ ଯାଇ ଜୁନ୍ ହେଲାଣି। ଦୁଇମାସ ହେଲେ ଏସଂକ୍ରାନ୍ତୀୟ ଫାଇଲ ଘୁଞ୍ଚିଚି। ସେଥିପାଇଁ ଆମେ ଏଠାରେ ପ୍ରତିବାଦ ଦ୍ୱାରା ସରକାରଙ୍କୁ ଦେଖାଇବାକୁ ଚାହୁଁଛୁ ଯେ ଲୋକେ କିଭଳି ପରିସ୍ଥିତିରେ ଏଠାରେ ରହୁଛନ୍ତି। ମିଡିଆକୁ ପ୍ରତିକ୍ରିୟା ଦେଇ ମୋକିମ କହିଛନ୍ତି, ସରକାର ଏକ ମାସ ମଧ୍ୟରେ ଏନେଇ କୌଣସି ବିଧିବଦ୍ଧ ପଦକ୍ଷେପ ନନିଅନ୍ତି ତେବେ ଡ୍ରେନେଜ ଡିଭିଜନ ସମ୍ମୁଖରେ ଅହୋରାତ୍ର ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି। ଏହା ସହିତ ୩ ମାସ ଭିତରେ ଯଦି କାର୍ଯ୍ୟ ଅରମ୍ଭ ନହୋଇଥାଏ ତାହେଲେ ଉକ୍ତ ପେଟାନାଳ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ଯାଏଁ ଧାରଣାରେ ବସିବାକୁ ବିଧାୟକ ମହମ୍ମଦ ମୋକିମ ଚରମ ନିଷ୍ପତ୍ତି ନେଇଥିବା ଜଣାଇଛନ୍ତି।

### ଦେଶବାସୀଙ୍କୁ ...

ମନ୍ତବ୍ୟ ପୂରା ଦେଶରେ ନିଆଁ ଲଗାଇଦେଇଛି। ଉଦୟପୁରରେ ଘଟିଥିବା ଘଟଣା ପାଇଁ ମଧ୍ୟ ସେ ଦାୟୀ। ତେଣୁ ଏବେ କ୍ଷମା ମାଗିଲେ କିଛି ଲାଭ ନାହିଁ। ବେଶ ବିଳମ୍ବ ହୋଇସାରିଲାଣି। ତାଙ୍କ ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିଲା। କିନ୍ତୁ ଅନେକ ଏଫ୍ଆଇଆର୍ ସତ୍ତ୍ୱେ ତାଙ୍କୁ ଦିଲ୍ଲୀ ପୁଲିସ ଛୁଇଁପାରି ନାହିଁ।' ବାସ୍ତବରେ ନୂପୁର ଶର୍ମା ନିଜ ଆବେଦନରେ ତାଙ୍କୁ ଜୀବନରେ ମାରି ଦେବାକୁ ଧମକ ଦିଆଯାଇଥିବା ଦର୍ଶାଇ ତାଙ୍କ ବିରୋଧରେ ବିଭିନ୍ନ ରାଜ୍ୟରେ ହୋଇଥିବା ସମସ୍ତ ମାମଲାକୁ ଦିଲ୍ଲୀ ଟ୍ରାନ୍ସଫର କରିବା ପାଇଁ ଦାବି କରିଥିଲେ। ନୂପୁର ଶର୍ମା ନିଜ ଆବେଦନରେ କହିଛନ୍ତି ଯେ ତାଙ୍କୁ ଲଗାତାର ହତ୍ୟା ଧମକ ମିଳୁଛି, ତେଣୁ ବିଭିନ୍ନ ରାଜ୍ୟରେ ପଚରାଉଚରା ବେଳେ ତାଙ୍କ ଜୀବନ ପ୍ରତି ବିପଦରେ ରହିଛି। ତେଣୁ ବିଭିନ୍ନ ରାଜ୍ୟରେ ରୁଜୁ ହୋଇଥିବା ସମସ୍ତ ମାମଲାର ଶୁଣାଣି ପାଇଁ ସୁପ୍ରିମକୋର୍ଟ ଏହି ମାମଲାକୁ ଦିଲ୍ଲୀକୁ ସ୍ଥାନାନ୍ତର କରିବାକୁ ସେ ଦାବି କରିଥିଲେ। ଅତୀତରେ ସେ ଦିଲ୍ଲୀ ପୁଲିସର ସୁରକ୍ଷା ମଧ୍ୟ ଲୋଡିଥିଲେ। ଉଲ୍ଲେଖଯୋଗ୍ୟ, ନୂପୁର ଶର୍ମା ବିଜେପିର ମୁଖପାତ୍ର ଥିଲେ। ନିକଟରେ ଏକ ଟିଭି ଡିବେଟ୍ରେ ପ୍ରଫେଟ ମହମ୍ମଦଙ୍କ ବିରୋଧରେ ସେ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ଏହାପରେ ତାଙ୍କୁ ଜୋରଦାର ବିରୋଧ କରାଯାଇଥିଲା। ଏପରିକି ଏହି ନିଆଁ ପୂରା ଦେଶରେ ବ୍ୟାପି ଯାଇଥିଲା। କୁଏତ, ୟୁଏଇ, କତାର ସମେତ ସମସ୍ତ ମୁସିଲମ ଦେଶଗୁଡିକ ତାଙ୍କ ବୟାନକୁ ନେଇ ନିନ୍ଦା କରିଥିଲେ। କେବଳ ସେତିକି ନୁହେଁ ପୂରା ଦେଶରେ ବିକ୍ଷୋଭ ପ୍ରଦର୍ଶନ ମଧ୍ୟ ହୋଇଥିଲା। ଏହାପରେ ବିଜେପି ତାଙ୍କୁ ଦଳରୁ ନିଲମ୍ବିତ କରିଥିଲା। ନୂପୁରଙ୍କ ବିରୋଧରେ ମହାରାଷ୍ଟ୍ର, କୋଲକାତା, ବିହାର, ପୁଣେ ସମେତ ବିଭିନ୍ନ ରାଜ୍ୟରେ ମାମଲା ରୁଜୁ ହୋଇଛି।

### ଶ୍ରୀମନ୍ଦିର ପରିକ୍ରମା ...

ଦକ୍ଷିଣ ଦ୍ୱାର ପାଖରେ ୯୦ପ୍ରତିଶତ ନିର୍ମାଣ କାମ ଶେଷ ହୋଇଛି। ସେହିପରି ସେଲ୍ଟର ପାଭିଲିୟନ୍ ବୁଲି ଦେଖିବା ସହ ପାଖାପାଖି ୧୫ମିନିଟ୍ ଧରି ନିର୍ମାଣ କାମର ସମୀକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀ। ବାସ୍ତବ ରୂପ ନେଉଛି ନବୀନଙ୍କ ଶ୍ରୀକ୍ଷେତ୍ର ନବକଳେବର ସ୍ୱପ୍ନ। ପରିକ୍ରମା ପ୍ରକଳ୍ପ ଅଞ୍ଚଳକୁ ରଙ୍ଗବେରଙ୍ଗ ଗଛରେ ସଜାଯାଇଥିବା ବେଳେ ଆଲୋକୀକରଣ କରାଯାଇଛି। ପ୍ରକଳ୍ପ କାମ ଚାଲିଥିବା ବେଳେ ଏବେଠୁ ଆକର୍ଷଣର କେନ୍ଦ୍ର ପାଲଟିଛି। ପୂର୍ଣ୍ଣାଙ୍ଗ ପ୍ରକଳ୍ପ ଆହୁରି ଚିତାକର୍ଷକ ହେବ। ଫାଷ୍ଟଟ୍ରାକ୍‌ରେ ଚାଲିଛି ପରିକ୍ରମା ପ୍ରକଳ୍ପ କାମ। ଆସନ୍ତା ୯ମାସ ମଧ୍ୟରେ କାମ ସାରିବାକୁ ଟାର୍ଗେଟ୍ ରଖାଯାଇଛି। ଐତିହ୍ୟ ପ୍ରକଳ୍ପ କାମ ସରିଲେ ଜଗନ୍ନାଥଙ୍କ ସହ ଜଡିତ ବିଭିନ୍ନ ରିତିନୀତି ଓ ପର୍ବପର୍ବାଣୀ ଅତି ସହଜରେ ପାଳନ ହେବ। ପରିକ୍ରମା ପ୍ରକଳ୍ପରେ ପାଞ୍ଚଟି ଜୋନ୍ ରହିଛି। ପ୍ରବେଶ ନିଷେଧ ଜୋନ୍, ଭିତର ପ୍ରଦକ୍ଷିଣ ଜୋନ୍, ଶ୍ରୀମନ୍ଦିର ପରିସର, ବାହାର ପ୍ରଦକ୍ଷିଣ ଜୋନ୍, ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ଏକ ଜୋନ୍ କରାଯାଇଛି। ଭିତର ପରିକ୍ରମା ପଥ ପାରମ୍ପରିକ ରୀତିନୀତି, ଦେବାଦେବୀଙ୍କ ଶୋଭାଯାତ୍ରା ଓ ଶ୍ରଦ୍ଧାଳୁଙ୍କ ମନ୍ଦିର ପରିକ୍ରମା ପାଇଁ ବ୍ୟବହାର କରାଯିବ। ସବୁଜ ବଳୟରେ କଳାକୃତିରେ ଝଲସିବ ଶ୍ରୀଜଗନ୍ନାଥ ସଂସ୍କୃତିର ଝଲକ। ପ୍ରକଳ୍ପ ପାଇଁ ପ୍ରଥମ ପର୍ଯ୍ୟାୟରେ ୩୩୧.୨୮କୋଟି ଟଙ୍କା ଖର୍ଚ୍ଚ ହେଉଛି।

### ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ...

ଭେଟି ସରକାର ଗଠନ ପାଇଁ ଏକ ପ୍ରସ୍ତାବ ଦାଖଲ କରିଥିଲେ। ସୂଚନାନୁସାରେ, ଦେବେନ୍ଦ୍ର ଫଡନାଭିସ ନୂତନ ସରକାରରେ କୌଣସି ପଦବୀ ଗ୍ରହଣ କରିବାକୁ ଚାହୁଁନଥିଲେ କିନ୍ତୁ ବିଜେପି ସଭାପତି ଜେପି ନାଡା ଏବଂ ଗୃହମନ୍ତ୍ରୀ ଅମିତ ଶାହାଙ୍କ ହସ୍ତକ୍ଷେପ ପରେ ସେ ଉପମୁଖ୍ୟମନ୍ତ୍ରୀ ହେବାକୁ ରାଜି ହୋଇଥିଲେ। ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଭାବରେ ଏକନାଥ ସିନ୍ଦେଙ୍କ ନାମ ଘୋଷଣା ହେବା ସହିତ ଅନେକ ଦିନ ଧରି ଚାଲିଆସୁଥିବା ରାଜନୈତିକ ବିବାଦ ଏବେ ଶେଷ ହୋଇଛି। ଗୁରୁବାର ଦିନ ଦେବେନ୍ଦ୍ର ଫଡନାଭିସ ଏକନାଥ ସିନ୍ଦେଙ୍କ ସହ ମିଳିତ ସାମ୍ବାଦିକ ସମ୍ମିଳନୀ କରି ତାଙ୍କ ନାମ ଘୋଷଣା କରିଛନ୍ତି। ମୁମ୍ବାଇରେ ଏହି ଘୋଷଣା କରାଯାଇଥିଲେ ମଧ୍ୟ ଗୋଆରେ ବସିଥିବା ବିଦ୍ରୋହୀ ବିଧାୟକଙ୍କ ପାଇଁ ଏହାର ପ୍ରଭାବ ଦୃଶ୍ୟମାନ ହୋଇଥିଲା। ଦେବେନ୍ଦ୍ର ଫଡନାଭିସ ଘୋଷଣା କରିବା ମାତ୍ରେ ଏକନାଥ ସିନ୍ଦେ ରାଜ୍ୟର ପରବର୍ତ୍ତୀ ସିଏମ ହେବେ ବୋଲି ଗୋଆ ହୋଟେଲରେ ବସିଥିବା ଅନ୍ୟ ବିଦ୍ରୋହୀ ବିଧାୟକମାନେ ଟେବୁଲ ଉପରେ ଖୁସିରେ ନାଚିବା ଆରମ୍ଭ କରିଥିଲେ। ସେମାନଙ୍କ ନୃତ୍ୟର ଏକ ଭିଡିଓ ବହୁତ ଭାଇରାଲ ହେବାରେ ଲାଗିଛି ଏହି ଭିଡିଓରେ, ସେଠାରେ ଉପସ୍ଥିତ ଥିବା ସମସ୍ତ ବିଦ୍ରୋହୀ ବିଧାୟକମାନେ ଆନନ୍ଦ ଏବଂ ସଭଶୁଳିଥିବାର ନଜର ଆସିଛନ୍ତି। ଭାରତୀୟ ଜନତା ପାର୍ଟି ନେତା ଦେବେନ୍ଦ୍ର ଫଡନାଭିସ ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀ କରିଛନ୍ତି। ତାଙ୍କ ସହ ବିଦ୍ରୋହୀ ଶିବସେନା ବିଧାୟକ ଏକନାଥ ସିନ୍ଦେ ମଧ୍ୟ ଉପସ୍ଥିତ ଥିଲେ। ଏହି ସମୟ ମଧ୍ୟରେ ଦେବେନ୍ଦ୍ର ଫଡନାଭିସ କହିଛନ୍ତି ଯେ ଏନକଥ ସିନ୍ଦେଙ୍କୁ ବିଜେପି ସମର୍ଥନ କରିବ ଏବଂ ଏକନାଥ ସିନ୍ଦେ ରାଜ୍ୟର ନୂତନ ମୁଖ୍ୟମନ୍ତ୍ରୀ ହେବେ। ଏହି ଆଲୋଚନାଚକ୍ରରେ ମାଗାଡି ସରକାର ଏବଂ ଉଦ୍ଧବ ଠାକରେଙ୍କ ଉପରେ କଡ଼ା ଆକ୍ରମଣ କରାଯାଇଥିଲା। ସେ କହିଛନ୍ତି ଯେ ୨୦୧୯ ରେ ଆମକୁ ୧୦୫ ଟି ସିଟ ମିଳିଥିଲା, ସେହି ନିର୍ବାଚନ ପୂର୍ବରୁ ଶିବସେନାଙ୍କ ସହ ଆମର ଏକ ମେଣ୍ଟ ହୋଇଥିଲା। ସରକାର ଗଠନ ପାଇଁ ଏନସିପି କଂଗ୍ରେସ ସହ ମେଣ୍ଟ କରି ଶିବସେନା ବିଜେପିକୁ ଅଲଗା କରିଛି। ସେହି ସମୟରେ ଗଠିତ ସରକାର ସଂଖ୍ୟାଗରିଷ୍ଠତାକୁ ଅପମାନିତ କରିଥିଲେ। ମହା ଆଗଡି ସରକାର ଏହି ଆଦେଶକୁ ଅପମାନିତ କରିଥିଲେ। ଅ ବଭୟ ଇେ ବର୍ଷର ସରକାରରେ ମାଗାଦୀର ଦୁଇଜଣ ମନ୍ତ୍ରୀ ଜେଲକୁ ଯାଇଥିଲେ। ଏହି ସରକାର ଏକ ମହାଭାରତ ସରକାର ଥିଲେ। ମହତ୍ତ୍ୱିଡିର ଏପରି ଅନେକ ନେତା, ଯାହାର ଦାଉଦଙ୍କ ସହିତ ସମ୍ପର୍କ ଥିଲା ମାଗାଡି ସରକାରରେ ହିନ୍ଦୁତ୍ୱ ପ୍ରତିଦିନ ଅପମାନିତ ହେଉଥିଲେ। ସେ କହିଛନ୍ତି ମୁଁ ନୂଆ ସରକାରର ଅଂଶ ହେବ ନାହିଁ। ଦେବେନ୍ଦ୍ର ଫଡନାଭିସ ଆହୁରି ମଧ୍ୟ କହିଛନ୍ତି ଯେ ଏକନାଥ ସିନ୍ଦେଙ୍କ ନେତୃତ୍ୱରେ ଶିବସେନାର ବିଧାୟକମାନେ ଦାବି କରିଛନ୍ତି ଯେ ଆମେ ଏନସିପି ଏବଂ କଂଗ୍ରେସ ସହ ରହିପାରିବା ନାହିଁ। ଏବଂ ଏହି ମିଳିତତା ଭାଙ୍ଗିବା ଉଚିତ। ସେ କହିଛନ୍ତି ଯେ ଉଦ୍ଧବ ଠାକୁର ହିନ୍ଦୁତ୍ୱ ଛାଡିଛନ୍ତି। ଏବଂ ଏହାର ବିଧାୟକଙ୍କ ଅପେକ୍ଷା କଂଗ୍ରେସ-ଏନସିପିକୁ ଅଧିକ ଗୁରୁତ୍ୱ ଦେବା ଆରମ୍ଭ କଲା। ଏହି କାରଣରୁ, ଏହି ବିଧାୟକମାନେ ସ୍ୱର ଉତ୍ତୋଳନ କରିଥିଲେ। ମୁଁ ଏହାକୁ ବିଦ୍ରୋହ ବୋଲି କହିବି ନାହିଁ ଉଦ୍ଧବ ଠାକରେଙ୍କ ଇସ୍ତଫା ପରେ ଆମେ ଆରମ୍ଭରୁ କହିଥିଲୁ ଯେ ଆମେ ରାଜ୍ୟକୁ ଏକ ଶକ୍ତିଶାଳୀ ସରକାର ଦେବାକୁ ପ୍ରସ୍ତୁତ।

### କହିଲେ କଥା ଆଉ ...

ଦଳିମକଚି ଅଭିଯୋଗକାରୀଙ୍କୁ ସହାୟତା ଦେବା ବଦଳରେ ଅନ୍ୟକୁ ହଯୋଗ କରିଛନ୍ତି। କଥା କେବଳ ଏତିକିରେ ସୀମିତ ନୁହେଁ। ବରଂ ଖୋଦ୍ ଏଏସ୍ଆଇ ଉପସ୍ଥିତ ରହି ଯାହାଙ୍କ ବିରୋଧରେ ଅଭିଯୋଗ ହୋଇଥିଲା ତାଙ୍କୁ କାର୍ଯ୍ୟ କରିବା ପାଇଁ ପ୍ରୋତ୍ସହନ ଦେଇଥିଲେ। ଯେଉଁଥିପାଇଁ ଅଭିଯୋଗକାରୀ ଥାନାରୁ ନ୍ୟାୟ ନପାଇ ବାଧ୍ୟ ହୋଇ ଡିସିପିଙ୍କୁ ସାକ୍ଷାତ କରି ଲିଖିତ ଅଭିଯୋଗ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଧଉଳି ଥାନା ଅଧିନ ନୂଆଗାଁ ରୁଦ୍ରବିହାରରେ ସେମିତି ଏକ ଘଟଣା ଘଟିଛି। ପ୍ରଥମେ ଅଭିଯୋଗକାରୀ ବିଜୟଲକ୍ଷ୍ମୀ ବେହେରା ପୋଲିସର ଦ୍ୱାରସ୍ଥ ହୋଇ ନିରାଶ ହୋଇଥିଲେ। ପରେ ସେ କୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ କୋର୍ଟ ନିର୍ଦ୍ଦେଶ ଦେଇଥିଲେ ଯେ, ମାମଲାର ଫଇସଲା ନହେବା ପର୍ଯ୍ୟନ୍ତ ଏକ ଜମି ଉପରେ ସ୍ଥିତାବସ୍ଥା ଜାରି ରହିବ। ମାତ୍ର ବିଡମ୍ବନାର ବିଷୟ ଅଦାଲତଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପୋଲିସ ଅଭିଯୋଗକାରୀଙ୍କୁ ସହାୟତା କରିବା ପରିବର୍ତ୍ତେ ଜବରଦଖଲକାରୀଙ୍କୁ ସହଯୋଗ କରିଛି। କଥା କେବଳ ଏତିକିରେ ସରିନାହିଁ। ପୋଲିସ ଅଭିଯୋଗକାରୀ ଶ୍ରୀମତୀ ବେହେରାଙ୍କୁ ମାଡ ମାରିବାକୁ ମଧ୍ୟ ପଛାଇନାହିଁ। ସୂଚନା ଅନୁଯାୟୀ ଶ୍ରୀମତୀ ବେହେରାଙ୍କ ପଡୋଶୀ ସହ ଜମିଜମା ବିବାଦକୁ ନେଇ ଅଦାଲତରେ ମାମଲା ବିଚାରାଧୀନ ରହିଛି। ଅଦାଲତଙ୍କ ନିର୍ଦ୍ଦେଶ ଆସିବା ପର୍ଯ୍ୟନ୍ତ ଜମି ଉପରେ ସ୍ଥିତାବସ୍ଥା ଥିଲେ ମଧ୍ୟ ଗତ ୨୦ ତାରିଖ ଦିନ ପଡୋଶୀ ଛନ୍ଦାଶ୍ରୀ ବେହେରା ଓ ତାଙ୍କ ସ୍ୱାମୀ ପ୍ରିୟବ୍ରତ ବେହେରା ବିବାଦୀୟ ଜମି ଉପରେ କାମ କରିବାରୁ ବିଜୟଲକ୍ଷ୍ମୀ ଏ ସମ୍ପର୍କରେ ପୁଣିଥରେ ଥାନାରେ ଅଭିଯୋଗ କରିଥିଲେ। ଧଉଳି ଥାନା ପୋଲିସ ବିଜୟଲକ୍ଷ୍ମୀଙ୍କ ଠାରୁ ସମସ୍ତ କାଗଜପତ୍ର ଦେଖି ଆପରପକ୍ଷକୁ କାମ ବନ୍ଦ କରିବାକୁ କହିଲା। ମାତ୍ର କିଛି ସମୟ ପରେ ଖୋଦ୍ ଏଏସ୍ଆଇ ମନ୍ମଥ ବେହେରାଙ୍କ ଉପସ୍ଥିତିରେ ଜବରଦଖଲକାରୀଙ୍କୁ କାର୍ଯ୍ୟ କରିବାର ସୁଯୋଗ ଦେଇଥିଲେ। ତେବେ ପ୍ରଶ୍ନ ଉଠୁଛି ଶ୍ରୀ ବେହେରାଙ୍କୁ ଏଭଳି ଅଧିକାର ଦେଇଛି କିଏ? ।

### ଯନ୍ତ୍ରୀଙ୍କ କୋଟି କୋଟି ...

ଏବେ ଏହି ଯନ୍ତ୍ରୀଙ୍କର ପୁରୀ ରୋଡ୍ ଠାରେ ଚାରିମହଲା ବିଶିଷ୍ଟ ପ୍ରାସାଦ, ଭୁବନେଶ୍ୱର ଟାଉନରେ ଏକ ଫ୍ଲାଟ୍ ଏବଂ କଟକ ସିଡିଏ ଓ ମହାନଦୀ ବିହାରରେ ଦାମୀ ପ୍ଲଟ୍ ମାନ କ୍ରୟ କରାଯାଇ ସାରିଲାଣି। ତୁରନ୍ତ ଏହି ଦୁର୍ନୀତିଗସ୍ତ ଯନ୍ତ୍ରୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲ୍ଲାପାଳ ଓ ୫ଟି ସଚୀବଙ୍କ ନିକଟରେ ଅଞ୍ଚଳବାସୀଙ୍କ ଦୃଢ ଦାବି ହେଉଛି।

# ଅଫିସ୍ ଭିତରେ ଅଧିକାରୀଙ୍କ ମଦ ଆସର



**ବାରିପଦା, (ବିଜୁ ସିଂ) :** ସରକାରୀ ନିୟମକୁ ଫୁ କରି ଉଡାଇଦେଲେ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡର ଦୁଧିଆଣି ରେଞ୍ଜ ଅଧିକାରୀ ପ୍ରଦୀପ କୁମାର ମୃଷ୍ଟି। ଅଫିସ ଚାମ୍ବରରେ ବସି ମଦ ପିଉଥିବା ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ରେଞ୍ଜ ଅଫିସ ଚାମ୍ବର ଭିତରେ ବସି କିଭଳି ଭାବେ ମଦ ପିଉଛନ୍ତି ତାର ଭିଡ଼ିଓ ଏବେ ମୋବାଇଲରୁ ମୋବାଇଲକୁ ଘୁରି ବୁଲୁଛି। ବୁଧବାର ଏହି ରେଞ୍ଜର ବଳାଗାଁର ମଝିସାହିଠାରେ ହାତୀ ଆକ୍ରମଣରେ ନାଳକଣ୍ଠ ଶଙ୍ଖୁଆଳ ନାମକ ୧୮ ବର୍ଷର ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ରେଞ୍ଜର ମଦପିଇ ମସଗୁଲ ଥିବା ଚର୍ଚ୍ଚା ହେଉଛି। କେବଳ ସେତିକି ନୁହେଁ ଗତ ୬ମାସର କାର୍ଯ୍ୟକାଳ ମଧ୍ୟରେ ଏହି ରେଞ୍ଜର ବାଘଚମଡା, ବନ୍ୟକାଣ୍ଡ ଓ ଚୋରା କାଠ ଧରାପଡିବା ତାଙ୍କର ପାରିବା ପଣିଆ ଉପରେ ସନ୍ଦେହ ହେଉଛି ବୋଲି ଚା ଖଟିରେ ଚର୍ଚ୍ଚା। ଏହା ପୂର୍ବରୁ ସେ ବିଶୋୟୀ ରେଞ୍ଜ ଅଫିସର ଥିବାବେଳେ ବନାଞ୍ଚଳ ଆଦିବାସୀମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଉଦ୍ଦିଷ୍ଟ 'ଓଡିଶା ବନାଞ୍ଚଳ ପ୍ରୋଜେକ୍ଟ'ରେ କୋଟି କୋଟି ଟଙ୍କାର ଦୁର୍ନିତୀ କରିଥିବାର ଅଭିଯୋଗ ମଧ୍ୟ ରହିଛି। ଅଫିସ ମଧ୍ୟରେ ମଦ ପିଇବା ଘଟଣାରେ ଏସଟିଆରର କ୍ଷେତ୍ର ନିର୍ଦ୍ଦେଶକ ଜିଲ୍ଲାରେ ଅନୁପସ୍ଥିତ ଥିବାବେଳେ ଏହାର ତଦନ୍ତ କରି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ମତ ରଖିଛନ୍ତି କରଞ୍ଜିଆ ବନଖଣ୍ଡର ସହକାରୀ ବନ୍ୟ ସଂରକ୍ଷକ ପାଲଗୁଣି ବେହେରା। ତେବେ ଜଣେ ସରକାରୀ ଅଧିକାରୀଙ୍କ ସରକାରୀ କାର୍ଯ୍ୟାଳୟରେ ମଦ ପିଇବା ସମସ୍ତଙ୍କୁ ଚକିତ କରିଛି। ତେବେ ଦେଖିବାକୁ ବାକି ରହିଲା ସରକାର ଏ ଅଧିକାରୀଙ୍କ ଉପରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ତାହା ଦେଖିବାକୁ ବାକି ରହିଲା।

# ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ନିମନ୍ତେ ଦିନ ଧାର୍ଯ୍ୟ

**ଜଗତ୍‌ସିଂହପୁର :** ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ତାରିଖ ନିର୍ଧାର୍ଯ୍ୟ କରାଯାଇ ଜୁଲାଇଠାରୁ ସେପ୍ଟେମ୍ବର ପର୍ଯ୍ୟନ୍ତ କେଉଁ କେଉଁ ସ୍ଥାନରେ କରାଯିବ ସେ ନେଇ ସୂଚନା ଗଣମାଧ୍ୟମ ଆଗରେ ପ୍ରକାଶ କରାଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଥମଥର କରି ଏ ଖବର ଗଣମାଧ୍ୟମ ଆଗକୁ ଆସିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବହୁ ବ୍ଲକ୍‌ମାନଙ୍କରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର କେବେ ହେଉଛି ସେ ନେଇ ସଂପୃକ୍ତ ବ୍ଲକ୍ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ବା ପଞ୍ଚାୟତ ନେତା ବା କର୍ମୀମାନଙ୍କୁ ଜଣାଇ ଦିଆଯାଉନଥିଲା । ଯାହା ଫଳରେ ଅଭିଯୋଗ ଶୁଣାଣି ଶିବିରରେ ଜନସାଧାରଣ ସେମାନଙ୍କ ଗୁହାରି ଶୁଣାଣି ନିମନ୍ତେ ଉପସ୍ଥିତ ହୋଇପାରିନଥିଲେ । କିନ୍ତୁ ଜିଲ୍ଲାପାଳ ପାରୁଲ୍‌ପଟୱାରୀ ଏକ ନୂଆନିୟମ କରି ଜୁଲାଇ ୪ତାରିଖରେ ଏରସମା ବ୍ଲକ୍, ଜୁଲାଇ ୧୧ତାରିଖରେ ରଘୁନାଥପୁର ବ୍ଲକ୍, ଜୁଲାଇ ୧୮ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ଜୁଲାଇ ୨୫ତାରିଖରେ ତିର୍ତ୍ତୋଲ ବ୍ଲକ୍‌ରେ ଶୁଣାଣି ହେବବୋଲି ଜନସାଧାରଣଙ୍କୁ ଜଣାଇ ଦିଆଯାଇଛି । ସେହିପରି ଅଗଷ୍ଟ ୧ତାରିଖରେ କୁଜଙ୍ଗ ବ୍ଲକ୍, ଅଗଷ୍ଟ ୮ତାରିଖରେ ବିରିଡି ବ୍ଲକ୍, ଅଗଷ୍ଟ ୧୬ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅଗଷ୍ଟ ୨୨ତାରିଖରେ ନାଉଗାଁ ବ୍ଲକ୍ ଓ ଅଗଷ୍ଟ ୨୯ତାରିଖରେ ବାଲିକୁଦା ବ୍ଲକ୍‌ରେ ହେବ ବୋଲି ନିର୍ଧାର୍ଯ୍ୟ କରାଯାଇଥିବା ବେଳେ ସେପ୍ଟେମ୍ବର ମାସ ୫ତାରିଖରେ ଏରସମା ବ୍ଲକ୍, ସେପ୍ଟେମ୍ବର ୧୨ତାରିଖରେ ରଘୁନାଥପୁର ବ୍ଲକ୍, ସେପ୍ଟମ୍ବର ୧୯ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ସେପ୍ଟେମ୍ବର ୨୬ତାରିଖରେ ତିର୍ତ୍ତୋଲ ବ୍ଲକ୍‌ରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକଙ୍କ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ବିଭିନ୍ନ ଗଣମାଧ୍ୟମମାନଙ୍କରେ ଏ ଖବର ପ୍ରକାଶ କରାଗଲେ ଜନସାଧାରଣ ନିଜ ନିଜର ଗୁହାରି ଜଣାଇବା ସୁବିଧା ହେବ ବୋଲି ଜିଲ୍ଲାପାଳଙ୍କ ଏପରି କାର୍ଯ୍ୟକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି ।

# ନବକୃଷ୍ଣ ଚୌଧୁରୀଙ୍କ ତିରୋଧାନ ଦିବସ ପାଳିତ




**ଜଗତ୍‌ସିଂହପୁର :** ଜଗତ୍‌ସିଂହପୁର ମାଟିର ପୁଅ ପୂର୍ବତନ ମୁଖ୍ୟମନ୍ତ୍ରୀ, ଓଡ଼ିଶା ସମାଜବାଦୀ ଆନ୍ଦୋଳନର ମୁଖ୍ୟ ପ୍ରବକ୍ତା, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଜିଲ୍ଲାର ସୁଯୋଗ୍ୟ ସନ୍ତାନ ନବକୃଷ୍ଣ ଚୌଧୁରୀଙ୍କ ଶ୍ରାଦ୍ଧ ଦିବସ ଜିଲ୍ଲାପ୍ରଶାସନ ଓ ପୌର ପରିଷଦର ମିଳିତ ଆନୁକୂଲ୍ୟରେ ପାଳିତ ହୋଇଛି । ଏହି ସମାଜବାଦୀ ତଥା ଗରିବ ଲୋକଙ୍କ ମୁହଁରେ ହସ ଫୁଟାଇ ପାରୁଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜନ୍ମସ୍ଥଳୀ ହେଉଛି ଜଗତ୍‌ସିଂହପୁର ଜିଲ୍ଲାର ଖେରସ ଗ୍ରାମରେ । ପରାଧୀନ ଭାରତର ଦୂରାବସ୍ଥାରେ ବ୍ୟଥୀତ ହେବାରୁ ସେ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇ ଜଣେ ସୈନିକ ଭାବେ ସେ ଚାରିଥର କାରାବରଣ କରିଥିଲେ । ଆନ୍ଦୋଳନ କରି କରି ନିଜ ଜୀବନକୁ ଉତ୍ସର୍ଗୀକୃତ କରିଥିବା ଏହି ମହାନ ଜନନାୟକ ୧୯୫୦ ମସିହାଠାରୁ ୧୯୫୬ ମସିହା ପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ । ତାଙ୍କ ଶ୍ରାଦ୍ଧ ଦିବସ ଅବସରରେ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ସାହୁ ଓ ପୌରପରିଷଦର ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଏବଂ ତାଙ୍କ ଖେରସ ଗ୍ରାମରେ ଥିବା ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୌରପରିଷଦର ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋୟୀ, ସମସ୍ତ କାଉନସିଲର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ପୌରପରିଷଦ ନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣ, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲିପ କୁମାର ଜେନା, ଉପପରିଚାଳକ ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ଅଧିକାରୀ ସୁକାନ୍ତ କୁମାର ପ୍ରଧାନ ଓ ବହୁ ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରାଣୀଚିକିତ୍ସକ ଡା. ବୀରକିଶୋର ପରିଡାଙ୍କ ୫ଟି ଗ୍ରନ୍ଥ ଉନ୍ମୋଚିତ



**ଭୁବନେଶ୍ୱର :** ରାଜ୍ୟ କୃଷି ଭବନରେ ଅନୁଷ୍ଠିତ ପ୍ରାଣୀ ସମ୍ପଦ ବିକାଶ ସମ୍ପର୍କିତ ରାଜ୍ୟସ୍ତରୀୟ ସମୀକ୍ଷା ବୈଠକରେ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଦ୍ୱାରା ଡା. ବୀରକିଶୋର ପରିଡାଙ୍କ ରଚିତ ପ୍ରାଣୀବିଜ୍ଞାନ ପ୍ରଥମ ଭାଗ, ପ୍ରାଣୀବିଜ୍ଞାନ ଦ୍ୱିତୀୟଭାଗ, ପ୍ରାଣୀଗୀତ, ପ୍ରାଥମିକ ପ୍ରାଣୀଚିକିତ୍ସା ଓ ଆପଣ ଯାହା ପଚାରିଥିଲେ ଉନ୍ମୋଚିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ପ୍ରମୁଖ ସଚିବ ଆର.ଆର ରଘୁନନ୍ଦନ ଓ ବିଭାଗୀୟ ନିର୍ଦ୍ଦେଶକ ବିଜୟ ଏଦୁଲା ପ୍ରମୁଖ ଉନ୍ମୋଚନ କରିବା ସହ ଡା. ପରିଡାଙ୍କ ଏହି ଗ୍ରନ୍ଥ ଗୁଡିକ ସବୁବର୍ଗର ପାଠକ ଓ ପ୍ରାଣୀପାଳକମାନଙ୍କ ବହୁ ଉପାଦେୟ ହେବ ବୋଲି ପ୍ରଶଂସା କରିଥିଲେ । ଡାକ୍ତର ପରିଡାଙ୍କ ଏଭଳି କୃତୀ ଦେଖି ସନ୍ତୋଷ ପ୍ରକାଶ କରିବା ସହ ଡାକ୍ତର ପରିଡାଙ୍କୁ ପୁରସ୍କୃତ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲାର ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ସହିତ ବହୁ ଉଚ୍ଚ ପଦସ୍ଥ ଅଧିକାରୀମାନେ ମଧ୍ୟ ଯୋଗଦାନ କରିଥିଲେ।

# ଶୁଦ୍ଧ ଓଡ଼ିଆ କଥନ ଓ ଲିଖନ ତଥା ଭଗ୍ନଡେଣାର ଉଡାଣ ପୁସ୍ତକ ଲୋକାର୍ପିତ



**ବାରିପଦା :** ମୟୂରଭଞ୍ଜ ଜିଲ୍ଲାର ବରିଷ୍ଠ ସାହିତ୍ୟସାଧକ ତଥା ଭାଷାବିତ୍ ବୃନ୍ଦାବନ ଦାଶଙ୍କ ରଚିତ ପୁସ୍ତକ 'ଶୁଦ୍ଧ ଓଡ଼ିଆ କଥନ ଓ ଲିଖନ' ତଥା କବି ଯଶୋବନ୍ତ ସେଠୀଙ୍କ ରଚିତ କବିତା ସଂକଳନ 'ଭଗ୍ନଡେଣାର ଉଡାଣ'ର ଲୋକାର୍ପଣ ଉତ୍ସବ ପୋଡା ଅସ୍ତିଆସ୍ଥିତ ଏକ ଅସ୍ଥାୟୀ ମଣ୍ଡପରେ ଆୟୋଜିତ ମୟୂରଭଞ୍ଜ ସାହିତ୍ୟ ପରିଷଦର ଏକ ବିଶେଷ କାର୍ଯ୍ୟକ୍ରମ ଅବସରରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ପଦ୍ମନାଭ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଡ. ଦମୟନ୍ତୀ ବେଶ୍ରା ମୁଖ୍ୟଅତିଥି ଭାବରେ ଯୋଗଦେଇ ଏକ ଭଲ ପୁସ୍ତକର ଉପାଦେୟତା ସବୁକାଳରେ ଗୁରୁତ୍ୱ ରଖେ ବୋଲି ମତପ୍ରକାଶ କରିଥିଲେ। ଭଲ ପୁସ୍ତକ ହିଁ ସମାଜକୁ ସଠିକ ମାର୍ଗଦର୍ଶନ କରାଇଥାଏ ବୋଲି ସେ କହିଥିଲେ। ଏହି ଅବସରରେ ସଂସ୍କୃତ ଭାଷାରେ ରଚିତ ଜୟଦେବଙ୍କ ଗୀତଗୋବିନ୍ଦକୁ ଡ. ବେଶ୍ରା ଓଲଚିକି ଭାଷାରେ ଅନୁବାଦ କରି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଁ ମନୋନୀତ ହୋଇଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମର ପ୍ରାରମ୍ଭରେ ପରିଷଦର ସଦସ୍ୟ ଅଜିତ କୁମାର ପାଣିଗ୍ରାହୀ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିବା ସଙ୍ଗେସଙ୍ଗେ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ପରେ ଦିବଂଗତ ଅଭିନେତା ରାଇମୋହନ ପରିଡାଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଦୁଇ ପୁସ୍ତକର ଲେଖକ ସେମାନଙ୍କ ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କଲାପରେ ବିଶିଷ୍ଟ ସାହିତ୍ୟାକାର ଡ. ନୀଳକଣ୍ଠ ମିଶ୍ର 'ଶୁଦ୍ଧ ଓଡ଼ିଆ କଥନ ଓ ଲିଖନ' ପୁସ୍ତକର ସମୀକ୍ଷା କରିଥିବା ବେଳେ କବି ଓ ଗାଳ୍ପିକ ଇଂ ମନୋଜ ଦଳବେହେରା 'ଭଗ୍ନଡେଣାର ଉଡାଣ' ପୁସ୍ତକର ସମୀକ୍ଷା କରିଥିଲେ। କୈବଲ୍ୟ ପ୍ରସାଦ ମହାପାତ୍ର, ମଧୁସ୍ମିତା ସେଠୀ, ଉର୍ମିଳା ସେଠୀ, ବାରିପଦା ରିଜର୍ଭ ଇନ୍ସପେକ୍ଟର କୁଳମଣି ଗିରି, ଅଜୟ, ବିଜୟ, ସଞ୍ଜୟ, ମନୋରଞ୍ଜନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିବା ବେଳେ ପରିଷଦର କୋଷାଧ୍ୟକ୍ଷ ଅଧ୍ୟାପକ ସମରେନ୍ଦ୍ର ବଶା ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଜୀବନପଥ ଓ ଅନବସରରେ ମହାପ୍ରଭୁଙ୍କ ତିନିରୂପ

ଜୀବନପଥ ହେଉଛି ବଡ଼ଦାଣ୍ଡ। ଶ୍ରୀମନ୍ଦିରର ସିଂହଦ୍ୱାରରୁ ଆରମ୍ଭ, ଶ୍ରୀଗୁଣ୍ଡିଚା ମନ୍ଦିର ପାଖରେ ସମାପ୍ତ। ବଡ଼ଦାଣ୍ଡର ଆରମ୍ଭ ସ୍ଥାନ ନୀଳାଚଳ ନାମରେ ବି ପ୍ରସିଦ୍ଧ। ଏଠାରୁ ଶ୍ରୀଗୁଣ୍ଡିଚା ମନ୍ଦିର ଆଡ଼କୁ ଗଲେ ପ୍ରଥମେ ଭେଟିବାକୁ ହୁଏ ଏମାରମଠ ଚକଡ଼ାକୁ। ଅବଶ୍ୟ ଏହା ଏବେକାର ନାମ। ଏହା ଥିଲା ଅନ୍ନଛତ୍ର ମଣ୍ଡପ। ଯେଉଁଠି ଶ୍ରୀଦାରୁ ବ୍ରହ୍ମଙ୍କର ଶ୍ରୀଅନ୍ନବ୍ରହ୍ମ ବିତରିତ ହେଉଥିଲା, ସାଧୁ, ସନ୍ଥ, ଦୁଃଖୀ, ରଙ୍କି ତଥା ଭୋକିଲା ପେଟରେ ଆଉଟୁ ପାଉଟୁ ହେଉଥିବା ଜୀବବ୍ରହ୍ମ ମାନଙ୍କୁ। ମଧ୍ୟପ୍ରଦେଶର ରିମାର ରାଜା ଶ୍ରୀରଘୁରାଜ ସିଂ ଯେ ବ୍ୟବସ୍ଥା କରିଥିଲେ ଏହି ସ୍ଥାନଟିକୁ ଖରିଦ କରି। ସେ ହିଁ ଗଢ଼େଇଥିଲେ ସୁଉଚ୍ଚ ମଣ୍ଡପଟିଏ। ମଠଟିଏ ବି ବସେଇଥିଲେ ରିମାର ପ୍ରାଚୀନ ମାନ ଅହିଛତ୍ର ନାମରେ। ଏହି



ଅହିଛତ୍ର ବର୍ତ୍ତମାନର ବରେଲୀ ଜିଲ୍ଲା। କାଳକ୍ରମେ ଏହି ଦାୟିତ୍ୱ ଖଞ୍ଜି ଦେଇଥିଲେ ଏମାର ମଠ ମାର୍ଫତରେ। ସେବେଠୁ ରିମା ମଣ୍ଡପ ଲୋକମୁଖର ପ୍ରସିଦ୍ଧ ହୋଇଯାଇଛି ଏମାର ମଠ ଚକଡ଼ା।

ନାମରେ। ମାଧୁର୍ଯ୍ୟମୟରୁ ବାହାରିଲେ ଜାଣତରେ ହେଉକି ଅଜାଣତରେ ହେଉ ପ୍ରଥମେ ଭେଟିବାକୁ ହେଉଥିଲା ଜୀବବ୍ରହ୍ମମାନଙ୍କୁ। ଯେଉଁଠି ଅନ୍ନବ୍ରହ୍ମରେ ଶାନ୍ତି ପାଆନ୍ତି ସେମାନେ। ମହମହ ମହାପ୍ରସାଦର ବାସ୍ନା ତନୟ ଚେତନାକୁ ନିର୍ବିକାର କରିଦିଏ। ସେଇଠୁ ସେଇ ମୁହୂର୍ତ୍ତକରୁ। ତାପରେ ବଡ଼ଦାଣ୍ଡରେ ଆଗେଇଲେ ବାମପଟେ ଦେବୀ ଚର୍ଚ୍ଚିକା ଓ ଡାହାଣ ପଟେ ଦେବୀ ମର୍ଚ୍ଚିକାଙ୍କ ମନ୍ଦିର। ମଝିରେ ରଥଖଳା। ମହାପ୍ରଭୁଙ୍କ ଆଜ୍ଞାରେ ଏଇଠି ନିର୍ମାଣ ହୁଏ ରଥ। ଆଉ ଟିକେ ମରିଚିକୋଟରୁ ଆଗେଇଲେ ବାମପଟେ ବିରାଜମାନ କରିଛି ହଜାର ବର୍ଷର ଏକ ଅଭୁଲା ସ୍ମାରକୀ। ବିଜେ କରିଛନ୍ତି ଶ୍ରୀ ଶୁଭଲକ୍ଷ୍ମୀ ନାରାୟଣଦେବ। ବର୍ତ୍ତମାନର ପରିଦୃଶ୍ୟମାନ ଶ୍ରୀମନ୍ଦିର ଅର୍ଥାତ୍ ଯେଉଁ ମନ୍ଦିରକୁ ମହାପ୍ରଭୁଙ୍କର ଅଷ୍ଟମ ମନ୍ଦିର ବୋଲି ଶାସ୍ତ୍ରୀୟ ଦୃଷ୍ଟିରୁ ବିଚାର କରାଯାଏ, ସେହି ମନ୍ଦିରର ପୂର୍ଣ୍ଣ ନିର୍ମାଣ ସମୟର। ସମ୍ରାଟ ଅନଙ୍ଗଭୀମଦେବ ଶ୍ରୀମନ୍ଦିର ନିର୍ମାଣ ଶେଷ ବେଳକୁ ବିଘ୍ନ ବିନାଶନ ପାଇଁ ଯାଙ୍କୁ ପ୍ରତିଷ୍ଠା କରି ଯଜ୍ଞ କରିଥିଲେ। ସେହିଦିନୁ ଯାଙ୍କ ନାମ ହୋଇଗଲା ଶ୍ରୀଶୁଭଲକ୍ଷ୍ମୀ ନାରାୟଣ ଦେବ। କୋଳରେ ମା'ଲକ୍ଷ୍ମୀ ଥାଇ ବଡ଼ କମନୀୟ ମୂର୍ତ୍ତି। ନିର୍ବିଘ୍ନରେ ନିର୍ମାଣ ସମ୍ପୂର୍ଣ୍ଣ ହେବା ସହିତ ମନ୍ଦିର ପ୍ରତିଷ୍ଠା ହୋଇଥିଲା। ଏଠାରେ ଗଢ଼ି ଉଠିଥିଲା ଶ୍ରୀନାରାୟଣ ଛତାମଠ। ବଡ଼ଦାଣ୍ଡର ଏହି ସ୍ଥାନ ଏକ ପବିତ୍ର ଯଜ୍ଞସ୍ଥାନ।

ଯୁଗେ ଯୁଗେ ଲୀଳାମୟ ଭକ୍ତମାନଙ୍କ ପାଇଁ ଅନେକ ଲୀଳା ରଚନା କରିଛନ୍ତି। ସେଥିମଧ୍ୟରୁ କେତେକ ମାନବୀୟ ଲୀଳା ଅନ୍ୟତମ। ଏଥିମଧ୍ୟରେ କେତେବେଳେ ଭକ୍ତ ପାଇଁ ବଡ଼ଦାଣ୍ଡରେ ନନ୍ଦିଘୋଷ ରଥ ଅଟକିଯାଇଛି ତ ପୁଣି କେତେବେଳେ ଭୁଜ ବଢ଼ାଇ ଭକ୍ତ ହାତରୁ ନଡ଼ିଆ ନେଇଛନ୍ତି। ଏମିତି ଅନେକ ଲୀଳା ପାଇଁ ପୁରୁଷୋତ୍ତମ କ୍ଷେତ୍ର ପୁରୀ ଆଜି ସାଧୁ, ସନ୍ଥ, ସନ୍ନ୍ୟାସୀ ଓ ବିଭିନ୍ନ ବର୍ଗର ଭକ୍ତଙ୍କୁ ଆକର୍ଷିତ କରିଛି। ବର୍ଷ ତମାମ୍ ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିବାବେଳେ ଜଗନ୍ନାଥଙ୍କ ରୀତିନୀତି ସହ ଯୋଡ଼ି ହୋଇ ରହିଥିବା ବ୍ରହ୍ମପୀଠ ବ୍ରହ୍ମଗିରି ୧୪ ଦିନ ପାଇଁ ପାଲଟିଯାଏ ମହାପ୍ରଭୁଙ୍କ ଅନ୍ୟ ଏକ ଲୀଳାକ୍ଷେତ୍ର। ଦାରୁବ୍ରହ୍ମ ସ୍ନାନ ପୂର୍ଣ୍ଣମୀରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପଡ଼ିଥାନ୍ତି। ଚତୁର୍ଦ୍ଧାବିଗ୍ରହଙ୍କ ଚାଲେ ଗୁପ୍ତ ପୂଜା। ୧୪ ଦିନ ଧରି ଅଣସର ପିଣ୍ଡିରେ ଗୁପ୍ତସେବା ପାଉଥିବା ସମୟରେ ତିନିରୂପରେ ଉପାସିତ ହୋଇଥାନ୍ତି ମହାପ୍ରଭୁ। ଏହି ସମୟରେ ଭକ୍ତମାନେ ଶ୍ରୀବିଗ୍ରହଙ୍କୁ ଦାରୁବ୍ରହ୍ମ, ପଟ୍ଟିଦିଅଁ, ପ୍ରସ୍ତର ବିଗ୍ରହ ରୂପେ ପୂଜା କରିଥାନ୍ତି।

ମହାପ୍ରଭୁଙ୍କ ଏହି ତିନିରୂପ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଗବେଷଣା ଅଧିକାରୀ ଡ. ସୁରେନ୍ଦ୍ର ମିଶ୍ରଙ୍କ ପ୍ରଦତ୍ତ ତଥ୍ୟ ଅନୁଯାୟୀ, ମହାପ୍ରଭୁ ହେଉଛନ୍ତି ଲୀଳାମୟ। ତାଙ୍କର ସମସ୍ତ ଲୀଳା ଜଗତ ଓ ଜନାର୍ଦ୍ଦନଙ୍କ ପାଇଁ ଉଦ୍ଦିଷ୍ଟ। ଅନବସର ସମୟରେ ସେ ବିଭିନ୍ନ



ରୂପରେ ଆରୋପିତ ହୋଇ ଉପାସିତ ହେଉଥିଲେ ମଧ୍ୟ ଲକ୍ଷ୍ୟ ହେଉଛି ଭକ୍ତଙ୍କ ମଙ୍ଗଳ କାମନା। ମହାପ୍ରଭୁ ଭକ୍ତଙ୍କ ମେଳକୁ ଓହ୍ଲାଇ ଆସିବା ପୂର୍ବରୁ ଜଣାଇ ଦେଇଆସନ୍ତି ଜଗତ ଓ ତାଙ୍କ ମଧ୍ୟରେ କୌଣସି ବିଭେଦ ନାହିଁ। ଦାରୁରେ ସେ ପଟ୍ଟଚିତ୍ରରେ ସେ ଆଉ ପଥରରେ ବି ସେ । ତେଣୁ ବଡ଼ଦାଣ୍ଡକୁ ଓହ୍ଲାଇ ଆସିବା ପରେ ରଥ, ପଥ ଓ ଶ୍ରୀଜଗନ୍ନାଥ ଏକାକାର ହୋଇଯାନ୍ତି ବୋଲି ଡ.ମିଶ୍ର କହିଛନ୍ତି।

**ପ୍ରସ୍ତର ବିଗ୍ରହ :** ଦାରୁଦିଅଁଙ୍କୁ ଦର୍ଶନ ନପାଇ ଏହି ସମୟରେ ଭକ୍ତମାନେ ବ୍ରହ୍ମଗିରିସ୍ଥିତ ମହାପ୍ରଭୁ ଅଲାରନାଥଙ୍କୁ ଉପାସନା କରିଥାନ୍ତି। ଅନବସର ସମୟରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ ନପାଇ ଶ୍ରୀଚୈତନ୍ୟ ମହାପ୍ରଭୁ ମ୍ରିୟମାଣ ହୋଇପଡ଼ିଥିବା ସମୟରେ ସମୁଦ୍ର କୂଳେ କୂଳେ ବ୍ରହ୍ମଗିରି ଆସି ଅଲାରନାଥଙ୍କୁ ଦର୍ଶନ କରି ଆତ୍ମସନ୍ତୋଷ ପ୍ରାପ୍ତି ହୋଇଥିଲେ। ଏହି ୧୪ ଦିନ ଧରି ଚତୁର୍ଭୁଜ ନାରାୟଣଙ୍କୁ ଦର୍ଶନ କରି ଭକ୍ତମାନେ ଜଗନ୍ନାଥ ଦର୍ଶନର ସମଫଳ ପ୍ରାପ୍ତି ହୋଇଥାନ୍ତି। ଶ୍ରୀବିଗ୍ରହଙ୍କ ଉର୍ଦ୍ଧ୍ୱଦେଶ ବାମ ହସ୍ତରେ ଶଙ୍ଖ, ଡାହାଣ ହସ୍ତରେ ଚକ୍ର, ନିମ୍ନଦେଶ ବାମ ହସ୍ତରେ ଗଦା, ଦକ୍ଷିଣ ହସ୍ତରେ ପଦ୍ମ ଶୋଭା ପାଉଛି। ସିଦ୍ଧାର୍ଥ ସଂହିତା ଅନୁସାରେ ଏହି ବିଗ୍ରହ ଜନାର୍ଦ୍ଦନ ନାରାୟଣ ଅଟନ୍ତି।

**ପଟ୍ଟିଦିଅଁ ରୂପ :** ଅନବସର କାଳରେ ପଛପଟେ ଦାରୁବ୍ରହ୍ମ ଅଣସର ପିଣ୍ଡରେ ଗୁପ୍ତ ପୂଜା ଓ ଉପଚାର ହେଉଥିବା ସମୟରେ ସମ୍ମୁଖରେ ଏକ ତାଟି ପଡ଼ି ତା ମଧ୍ୟରେ ଶ୍ରୀ ଅନନ୍ତ ବାସୁଦେବ, ମା'ଭୁବନେଶ୍ୱରୀ, ଶ୍ରୀ ନାରାୟଣଙ୍କ ପଟ୍ଟଚିତ୍ର ସ୍ଥାପନ କରାଯାଏ। ସମ୍ମୁଖରେ ଗୋଟିଏ ଖଟ ଉପରେ ମଦନମୋହନ, ରାମକୃଷ୍ଣ, ଶ୍ରୀଦେବୀ, ଭୂଦେବୀଙ୍କୁ ବସାଇ ଉପାସନା କରାଯାଏ। ଯଦିଓ ମହାପ୍ରଭୁଙ୍କୁ ଅନ୍ନ ପ୍ରସାଦ ଭୋଗ କରାଯାଏ ନାହିଁ କିନ୍ତୁ ପଟ୍ଟଦିଅଁଙ୍କୁ ବଲ୍ଲଭ ବ୍ୟତୀତ ଅନ୍ନପ୍ରସାଦ ଓ ଅନ୍ୟାନ୍ୟ ବ୍ୟଞ୍ଜନ ପରିବେଷଣ କରାଯାଇଥାଏ। ୧୫ ଦିନ ପରେ ମହାପ୍ରଭୁଙ୍କ ନବଯୌବନ ଦର୍ଶନ ଦିନ ଏହି ପଟ୍ଟିଦିଅଁଙ୍କୁ ବିସର୍ଜନ କରାଯାଇଥାଏ। ଏହିଭଳି ଭାବେ ପଟ୍ଟିଦିଅଁଙ୍କୁ ଉପାସନା କରାଯାଇଥାଏ। କରୋନା କଟକଣା ପାଇଁ ପୁରୀ ବଡ଼ଦାଣ୍ଡରେ ମହାପ୍ରଭୁଙ୍କ ରଥକୁ ସେବାୟତମାନେ ଟାଣିନେବେ ଏହି ନିର୍ଦ୍ଦେଶାବଳୀ ଜାରି ହୋଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ଆମ ସମସ୍ତଙ୍କୁ ଆଶୀର୍ବାଦ ପ୍ରଦାନ କରୁଥାନ୍ତୁ।

# ଶ୍ରୀଜଗନ୍ନାଥ ହିଁ ଶ୍ରୀରାମ



ପ୍ରସିଦ୍ଧ ଶ୍ରୀରାମ ଭକ୍ତ ସନ୍ଥ ଗୋସ୍ୱାମୀ ତୁଳସୀ ଦାସ ଶ୍ରୀଜଗନ୍ନାଥଙ୍କ ମହିମା ସମ୍ପର୍କରେ ଶୁଣି ତାଙ୍କର ଦର୍ଶନ ଲାଗି ପୁରୀ ଆସିଲେ। ସେ ଜାଣିଥିଲେ ଶ୍ରୀଜଗନ୍ନାଥ ହେଉଛନ୍ତି ଶ୍ରୀବିଷ୍ଣୁଙ୍କ ଅବତାର। ଶ୍ରୀରାମ ଏବଂ ଶ୍ରୀଜଗନ୍ନାଥ ଏକ ତଥା ଅଭିନ୍ନ। ତେଣୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଲାଗି ଆସିଥିବା ତୁଳସୀ ଦାସ ଶ୍ରୀମନ୍ଦିରରେ ଦିଅଁ ଦର୍ଶନ କରିବାକୁ ଆସିଲେ। ଶ୍ରୀମନ୍ଦିରରେ ସେ ତିନି ଠାକୁରଙ୍କୁ ଦର୍ଶନ କଲେ। ହେଲେ ସେ ନିରାଶ ହେଲେ। କାରଣ ଶ୍ରୀଜଗନ୍ନାଥଙ୍କ ଠାରେ ସେ ଶ୍ରୀରାମଙ୍କ ଚିହ୍ନବର୍ଣ୍ଣ ଦେଖିପାରିଲେ ନାହିଁ। ଦୁଃଖ ମନରେ ତୁଳସୀ ଦାସ ଫେରିଆସିଲେ। ସେ ବାଇଶି ପାହାଚରୁ ଓହ୍ଲାଉଛନ୍ତି କି ନାହିଁ ମାଙ୍କଡଟିଏ ଆସି ତାଙ୍କ ଚଦର ଛଡ଼ାଇ ନେଇ ଚାଲିଗଲା। ସେତେବେଳକୁ ଅନ୍ଧାର ହୋଇସାରିଥାଏ। ତୁଳସୀ ଦାସ କ'ଣ କରିବେ ଜାଣିପାରିଲେ ନାହିଁ। ଏହି ସମୟରେ ଜଣେ ଦିବ୍ୟ ପୁରୁଷ ଆସି ତୁଳସୀଙ୍କ ସମ୍ମୁଖରେ ଉପସ୍ଥିତ ହେଲେ। ତାଙ୍କ ଠାରେ ଦିବ୍ୟ କାନ୍ତି ଥିଲା। ସେହି ପୁରୁଷ ଉକ୍ତ ମାଙ୍କଡ଼କୁ କହିଲେ, ତୁମେ ମହାତ୍ମାଙ୍କ ଚଦର ଫେରାଇ ଦିଅ। ସେହି ଦିବ୍ୟ ପୁରୁଷଙ୍କ କଥା ଶୁଣିବା ପରେ ମାଙ୍କଡ଼ ପାଖକୁ ଆସି ତୁଳସୀ ଦାସଙ୍କ ଚଦର ରଖିଦେଇ ଚାଲିଗଲା। ତୁଳସୀ ଦାସ ଆଶ୍ଚର୍ଯ୍ୟ ହେଲେ।

ସେହି ରାତିରେ ସେ ଶ୍ରୀକ୍ଷେତ୍ରରେ ବିଶ୍ରାମ ନେଇଥାନ୍ତି। ତାଙ୍କୁ ନିଦ ଲାଗିଯାଇଥାଏ। ଏହି ସମୟରେ ସେ ସ୍ୱପ୍ନ ଦେଖିଲେ। ସ୍ୱପ୍ନରେ ସ୍ୱୟଂ ଶ୍ରୀରାମ ଆସିଥାନ୍ତି। ଶ୍ରୀରାମ କହିଲେ, 'ତୁଳସୀ! ତୁମେ ମୋତେ ଚିହ୍ନିପାରିଲ ନାହିଁ। ମୁଁ ଆଉ କେହି ନୁହେଁ! ଶ୍ରୀରାମ, ମୁଁ ହିଁ ଶ୍ରୀଜଗନ୍ନାଥ। ତୁମକୁ ନିରାଶ ମନରେ ଫେରୁଥିବା ଦେଖି ମୁଁ ସହିପାରିଲିନି। ତୁମକୁ ଅଟକାଇବା ଲାଗି ଚେଷ୍ଟା କଲି। ତୁମ ଚଦର ଛଡ଼ାଇ ନେଇଥିବା ବାନରଟି ଅନ୍ୟ କେହି ନୁହେଁ ସ୍ୱୟଂ ହନୁମାନ। ସେହିପରି ଯେଉଁ ଦିବ୍ୟ ପୁରୁଷ ତୁମ ସମ୍ମୁଖରେ ଉଭା ହୋଇଥିଲେ, ସେ ବିଭୀଷଣ। ତୁଳସୀ ଏଥର ଶ୍ରୀଜଗନ୍ନାଥଙ୍କ ମହିମା ଜାଣିପାରିଲେ। ପରଦିନ ସେ ଆସି ଶ୍ରୀଜଗନ୍ନାଥଙ୍କୁ ଦେଖିବା କ୍ଷଣି ତାଙ୍କ ଠାରେ ନିଜ ଆରାଧ୍ୟ ଶ୍ରୀରାମଙ୍କ ଦର୍ଶନ କରି କୃତାର୍ଥ ହେଲେ। ବିଶ୍ୱାସ କରାଯାଏ ଯେ ପ୍ରତିଦିନ ରାତିରେ ଶ୍ରୀହନୁମାନ ଏବଂ ବିଭୀଷଣ ପୁରୀ ଆସି ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କୁ ଭେଟିଥାଆନ୍ତି। ସେଦିନ ରାତିରେ ସେମାନେ ତୁଳସୀଦାସଙ୍କୁ ଦର୍ଶନ ଦେଇଥିଲେ।

ମନୁଷ୍ୟର ଶରୀର ତଥା ମନ ଏକ ବୃକ୍ଷତୁଲ୍ୟ ଓ ପଞ୍ଚଇନ୍ଦ୍ରିୟମାନେ ଏହି ଶରୀର ରୂପକବୃକ୍ଷର ଶାଖାପ୍ରଶାଖା ସଦୃଶ । ଅଥର୍ବ ବେଦରେ ବୃକ୍ଷକୁ ଦେବସଦନ ବୋଲି କୁହାଯାଇଛି । ଏସବୁ କହିବାର ତାତ୍ପର୍ଯ୍ୟ ହେଉଛି, ବୃକ୍ଷ ବା ଦାରୁ ଉପାସନାର ପ୍ରାଧାନ୍ୟ ଶବର ସମ୍ପ୍ରଦାୟ ମଧ୍ୟରେ ବହୁକାଳରୁ ଚଳିଆସିଛି । ଏଥିରୁ ପ୍ରମାଣିତ ହୁଏ ଯେ ଦାରୁମୂର୍ତ୍ତି ବିକାଶର ପରମ୍ପରା ଓ ସଂସ୍କୃତି ଶାବର ସଭ୍ୟତାରୁ ଜନ୍ମଲାଭ କରିଛି । ଆଧ୍ୟାତ୍ମିକ ଚିନ୍ତାଧାରାର ଅପୂର୍ବ ସମନ୍ୱୟର ଫଳ ସ୍ୱରୂପ ଦାରବୀୟ ଜଗନ୍ନାଥ ଶବର ଉପାସିତ ଦାରୁଦେବତାର ରୂପାନ୍ତରିତ ହୋଇଛନ୍ତି । ଶବରମାନଙ୍କର ୧୦ ପ୍ରକାରର ଦେବତା ଯଥା- କିତୁଙ୍ଗ, ଜଗନ୍ତ, ତୋଡ଼, ତୁମନ, ଭୀମ, ଗର୍ଷିଦ, ରାମନ୍, ଯୋଜପେନ, ମଉ ଓ ତିଉ ପ୍ରଭୃତି ବିଗ୍ରହ ମାନଙ୍କ ସହ ଶ୍ରୀ ଜଗନ୍ନାଥଙ୍କ ଦଶାବତାର ସହିତ ସମ୍ବନ୍ଧ ରହିଥିବା ପରିଲକ୍ଷିତ ହୁଏ। ଅନାର୍ଯ୍ୟ ଶବର ଦେବତା କିତୁଂ ଓ ଆର୍ଯ୍ୟମାନଙ୍କର ଜଗନ୍ନାଥ, ଯେକି ଦାରୁମୂର୍ତ୍ତି ସଂସ୍କୃତିର ପ୍ରତୀକ ସେ ଏକ ଅଭିନ୍ନ । ଏଥିରେ ସନ୍ଦେହର ଅବକାଶ ନାହିଁ ।

ଭଗବତ୍ ଆରାଧନା ଯଦି ଆତ୍ମାକୁ ମାଟିର ମାୟାଠଶରୁ ଊର୍ଦ୍ଧ୍ୱଗାମୀ କରୁଥାଏ ତେବେ ସେଇ ପରମାତ୍ମାଙ୍କର ସ୍ୱରୂପ ଚିନ୍ତନ ଓ ଅର୍ଚ୍ଚନା ପାଇଁ ଆବ୍ରାହ୍ମଣ ଚଣ୍ଡାଳ ସମସ୍ତଙ୍କ ମୌଳିକ ଅଧିକାରକୁ ଏହି ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ସ୍ୱିକୃତୀ ପ୍ରଦାନ କରିଆସିଛି। ଉତ୍କଳର ସାଂସ୍କୃତିକ ପ୍ରବାହରେ ମାନବିକ ପ୍ରାଣୋଚ୍ଛ୍ୱାସର ଭକ୍ତବତ୍ସଳ ପ୍ରଭୁ ଶ୍ରୀ ଜଗନ୍ନାଥ, ସଂସ୍କୃତିର ମହାପ୍ରବାହକୁ ଉଜ୍ଜିବୀତ କରିବାପାଇଁ ରତ୍ନସିଂହାସନରୁ ଓହ୍ଲାଇ ଆସନ୍ତି ଉଦଗ୍ରୀବ ଭକ୍ତମାନଙ୍କ ଗହଣକୁ। ବିସ୍ମୟ ଓ ବିସ୍ଫାରିତ ନୟନରେ ବିଶାଳ ବାହୁ ବିସ୍ତାର କରି ଆପଣାର କରିନିଅନ୍ତି ସମସ୍ତ ଭକ୍ତଜନଙ୍କୁ।

# ଲୀଳାମୟ ଶ୍ରୀଜଗନ୍ନାଥଙ୍କ ଦିନଚର୍ଯ୍ୟା


ମହାପ୍ରଭୁ ଶ୍ରୀଜଗନ୍ନାଥ ସୌକୁମାର୍ଯ୍ୟର ଦେବତା। ତାଙ୍କର ସୁକୁମାର ପଣ ସବୁଠାରେ ଫୁଟିଉଠେ। ସକାଳର ଦିନଚର୍ଯ୍ୟାରୁ ପହୁଡ଼ ପୂର୍ବର ବଡ଼ସିଂହାର ପର୍ଯ୍ୟନ୍ତ। ଶ୍ରୀଜଗନ୍ନାଥଙ୍କର ସୁକୁମାରପଣ ବାରିହୁଏ ତାଙ୍କର ସକାଳୁ ରାତି, ଋତୁରୁ ଅନ୍ୟ ଋତୁଯାଏ। ତାଙ୍କର ରୀତି ନୀତିରୁ ସ୍ପଷ୍ଟ ଜଣାପଡ଼େ ତାଙ୍କର ସଜବାଜର ମାନବୀୟ ସ୍ୱରୂପକୁ। ପ୍ରତିଦିନ ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିର ଖୋଲିବା ମାତ୍ରେ ହିଁ ଆରମ୍ଭ ହୋଇଯାଏ ମହାପ୍ରଭୁଙ୍କ ଯାବତୀୟ ନୀତି ସହିତ ଦିନଚର୍ଯ୍ୟା। ପ୍ରଥମ ରୀତି ହେଲା, ମଙ୍ଗଳ ଆରତୀ। ତାପରେ ଗତରାତିରେ ତିନି ଦିଅଁ ସୁବେଶିତ ହୋଇଥିବା ବଡସିଂହାର ବେଶ ଓହ୍ଲାଇ ଦିଆଯାଇ ଠାକୁରମାନଙ୍କୁ ପ୍ରସ୍ତୁତ କରାଯାଏ ସ୍ନାନ ରୀତି ପାଇଁ ଯାହା ଶ୍ରୀମନ୍ଦିର ସତ୍ୱଲିପିର ବର୍ଣ୍ଣିତ ଭାଷା ଅବକାଶ ନୀତି ନାମରେ



ପରିଚିତ। ପାଠକେ ଜାଣି ଆଶ୍ଚର୍ଯ୍ୟ ହେବେ ମହାପ୍ରଭୁ ମଣିଷ ପରି ଦୈନିକ ଦାନ୍ତ ବି ଘଷନ୍ତି। ପ୍ରକୃତରେ ଏହି ଦନ୍ତମାର୍ଜନ କାର୍ଯ୍ୟଟି ଚମତ୍କାରୀ ଦେବତା ଶ୍ରୀଜଗନ୍ନାଥଙ୍କର ଗୋଟିଏ ଅଦ୍ଭୁତ ରୀତି। ଦାନ୍ତଘଷା ପରେ ଠାକୁରମାନେ ସ୍ନାନ କରିଥାନ୍ତି। ଗାଧୋଇବା ବେଳେ ଠାକୁରମାନେ ଯେଉଁ ଲୁଗା ପିନ୍ଧନ୍ତି ସେଗୁଡ଼ିକ ତଡ଼ପ ଓ ଉତ୍ତରୀୟ ଭାବେ ପରିଚିତ। ଶ୍ରୀମନ୍ଦିର ସମ୍ପର୍କୀୟ ବିବରଣୀ ପୁସ୍ତିକା ଶ୍ରୀମନ୍ଦିର ସତ୍ୱଲିପିରେ ଉଲ୍ଲେଖ ରହିଛି, ପାଣିଆଘଟ ପାଣି ଆଣନ୍ତି। ଜିଉଛେଲା ଓ ଅନ୍ୟାନ୍ୟ ବାସନ ଦିଅଁଙ୍କ ଭଣ୍ଡାରରୁ ସୁଆରବଡୁ ଆଣି ଯୋଗାନ୍ତି। ଖଟୁଳି ସେବକ ଖଟୁଳି ଯୋଗାନ୍ତି। ଦର୍ପଣିଆ ଦର୍ପଣ ଆଣେ, ମୁଖରୁଚି ଅଁଏଳା ଘଟୁଆରୀ ଅଁଳା ଯୋଗାଏ। ଦାନ୍ତକାଠି, ମୁହଁ ଧୋଇବାକୁ ମୁଖ ପଖାଳ ପଢ଼ିଆରୀ ଦିଏ।

ସ୍ନାନପରେ ମହାପ୍ରଭୁଙ୍କୁ ଅନ୍ୟ ଠାକୁର ମାନଙ୍କ ସହିତ ଦିବସର ପ୍ରଥମ ବେଶ କରାଯାଏ। ମଥାରେ ସୁନାର ରାହୁ ରେଖା ସହ ରତ୍ନ ଖଚିତ ଚିତାରେ ପରିଶୋଭିତ ହୁଅନ୍ତି। ଠାକୁରମାନେ ଯେଉଁ ବସ୍ତ୍ରରେ ପରିଶୋଭିତ ହୁଅନ୍ତି ସେଗୁଡ଼ିକୁ ଶାଢ଼ି ଖଣ୍ଟୁଆ ଓ ଶ୍ରୀକପଡ଼ା କୁହାଯାଏ। ଖଣ୍ଡେ ଖଣ୍ଡେ ୧୨ ହାତିଆ ଶାଢ଼ି ଦିଅଁମାନଙ୍କର ଅନ୍ତର୍ବାସ ରୂପେ ରହିଥାଏ। ଦିଅଁମାନଙ୍କ ମସ୍ତକ ଆବୃତ୍ତ କରୁଥିବା ବସ୍ତ୍ରର ନାମ ଶ୍ରୀକପଡ଼ା। ତିନି ଦେବତାଙ୍କୁ ଶୋଭିତ କରେ ମାତ୍ର ତିନୋଟି ଫୁଲ ଅଳଙ୍କାର ସେଗୁଡ଼ିକ ହେଲା ଗୁଣା, ଚିତା ଓ ଅଧରମାଳା। ବେଶ ପରେ ଆସ ସାହାଣମେଲା। ଏହି ଚର୍ଚ୍ଚିତ ସାହାଣ ମେଲା ନିର୍ଘଣ୍ଟ ସମୟରେ ଭକ୍ତମାନେ ମହାପ୍ରଭୁଙ୍କର ରତ୍ନସିଂହାସନ ନିକଟକୁ ଯାଇ ମହାପ୍ରଭୁଙ୍କର ଅପୂର୍ବ ମାନବୀୟ ରସିକମୟ ସୌକୁମାର୍ଯ୍ୟ ରାଜକୀୟ ଠାଣିକୁ ଉପଭୋଗ କରି ନିଜକୁ ଧନ୍ୟ ମନେ କରିଥାନ୍ତି। ସାହାଣମେଲା ପରେ ସକାଳ ଭୋଗରେ ଅର୍ପଣ କରାଯାଉଥିବା ସାତଟି ଭୋଜ୍ୟ ଦ୍ରବ୍ୟ ହେଲା ଉଖୁଡା, ନଡ଼ିଆ ପାତି ଓ କୋରା, ଖୁଆ ବା ରାବିଡ଼ି, ଦହି ଏବଂ ପାଚିଲା କଦଳୀ। ଠିକ୍ ଘଣ୍ଟାଟି ପରେ ମହାପ୍ରଭୁଙ୍କୁ ଖୁବ୍ ଭୋକ ଲାଗିବାରୁ ତିନିଠାକୁରଙ୍କ ସକାଳ ଧୂପ କରାଯାଏ। ଏହି ସକାଳ ଧୂପ ସମୟରେ ମହାପ୍ରଭୁ ତାଙ୍କ ସୁନା ଭଉଣୀ ଦେବୀ ସୁଭଦ୍ରା ଓ ବଡ଼ଭାଇ ବଡ଼ ଠାକୁର ଶ୍ରୀବଳଭଦ୍ରଙ୍କ ସହିତ ୧୬ଗୋଟି ସୁସ୍ୱାଦୁ ଖାଦ୍ୟ ପଦାର୍ଥ ଭୋଜନ କରିଥାନ୍ତି। ସେହି ଭୋଗ ଦ୍ରବ୍ୟଗୁଡ଼ିକ ହେଲା କାନିକା, ତାଟ ଖେଚୁଡି, ସୁନାଥଳି ଖେଚୁଡ଼ି, ମେଣ୍ଢାମୁଣ୍ଡିଆ, ବଡ଼କାନ୍ତି, ସାନକାନ୍ତି, ମାଠପୁଳି, ହଂସକେଳି, ପିଠାପୁଳି, ଚଣ୍ଡପୁଳି, ଝିଲ୍ଲି, ଏଣ୍ଡୁରୀ ପିଠା, ଅଦାପାଚିଡି, ଶାଗଭଜା ଓ କଦଳୀଭଜା। ତାପରେ ଘଣ୍ଟାକ ପରେ ମହାପ୍ରଭୁଙ୍କୁ ପରଷାଯାଏ ଛତ୍ରଭୋଗ। ଏହି ଛତ୍ରଭୋଗରେ ଶ୍ରୀଜଗନ୍ନାଥଙ୍କୁ ସବୁଠାରୁ ଅଧିକ ପରିମାଣର ଭୋଗ ଅର୍ପିତ ହୁଏ। ଏହି ଭୋଗ ମଧ୍ୟରେ ବିଭିନ୍ନ ପ୍ରକାରର ଅନ୍ନ, ବ୍ୟଞ୍ଜନ ଏବଂ ମିଷ୍ଟାନ୍ନ ସାମିଲ ହୁଏ। ଠାକୁରଙ୍କୁ ଅଧିକ ଭୋକ ଲାଗିଲେ କି ଆବଶ୍ୟକ ପଡ଼ିଲେ ଏହି ଛତ୍ରଭୋଗ ଦିନକୁ ଦୁଇଥର ମଧ୍ୟ ମହାପ୍ରଭୁଙ୍କୁ ଅର୍ପଣ କରାଯାଇଥାଏ।

ଛତ୍ରଭୋଗ ମହାପ୍ରଭୁଙ୍କ ନିକଟରେ ଲାଗି ହୋଇ ବାହାରିବା ପରେ ହିଁ ସର୍ବାଧିକ କୋଳାହଳମୟ ହୋଇଉଠେ ଆନନ୍ଦବଜାର। କାରଣ ଅମୃତସମ ମହାପ୍ରସାଦର ସ୍ୱାଦ ପାଇଁ ଶହ ଶହ ଭକ୍ତମାନେ ବ୍ୟଗ୍ର ହୋଇ ଅପେକ୍ଷା କରିଥାନ୍ତି ଟିକେ ସେବନ କରିବାକୁ। ମହାପ୍ରସାଦର ମହ ମହ ସୁଗନ୍ଧିତ ବାସ୍ନାରେ ଆନନ୍ଦବଜାର ମହକୁଥାଏ। ସଂଧ୍ୟାଧୂପ ପରେ ସିଂହାରୀମାନେ ଠାକୁରମାନଙ୍କ ବେଶ ଉତାରନ୍ତି, ଏବଂ ତାପରେ ଚନ୍ଦନଲାଗି ସମୟ। ଘଟୁଆରୀମାନେ ଘୋରୀଥିବା ଚନ୍ଦନର ଲେପ ଦିଅନ୍ତି ଦିଅଁମାନଙ୍କର ଶ୍ରୀଅଙ୍ଗରେ। ଶ୍ରୀଅଙ୍ଗରେ ସୁବାସିତ ଚନ୍ଦନଲେପ ପରେ ଆରମ୍ଭ ହୁଏ ସବୁଠାରୁ ଆକର୍ଷଣୀୟ ବେଶ ବଡ଼ସିଂହାର ବେଶ। ବଡ଼ସିଂହାର ବେଶରେ ମହାପ୍ରଭୁ ବିଭିନ୍ନ ପ୍ରକାରର ଫୁଲ ପତ୍ରର ଅଳଙ୍କାରରେ ଖୁବ୍ ମନଲୋଭା ଲାଗନ୍ତି। ବଡ଼ସିଂହାର ବେଶ ପରେ ଆସ ଶ୍ରୀଜଗନ୍ନାଥଙ୍କର ରାତ୍ରୀଯାପନର ସମୟ। ଯାମର ତୃତୀୟ ବା ଚତୁର୍ଥ ପ୍ରହରରେ ପାଳିତ ହୁଏ ପୁରୀ ଶ୍ରୀମନ୍ଦିରରେ ପହୁଡ଼ ରୀତି। ଶ୍ରୀଲକ୍ଷ୍ମୀ-ନାରାୟଣଙ୍କ ରୂପା ନିର୍ମିତ ୧୦ ଇଞ୍ଚ ଉଚ୍ଚ ଶୟନବିଗ୍ରହ ଠାକୁରଙ୍କ ଶୟନ ସମୟରେ ବ୍ୟବହୃତ ହୋଇଥାନ୍ତି। ତିନୋଟି ସୁଶୋଭିତ ପଲଙ୍କ ପହୁଡ଼ ପାଇଁ ବ୍ୟବହୃତ ହୁଏ। ଅଦ୍ଭୁତ ପଲଙ୍କ ତିନୋଟି ରୂପା, ଗଜଦନ୍ତ, ସିଲକ ଓ କାଠରେ ତିଆରି ହୋଇଥାଏ। ମେକାପ ସେବକମାନେ ତିନୋଟି ପଲଙ୍କ ସହ ଖଟଶେଯ ତିନି ଠାକୁରଙ୍କ ସମ୍ମୁଖରେ ରଖିଦେବା ପରେ ପଢ଼ିଆରୀ ସେବକମାନେ ରତ୍ନସିଂହାସନ ଉପରେ ପାଞ୍ଚଗୋଟି ପଇଡ ରଖିଦେଇଥାନ୍ତି।



ପୁଷ୍ପାଳକମାନେ ସେହି ପଇଡ଼କୁ ଭକ୍ତିର ସହିତ ଦିଅଁଙ୍କୁ ସମର୍ପଣ କରନ୍ତି। ତାପରେ ହଡ଼ପନାୟକ ବିଡ଼ିଆ ପାନ ଠାକୁରମାନଙ୍କୁ ମଣୋହି କରିଥାନ୍ତି। ମହାପ୍ରଭୁ ସୁମଧୁର ପଇଡ଼ ଓ ସୁଆଦିଆ ବିଡ଼ିଆ ପାନ ଖାଇ ସାରିଲା ପରେ ପରେ ଲିଭାଇ ଦିଆଯାଏ ଗର୍ଭଗୃହ ଓ ଜଗମୋହନର ସମସ୍ତ ବତୀ। ବନ୍ଦ ହୁଏ ଦକ୍ଷିଣପଟ ବେହରଣ ଦ୍ୱାର ଓ ଆଉଜାଇ ଦିଆଯାଏ ଜୟ ବିଜୟ ଦ୍ୱାର। ଶ୍ରୀମନ୍ଦିର ବାହାରେ ଭଜନମଣ୍ଡଳୀ ତଥା ଭକ୍ତମାନଙ୍କର ମହାପ୍ରଭୁଙ୍କର ଜୟ ଜୟକାରର ପ୍ରତିଧ୍ୱନୀ ପୁରୀ ଆକାଶକୁ ପ୍ରକମ୍ପିତ କରୁଥାଏ। ଅଳ୍ପଦୂରରେ ମହୋଦଧିରେ ଅବିରତ ଲହରିତ ହେଉଥିବା ଢ଼େଉର ମୂର୍ଚ୍ଛନା ଗଭୀରତର ହେଉଥାଏ। ଠିକ୍ ଏହି ସମୟରେ ପଢ଼ିଆରୀ ସେବକ ଖୁବ୍ ଉଚ୍ଚ ପାଟିରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଡାକ ଦିଅନ୍ତି ମଣିମା! ମଣିମା!.... ରତ୍ନସିଂହାସନ ଛାଡ଼ି ରତ୍ନ ପଲଙ୍କରେ ବିଜେ ହୁଅନ୍ତୁ। ମହାପ୍ରଭୁଙ୍କର ଶୟନ ନୀତି ପରେ ଶ୍ରୀମନ୍ଦିର ତଥା ସମଗ୍ର ଶ୍ରୀକ୍ଷେତ୍ର ନିସ୍ତବ୍ଧ ତଥା ଶୂନଶାନ ହୋଇପଡ଼େ। ସକାଳ ହେବାପରେ କଳାହାଟ ଦ୍ୱାରରେ ପୂର୍ବରାତ୍ରିରେ ଦିଆଯାଇଥିବା ମାଟିମୁଦ ଓ ମୋହରକୁ ତନଖି କରି ଦ୍ୱାର ଖୋଲାଯିବା ସଙ୍ଗେ ପ୍ରତିହାରୀ ମଣିମା, ମଣିମା ଡାକଦେଇ ଦିଅଁମାନଙ୍କ ନିଦ୍ରାଭଙ୍ଗ କରନ୍ତି। ପୁନର୍ବାର ଆରମ୍ଭ ହୁଏ ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିରରେ ଜଗତରନାଥ ଶ୍ରୀଜଗନ୍ନାଥଙ୍କର ଦୈନିକ ରୀତି ଓ ନୀତି ସଂପୂର୍ଣ୍ଣ ମାନବୀୟ ଠାଣିରେ।





## ଅବକାରୀ ବିଭାଗରେ ବଡ଼ଧରଣର ଅଦଳବଦଳ

# ୬ ଡେପୁଟି କମିଶନର, ୨୪ ଡିଏସ୍‌ପିଙ୍କ ବଦଳି




**କଟକ :** ଅବକାରୀ ବିଭାଗରେ ବଡ଼ଧରଣର ଅବଳବଦଳ ହୋଇଛି। ୬ ଜଣ ଡେପୁଟି କମିସନର ପାହ୍ୟାର ଅଧିକାରୀଙ୍କୁ ନୂଆ ନିଯୁକ୍ତି ମିଳିଥିବାବେଳେ ୨୪ ଜଣ ଡିଏସ୍‌ପିଙ୍କ ବଦଳି ହୋଇଛି। ଏମାନଙ୍କ ମଧ୍ୟରୁ ୬ ଜଣଙ୍କ ଏସ୍ପି ପାହ୍ୟାକୁ ପଦୋନ୍ନତି ଏବଂ ୧୮ ଜଣଙ୍କୁ ଇନଚାର୍ଜ ଏସ୍ପି ଭାବ ଦାୟିତ୍ୱ ମିଳିଛି। ନୂଆ ନିର୍ଦ୍ଦେଶନାମା ପରେ ସମସ୍ତଙ୍କ ଅଧିକାରୀଙ୍କୁ ନୂଆ ଜିଲ୍ଲା ଓ ଏଷ୍ଟାବ୍ଲିସମେଣ୍ଟର ଦାୟିତ୍ୱ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନା ଅନୁଯାୟୀ, ଅବକାରୀ ବିଭାଗର ୬ ଜଣ ଡେପୁଟି କମିସନରଙ୍କ ବଦଳି ତାଲିକାରେ ଡେପୁଟି କମିସନର ଅଶୋକ କୁମାର ଶତପଥୀଙ୍କୁ ଦକ୍ଷିଣାଞ୍ଚଳ ଡିଭିଜନ୍ ବ୍ରହ୍ମପୁରକୁ ବଦଳି କରାଯାଇଥିବାବେଳେ ରାମ ଚନ୍ଦ୍ର ମିଶ୍ରଙ୍କୁ କଟକ ଅବକାରୀ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ, ରଜତ କୁମାର ପ୍ରହରାଜଙ୍କୁ କଟକ କେନ୍ଦ୍ରୀୟ ଡିଭିଜନ, ଦଣ୍ଡପାଣି ବେହେରାଙ୍କୁ କଟକ ଅବକାରୀ ନିର୍ଦ୍ଦେଶାଳୟ, ରାଜେନ୍ଦ୍ର କୁମାର ଭୋତ୍ରାଙ୍କୁ ଉତ୍ତରାଞ୍ଚଳ ଡିଭିଜନ ସମ୍ବଲପୁର, ଡମ୍ବରୁଧର ଖଣ୍ଡଙ୍କୁ କଟକ ଅବକାରୀ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ବଦଳି କରାଯାଇଛି। ସେହିଭଳି; ୨୪ ଜଣ ଡେପୁଟି ସୁପରିନଟେଣ୍ଡେଣ୍ଟ ପାହ୍ୟାର ଅଧିକାରୀଙ୍କ ମଧ୍ୟରୁ ୬ ଜଣଙ୍କୁ ଏସ୍ପି ପାହ୍ୟାକୁ ପଦୋନ୍ନତି ମିଳିଛି। ସେମାନଙ୍କ ମଧ୍ୟରୁ ଅରୁଣ କୁମାର ପାଢୀ ମାଲକାନଗିରି ଜିଲ୍ଲାରେ ନିଯୁକ୍ତି ପାଇଛନ୍ତି। ସେହିଭଳି ଦେବୀପ୍ରସାଦ ଦାସଙ୍କୁ ଗଞ୍ଜାମ, ସୀତାକାନ୍ତ ମୁଦୁଲିଙ୍କୁ ବଲାଙ୍ଗୀର, ସେକ୍ ଅସରଫ ଅଲ୍ଲିଙ୍କୁ ରାଉରକେଲା, କିଷ୍ଟା ନାୟକଙ୍କୁ ବୌଦ୍ଧ, ଅଭିରାମ ବେହେରାଙ୍କୁ ରାୟଗଡ଼ା ଜିଲ୍ଲାରେ ନିଯୁକ୍ତ ମିଳିଛି। ଅବଶିଷ୍ଟ ୧୮ ଜଣ ଡିଏସ୍‌ପିଙ୍କୁ ଆଡ-ହକ ଭିତ୍ତିରେ ଇନ୍‌ଚାର୍ଜ ଏସ୍‌ପି ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ସେମାନଙ୍କ ମଧରେ ସୁବଳ କୁମାର ନାଏକଙ୍କୁ ବରଗଡ଼, ମଧୁସ୍ମିତା ନାୟକଙ୍କୁ ଅନୁଗୁଳ, ପ୍ରଦୀପ କୁମାର ପଟ୍ଟନାୟକଙ୍କୁ ଭୁବନେଶ୍ୱର, ଅଶୋକ କୁମାର ସେଠଙ୍କୁ ସମ୍ବଲପୁର, ଅମରେନ୍ଦ୍ର କୁମାର ଜେନାଙ୍କୁ ଯାଜପୁର, ନାରାୟଣ ମେହେରଙ୍କୁ କେନ୍ଦୁଝର, ସୁମତି ତ୍ରିପାଠୀଙ୍କୁ ସୋନପୁର, ବିମ୍ବାଧର ପଣ୍ଡାଙ୍କୁ ଗୋପାଳପୁର, ଜଗଦିଶ ଚନ୍ଦ୍ର ସାମଲଙ୍କୁ ପୁରୀ, ପ୍ରଶାନ୍ତ କୁମାର କହଁରଙ୍କୁ ମୟୁରଭଞ୍ଜ, ସୁଶାନ୍ତ କୁମାର ପାଢ଼ୀଙ୍କୁ ବାଲେଶ୍ୱର, ପ୍ରବୀର କୁମାର ସାମଲଙ୍କୁ କନ୍ଧମାଳ, ରଞ୍ଜନ କୁମାର ନାୟକଙ୍କୁ କଳାହାଣ୍ଡି, ପ୍ରତାପ କୁମାର ଦାସଙ୍କୁ କଟକ କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ, ଦେବୀ ପ୍ରସାଦ ମିଶ୍ରଙ୍କୁ କେନ୍ଦ୍ରାପଡ଼ା, ସିଦ୍ଧେଶ୍ୱର ବେସ୍ରାଙ୍କୁ କଟକରେ ଥିବା ରାଜ୍ୟ ଅବକାରୀ ଫ୍ଲାଇଂ ସ୍କ୍ୱାଡ୍, ଦେବାଶିଷ ପଟେଲଙ୍କୁ କଟକ, ସଂଘମିତ୍ରା ପ୍ରଧାନଙ୍କୁ ନୂଆପଡ଼ାରେ ନିଯୁକ୍ତ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଉତ୍କଳ ପ୍ରସଙ୍ଗ, ଓଡ଼ିଶା ରିଭ୍ୟୁ ଉନ୍ମୋଚିତ



**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ ମାସିକ ମାଗିଜିନ ଉତ୍କଳ ପ୍ରସଙ୍ଗ ଉନ୍ମୋଚିତ ହୋଇଯାଇଛି। ସେହିପରି ରଥଯାତ୍ରା ଉପଲକ୍ଷେ ସ୍ୱତନ୍ତ୍ର ସଂସ୍କରଣ ଓଡିଶା ରିଭ୍ୟୁ ମାଗାଜିନ ଉନ୍ମୋଚିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ଏହି ଦୁଇ ମାଗାଜିନର ଉନ୍ମୋଚନ କରିଛନ୍ତି। ଏହି ଅବସରରେ ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି, ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ରାଜ୍ୟ ବିଧାନସଭା ବାଚସ୍ପତି ବିକ୍ରମ କେଶରୀ ଅରୁଖ ଉପସ୍ଥିତ ଥିଲେ। ପୁରୀରେ ଏହି ଉନ୍ମୋଚନ ଉତ୍ସବ ହୋଇଥିଲା।

# ବରିଷ୍ଠ ଓଏଏସସ୍ତରରେ ଅଦଳବଦଳ

**ଭୁବନେଶ୍ୱର :** ରାଜ୍ୟ ସରକାର ବରିଷ୍ଠ ଓଏଏସସ୍ତରରେ ଅଦଳବଦଳ କରିଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଗୃହ ବିଭାଗର ଅତିରିକ୍ତ ସଚିବ ବିଭୂତିଭୂଷଣ ମିଶ୍ରଙ୍କୁ କଟକ ଆରଡିସି କାର୍ଯ୍ୟାଳୟରେ ଅତିରିକ୍ତ ବନ୍ଦୋବସ୍ତ କମିଶନର ଭାବେ ବଦଳି କରାଯାଇଛି। ସେହିପରି ଗଜପତି ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ (ଡିଆରଡିଏ) ମହେଶ୍ୱର ଚନ୍ଦ୍ର ନାଏକଙ୍କୁ ମାଲକାନଗିରି ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଭାବେ ବଦଳି ହୋଇଥିବାବେଳେ ବରିଷ୍ଠ ଓଏଏସ୍ ରୋମାଞ୍ଚଳ ଖମାରୀଙ୍କୁ ଗଜପତି ଜିଲ୍ଲା ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଛି। ସେହିପରି କେନ୍ଦୁଝର ଡେପୁଟି ଜିଲ୍ଲାପାଳ ସୋନା ଟୁଡୁଙ୍କୁ କେନ୍ଦୁଝର ଅତିରିକ୍ତ ଜିଲ୍ଲାପାଳ ଭାବେ ବଦଳି ହୋଇଛି। ଆନନ୍ଦପୁର ଉପଜିଲ୍ଲାପାଳ ଗୋପିନାଥ କୁଅଁରଙ୍କୁ ଯାଜପୁର ଉପଜିଲ୍ଲାପାଳ ଭାବେ ବଦଳି ହୋଇଛି।




ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଓ ବାହୁଡ଼ା ଯାତ୍ରା ଅବସରରେ ଓଡ଼ିଶା ତଥା କଳାହାଣ୍ଡି ଜିଲ୍ଲାର ସମସ୍ତ ପାଠକ ପାଠିକା ଓ ଜନସାଧାରଣଙ୍କୁ 'ଏକମାତ୍ର' ସାପ୍ତାହିକ ଖବରକାଗଜ ତରଫରୁ ଅନେକ ଅନେକ ଶୁଭେଚ୍ଛା ଜଣାଉଛୁ ଓ ନିବେଦନ କରୁଛୁ କରୋନା ମହାମାରୀର ନିୟମ ପାଳନ କରନ୍ତୁ ଓ ସରକାରଙ୍କୁ ସହଯୋଗ କରନ୍ତୁ।



**ଅଭିରାମ ପ୍ରସାଦ ପଟ୍ଟନାୟକ**
ଜିଲ୍ଲା ପ୍ରତିନିଧି, କଳାହାଣ୍ଡି



ବିଶ୍ୱପ୍ରସିଦ୍ଧ ରଥ ଯାତ୍ରା ଓ ବାହୁଡ଼ା ଯାତ୍ରା ଅବସରରେ ଓଡ଼ିଶା ତଥା କଳାହାଣ୍ଡି ଜିଲ୍ଲାର ସମସ୍ତ ପାଠକ ପାଠିକା ଓ ଜନସାଧାରଣଙ୍କୁ 'ଏକମାତ୍ର' ସାପ୍ତାହିକ ଖବରକାଗଜ ତରଫରୁ ଅନେକ ଅନେକ ଶୁଭେଚ୍ଛା ଜଣାଉଛୁ ଓ ନିବେଦନ କରୁଛୁ କରୋନା ମହାମାରୀର ନିୟମ ମାନନ୍ତୁ ଓ ସରକାରଙ୍କୁ ସହଯୋଗ କରନ୍ତୁ।

**ସଞ୍ଜୟ ବେହେରା**
ସିଟି ରିପୋର୍ଟର, ଭବାନୀପାଟଣା

ବିଶ୍ୱପ୍ରସିଦ୍ଧ ରଥ ଯାତ୍ରା ଓ ବାହୁଡ଼ା ଯାତ୍ରା ଅବସରରେ ଓଡ଼ିଶା ତଥା କଳାହାଣ୍ଡି ଜିଲ୍ଲାର ସମସ୍ତ ପାଠକ ପାଠିକା ଓ ଜନସାଧାରଣଙ୍କୁ 'ଏକମାତ୍ର' ସାପ୍ତାହିକ ଖବରକାଗଜ ତରଫରୁ ଅନେକ ଅନେକ ଶୁଭେଚ୍ଛା ଜଣାଉଛୁ ଓ ନିବେଦନ କରୁଛୁ କରୋନା ମହାମାରୀର ନିୟମ ମାନନ୍ତୁ ଓ ସରକାରଙ୍କୁ ସହଯୋଗ କରନ୍ତୁ।



**ନରେନ୍ଦ୍ର କୁମାର ଦାସ**
ରିପୋର୍ଟର, ଲାଞ୍ଜିଗଡ଼


# ମୟୂରଭଞ୍ଜର ଗର୍ବ ଓ ଗୌରବ ଏମପିସି କଲେଜ



**ବାରିପଦା, (ବିଜୁ ସିଂ) :** ମୟୂରଭଞ୍ଜ ଜିଲ୍ଲାର ସଦରମହକୁମା ବାରିପଦା ରେ ଥିବା ମହାରାଜା ପୂର୍ଣ୍ଣ ଚନ୍ଦ୍ର କନିଷ୍ଠ ମହାବିଦ୍ୟାଳୟ କେବଳ ଯେ ଏକ ଶିକ୍ଷାନୁଷ୍ଠାନ ତଥା ନୁହଁ । ଏହା ହେଉଛି ପ୍ରତିଟି ମୟୂରଭଞ୍ଜିଆ ଲୋକ ଙ୍କ ପାଇଁ ଗର୍ବ ଏବଂ ଗୌରବ, କାରଣ ଏହି ମହାବିଦ୍ୟାଳୟର କ୍ୟାମ୍ପସଟି ପୂର୍ବରୁ ମୟୂରଭଞ୍ଜ ଗଡ଼ ଜାତ ରାଜ୍ୟର ରାଜପ୍ରାସାଦ ଥିଲା ।ବାରିପଦା ର ବଡ଼ ଜଗନ୍ନାଥ ମନ୍ଦିର ପରେ ପରେ ଏହି ରାଜପ୍ରସାଦ ଟି ମଧ୍ୟ ବାରିପଦା ସହରର ଏକ ବହୁ ପୁରାତନ ଐତିହ୍ୟ। ହରିପୁର ଗଡ଼ରୁ ମୟୂରଭଞ୍ଜ ରାଜଧାନୀ ବାରିପଦାକୁ ଉଠି ଆସିବା ପରେ ପ୍ରାୟ ଛଅ ପୁରୁଷ ଧରି ଭଞ୍ଜ ବଂଶୀୟ ମହାରାଜା ମାନେ ଏହି ବିଶାଳ ରାଜପ୍ରସାଦଟିକୁ ନିଜର ରାଜବାଟୀ ରୂପେ ବ୍ୟବହାର କରିଥିଲେ। ଏହି ରାଜବାଟୀ ରାଜ ଦରବାରରେ ମହାରାଜା ମାନେ ବସି ମୟୂରଭଞ୍ଜ ରାଜ୍ୟକୁ ଶାସନ କରୁଥିଲେ , ବିଭିନ୍ନ ଜନ କଲ୍ୟାଣ କାରୀ ଯୋଜନା ର ଖସଡ଼ା ପ୍ରସ୍ତୁତ କରୁ ଥିଲେ, ରାଜ୍ୟକୁ ସୁରୁଖୁରୁରେ ଚଲେଇବା ପାଇଁ ବିଭିନ୍ନ ବିଜ୍ଞ ଓ ସମ୍ମାନସ୍ପଦ ବ୍ୟକ୍ତି ଙ୍କ ସହ ମନ୍ତ୍ରଣା କରୁ ଥିଲେ , ପୁଣି ଏହାରି ପ୍ରାଙ୍ଗଣରେ ବସି ମୟୂରଭଞ୍ଜ ର ବିଶ୍ୱପ୍ରସିଦ୍ଧ ଛଉ ନୃତ୍ୟ କୁ ଉପଭୋଗ କରୁ ଥିଲେ । ଏବେ ନାହିଁ ଆଉ ରାଜ ତନ୍ତ୍ର କି ନାହିଁ ଆଉ ରାଜ ଦରବାର। ମୟୂରଭଞ୍ଜର ଏହି ଅନନ୍ୟ କୀର୍ତ୍ତି ଏବେ ରୂପ ନେଇଛି ମହାରାଜ ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟ ରୂପରେ। ମୟୂରଭଞ୍ଜର ପୂର୍ବ ଗରିମାମୟ ଇତିହାସ କୁ ନିଜର ବକ୍ଷ ରେ ରଖି ଦଣ୍ଡାୟମାନ ଥିବା ଏହି ରାଜ ପ୍ରସାଦଟି ଆଜି ବି ହଜାର ହଜାର ପିଲାଙ୍କୁ ନିଜ କୋଳରେ ଶିକ୍ଷା ଗ୍ରହଣ କରିବାର ସୁଯୋଗ ଦେଇ ମୟୂରଭଞ୍ଜ ମାଟିର ସେବା କରିଚାଲିଛି। ମହାରାଣୀ ସୁମିତ୍ରା ଦେବୀ ରାଜା ଦାମୋଦର ଭଞ୍ଜଙ୍କ ପରେ ମୟୂରଭଞ୍ଜ ର ଶାସନ ଭାର ଗ୍ରହଣ କରି ଥିଲେ । ରାଜା ଦାମୋଦର ଭଞ୍ଜ ନିଃସନ୍ତାନ ଥିବାରୁ ତାଙ୍କର ମୃତ୍ୟୁ ପୂର୍ବରୁ ପାଟରାଣୀ ସୁମିତ୍ରା ଦେବୀଙ୍କୁ ନିଜର ଉତ୍ତରାଧିକାରୀ ରୂପେ ସ୍ୱୀକୃତି ଦେଇ ଥିଲେ ତେଣୁ ତାଙ୍କ ମୃତ୍ୟୁ ପରେ ମହାରାଣୀ ସୁମିତ୍ରା ଦେବୀ ୩୫ ବର୍ଷ ବୟସରେ ମରହଟ୍ଟା ଫୌଜଦାର ଓ ତାଙ୍କ ଅଧିନସ୍ଥ ସମସ୍ତ ଜମିଦାରଙ୍କ ଉପସ୍ଥିତିରେ ସିଂହାସନ ଆରୋହଣ କରିଥିଲେ। ମହାରାଣୀ ସୁମିତ୍ରା ଦେବୀ ବାସ୍ତବରେ ଏକ ଘଡି ସନ୍ଧି ମୁହୂର୍ତ୍ତରେ ମୟୂରଭଞ୍ଜର ଶାସନ ଭାର ନିଜ ହାତକୁ ନେଇଥିଲେ । ଭାରତ ବର୍ଷରେ ଦେଶୀୟ ଶକ୍ତି ର ଲୋପ ଓ ଇଂରେଜ ଇଷ୍ଟ ଇଣ୍ଡିଆ କମ୍ପାନୀ ର ପ୍ରଭୃତ ବିସ୍ତାର ଭଳି ଏକ ରାଜନୈତିକ ସ୍ତରୀୟ ସତା ପରିବର୍ତ୍ତନ ସମୟରେ ସେ ମୟୂରଭଞ୍ଜ ର ସିଂହାସନ ଆରୋହଣ କରି ଥିଲେ । ସେତେ ବେଳେ ମରହଟ୍ଟା ମାନେ ଭୋନସଲାଙ୍କ ଅଧୀନରେ ଓଡିଶାକୁ ଶାସନ କରୁଥିଲେ ମଧ୍ୟ ସେମାନଙ୍କର ସାମରିକ ବଳ ଯଥେଷ୍ଟ ନ ଥିଲା । ଇଂରେଜ ଗଭର୍ଣ୍ଣର୍ ଜେନେରାଲ ଲର୍ଡ଼ ୱେଲେସଲୀ ସେତେ ବେଳେ ନିଜର ବିସ୍ତାର ବାଦୀ ନୀତି ପାଇଁ ଚର୍ଚ୍ଚିତ ଥିଲେ। ମରହଟ୍ଟା ମାନେ ସାମରିକ ଦୃଷ୍ଟିରୁ ଦୁର୍ବଳ ଥିବାରୁ ତାଙ୍କ ଅଧୀନ କରଦ ରାଜ୍ୟ ଗୁଡ଼ୁକି ନିଜ ଅଧିନକୁ ନେବା ପାଇଁ ୱେଲେସଲି ଏକ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରି ଥିଲେ । ସୀମାନ୍ତବର୍ତ୍ତୀ ରାଜ୍ୟ ହୋଇ ଥିବାରୁ ମୟୂରଭଞ୍ଜ ରାଜ୍ୟ ର୍ ଗୁରୁତ୍ୱ ବହୁ ଅଧିକ ରହିଥିଲା । ମରହଟ୍ଟା ଅଧୀନରେ ଥିଲେ ମଧ୍ୟ ମେଦିନୀପୁର କଲେକ୍ଟରଙ୍କ ସହ ମହାରାଣୀଙ୍କ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଥିଲା। ଇଂରେଜ ଓ ମରହଟ୍ଟା ମାନଙ୍କର ଏହି ସାମ୍ରାଜ୍ୟବାଦୀ ଶୀତଳ ଯୁଦ୍ଧ ସମୟରେ ମହାରାଣୀ ନିଜର ବିଚକ୍ଷଣ ପାରଦର୍ଶିତା ଦେଖାଇ ମୟୂରଭଞ୍ଜ ରାଜ୍ୟ କୁ ଉନ୍ନତି ପଥରେ ଅଗ୍ରସର କରାଇଥିଲେ। ମୌଳିକ ସ୍ତରରେ ନୂତନ ରାଜଧାନୀ ବାରିପଦାରେ ଏକ ନୂତନ ରାଜପ୍ରାସଦ ନିର୍ମାଣ କରି ଆଧୁନିକ ବାରିପଦା ସହର ର ଭିତ୍ତିପ୍ରସ୍ତର ସ୍ଥାପନ କରି ଥିଲେ।

## ରଥଯାତ୍ରା ଅବସରରେ ଖାଦ୍ୟ ବାଣ୍ଟିଲେ କେନ୍ଦ୍ରମନ୍ତ୍ରୀ



**ପୁରୀ :** କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ଦିନ ପୁରୀରେ ଲକ୍ଷାଧିକ ଭକ୍ତଙ୍କ ସହ ରଥଯାତ୍ରାରେ ସାମିଲ ହୋଇ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ଓଡ଼ିଶାବାସୀଙ୍କ ପାଇଁ ମଙ୍ଗଳ କାମନା କରିଛନ୍ତି। ସେହିପରି ରଥଯାତ୍ରା ଅବସରରେ ଏକ ଭିଡିଓ ବାର୍ତ୍ତା ଜାରି କରି ଓଡ଼ିଶାର ଜନସାଧାରଣଙ୍କୁ ଶ୍ରୀଜଗନ୍ନାଥ ସଂସ୍କୃତି ଏବଂ ଓଡ଼ିଆ ପରମ୍ପରାକୁ ବିଶ୍ୱବାସୀଙ୍କ ପାଖରେ ପହଞ୍ଚାଇବା ପାଇଁ ଉଦ୍ୟମ କରିବାକୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ ବଡଦାଣ୍ଡରେ ଭକ୍ତଙ୍କୁ ଖାଦ୍ୟ ବାଣ୍ଟିଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ବଡ଼ଦାଣ୍ଡରେ ଆଧ୍ୟାତ୍ମିକ ପରିବେଶ ଭିତରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସହ ମହାଆନନ୍ଦରେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥକୁ ଟାଣିବାର ସୌଭାଗ୍ୟ ପାଇଲି । ତାଙ୍କ ଡୋରି ଲାଗିଲେ ହିଁ ଏଭଳି ଯାତ୍ରାକୁ ଦେଖିବାର ସୁଯୋଗ ମିଳେ। ରଥଯାତ୍ରା ହେଉଛି, ସବୁ ଓଡ଼ିଆଙ୍କ ଭାବାବେଗର ମହାନ ପର୍ବ। ମହାପ୍ରଭୁଙ୍କ ସହ ଲକ୍ଷ ଲକ୍ଷ ଭକ୍ତଙ୍କ ଗହଣରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଭକ୍ତିପୂର୍ଣ୍ଣ ପରିବେଶରେ ଏକାକାର ହେବାର ଅନନ୍ୟ ଯାତ୍ରା ହେଉଛି ଘୋଷଯାତ୍ରା। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ମନ୍ କି ବାତ୍'ରେ ପୁରୀର ପ୍ରସିଦ୍ଧ ରଥଯାତ୍ରା ଉପରେ ଆଲୋଚନା କରିଥିବା କହିଛନ୍ତି।






# ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲରେ ଘୋଷଯାତ୍ରା



**ଭୁବନେଶ୍ୱର :** ଶ୍ରୀଜଗନ୍ନାଥଙ୍କ ପ୍ରସିଦ୍ଧ ଓ ପବିତ୍ର ରଥଯାତ୍ରା ର ମହତ୍ୱ କୁ ବୁଝିବା ଓ ଏହାକୁ ଅନୁଭବ କରିବା ପାଇଁ ମଳିପଡ଼ା ସ୍ଥିତ ଶ୍ରୀକ୍ରିଷ୍ଣା ଇଣ୍ଟରନାସନାଲ ସ୍କୁଲ ପ୍ରାଙ୍ଗଣରେ ବହୁ ଆଡମ୍ବରରେ 'ରଥଯାତ୍ରା' ପର୍ବ ପାଳନ କରା ଯାଇଥିଲା । ବିଦ୍ୟାଳୟର ଅଧକ୍ଷ ଡ଼.ସ୍ୱରୂପା ନନ୍ଦ ମିଶ୍ର ରଥଯାତ୍ରାର ମହତ୍ୱ ବିଷୟ ରେ ପିଲାମାନଙ୍କୁ ବୁଝାଇଥିଲେ ଓ ସମସ୍ତଙ୍କୁ ଏହି ମହାନ ଯାତ୍ରାର ମର୍ମ ବିଷୟରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଚେୟାରମ୍ୟାନ ପବିତ୍ର ରାଉତରାୟ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକଶିକ୍ଷୟତ୍ରୀ ମାନଙ୍କୁ ଶୁଭେଚ୍ଛା ବାର୍ତ୍ତା ଦେବା ସଙ୍ଗେ ସଙ୍ଗେ ଭାଇଚାରା ଭାବକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ପରାମର୍ଶ ଦେଇଥିଲେ। ରଥଯାତ୍ରା ଆମ ଓଡିଶା ତଥା ସାରା ବିଶ୍ୱର ଏକ ମହାନ ପର୍ବ। ଏହା ଆମ ସମସ୍ତଙ୍କର ହୃଦୟଙ୍ଗମ ହୋଇସାରିଥିଲେ ମଧ୍ୟ ମହାନ ଦେବତା ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମାସୁଭଦ୍ରାଙ୍କ ଜ୍ୱର ରୁ ସୁସ୍ଥ ହେବାପରେ ଆତ୍ମୀୟସ୍ୱଜନ ମାନଙ୍କୁ ଭେଟିବାର ପରମ୍ପରା ଏକ ଅଲୌକିକ ଉଦାହରଣ ସୃଷ୍ଟି କରିଥାଏ ବୋଲି ଚେୟାରମ୍ୟାନ ପବିତ୍ର ରାଉତରାୟ ତାଙ୍କ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ସାମ୍ନାକୁ ବଡଦାଣ୍ଡର ଭାବନା ସୃଷ୍ଟି କରାଯାଇ ପିଲାମାନଙ୍କ ଦ୍ୱାରା ଏକ ସୁସଜ୍ଜିତ ରଥରେ ତିନି ଠାକୁରଙ୍କୁ କ୍ରିଷ୍ଣାପୁରୀ କଲୋନୀ ସ୍ଥିତ ମାଉସୀ ମା' ମନ୍ଦିର ପର୍ଯ୍ୟନ୍ତ ସମସ୍ତଙ୍କ ସହଯୋଗରେ ଟଣାଯାଇଥିଲା। ପିଲାମାନଙ୍କ ମଧ୍ୟରେ ରାଜା, ବଡପଣ୍ଡା ଓ ସେବାୟତ ବେଶରେ ସଜ୍ଜିତ ହୋଇ ଛେରା ପହଁରା, ନୀତିକାର୍ଯ୍ୟ ଆଦି ସମ୍ପନ୍ନ କରାଯାଇଥିଲା। ଘଣ୍ଟ , ହୁଳହୁଳି ଓ ହରିବୋଲ ଶବ୍ଦରେ କିଛି ସମୟ ପାଇଁ ବିଦ୍ୟାଳୟରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସମସ୍ତେ ଜୟ ଜୟ ଧ୍ୱନି ରେ ରଥ ଟାଣି ଖୁସି ମନାଇଥିଲେ। ଏହି ପରିପ୍ରେକ୍ଷୀରେ ପିଲାମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ, ଶ୍ରୀଜଗନ୍ନାଥଙ୍କ ଜଣାଣ ଓ ଭଜନ, ଉତ୍ସବକୁ ଆହୁରି ହୃଦୟସ୍ପର୍ଶୀ କରି ତୋଳିଥିଲା। ଏହି ଉତ୍ସବରେ ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ବିଦ୍ୟାଳୟକୁ ସୁନ୍ଦର ଭାବେ ସଜାଇଥିଲେ ଏବଂ ପାଖା ପାଖି ହଜାର ହଜାର ଭକ୍ତ ସମାଗମ ହୋଇଥିଲେ। ଶେଷରେ ବିଦ୍ୟାଳୟର ଉପାଧକ୍ଷ ଶ୍ରୀ କବିନ୍ଦ୍ର ଦାଶ ଜଗନ୍ନାଥ ସଂସ୍କୃତି ଉପରେ ସମ୍ୟକ ଧାରଣା ପୂର୍ବକ ଧନ୍ୟବାଦ ଅର୍ପଣ କରିଥିଲେ।






# ଖଣି ଓ ଇସ୍ପାତ ଏବଂ ପୂର୍ତ୍ତମନ୍ତ୍ରୀଙ୍କ ଜଗତ୍‌ସିଂହପୁର ଜିଲ୍ଲା ଗସ୍ତ



**ଜଗତ୍‌ସିଂହପୁର :** ସରକାରଙ୍କ ମନ୍ତ୍ରୀମଣ୍ଡଳ ଅଦଳବଦଳ ହେବା ପରେ ପ୍ରଥମଥର କରି ଓଡ଼ିଶାର ଖଣି ଓ ଇସ୍ପାତ ଏବଂ ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ଜଗତ୍‌ସିଂହପୁର ଗ୍ରସ୍ତ ନେଇ ବେଶ୍ ପ୍ରଶଂସିତ ହୋଇଛନ୍ତି। ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ଜଗତ୍‌ସିଂହପୁର ସାଂସଦ ଡା ରାଜଶ୍ରୀ ମଲ୍ଲିକ୍, ସରକାରଙ୍କ ମୁଖ୍ୟସଚେତକ ତଥା ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଓ ଜିଲ୍ଲାପରିଷଦ ସଭାପତି ମନୋଜ କୁମାର ଭୋଇ ପ୍ରମୁଖ ଉପସ୍ଥିତ ଥାଇ ସମୀକ୍ଷା ବୈଠକରେ ଯୋଗଦେଇଥିଲେ । ମନ୍ତ୍ରୀ କଟକ-ପାରାଦ୍ୱୀପ ରାସ୍ତାରେ ଆସି ପ୍ରଥମେ ରଘୁନାଥପୁର ବ୍ଲକ୍‌ର ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ସାସଂଦ ଡା. ମଲ୍ଲିକଙ୍କ ସମର୍ଥକମାନେ ଏକ ଶୋଭାଯାତ୍ରାରେ ଜଇପୁର ପର୍ଯ୍ୟନ୍ତ ପାଛୋଟି ନେଇଥିଲେ । ଜଇପୁରଠାରେ ପହଞ୍ଚି ମହାନଦୀ ଉପରେ ନିର୍ମାଣ ହେଉଥିବା ଜଇପୁର-କଟିକଟା ବ୍ରିଜ୍ ନିର୍ମାଣ କାର୍ଯ୍ୟରେ ଅଗ୍ରଗତି ସମ୍ପର୍କରେ ଆଲୋଚନା କରି ପାରାଦ୍ୱୀପରେ ବହୁମୁଖୀ ଇନଡୋର ହଲ ପରିଦର୍ଶନ କରିଥିଲେ । ପରେ ପରେ ଜଗତ୍‌ସିଂହପୁର ସଦରମହକୁମାଠାରେ ଜିଲ୍ଲା ମୁଖ୍ୟଚିକିତ୍ସାଳୟରେ ନିର୍ମାଣ ହେଉଥିବା ଏସ୍.ସି.ଏଚ୍. କୋଠା ପରିଦର୍ଶନ କରି ଆଳିପିଙ୍ଗଳଠାରେ ଆଳିପିଙ୍ଗଳ-ଖଇରା ରାସ୍ତାର ଶୁଭ ମଧ୍ୟ ଦେଇଥିଲେ । ମନ୍ତ୍ରୀଙ୍କ ସମୀକ୍ଷା ବୈଠକରେ ଯୋଗଦେଇ ସାସଂଦ ଡା ମଲ୍ଲିକ କହିବା ଛଳରେ କହିଥିଲେ ଯେ, ମନ୍ତ୍ରୀଙ୍କ ଏପରି ଗ୍ରସ୍ତ ଆମ ଜିଲ୍ଲା ତଥା ପାରାଦ୍ୱୀପ ପ୍ରତି ଏକ ଶୁଭଙ୍କର ଦିନ । ମନ୍ତ୍ରୀ ଚାହିଁଲେ ଜଗତ୍‌ସିଂହପୁର ଜିଲ୍ଲା ଏକ ଇସ୍ପାତ ନଗରୀ ଭାବେ ପରିଗଣିତ ହୋଇପାରିବ। ସେହିପରି ସରକାରୀ ମୁଖ୍ୟସଚେତକ ଶ୍ରୀ ମୁଦୁଲି ଜିଲ୍ଲାର ବିଭିନ୍ନ ରାସ୍ତା ଓ ଗୃହ ନିର୍ମାଣ କାର୍ଯ୍ୟସବୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ଉପସ୍ଥିତ ଥିବା ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ସାହୁ, ପୂର୍ତ୍ତବିଭାଗ ଅଧିକ୍ଷଣ ଯନ୍ତ୍ରୀ ନିମାଇଁ ଚରଣ ଦାସ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।


Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**